

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ରବିବାର ୧୧ ମଇ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 11 MAY 2025
Vol.No. 36 ■ No.123 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ପ୍ରକାଶ ପାଇଛି
ବିଷୁବ ସଂଖ୍ୟା
ସାଗରିକା
ଏବେଠାରୁ
ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...
website : sagarika.in.net

# ବିଦେଶ ସଚିବଙ୍କ ବଡ଼ ଘୋଷଣା: ଭାରତ ଓ ପାକିସ୍ତାନ ମଧ୍ୟରେ ଯୁଦ୍ଧ ବିରତି

## ମେ ୧୨ ତାରିଖ ଦିନ ୧୨ଟାରେ ପୁଣି ଭାରତ-ପାକ୍ ଆଲୋଚନା




ନୂଆଦିଲ୍ଲୀ, ୧୦/୫ : ଭାରତ ଓ ପାକିସ୍ତାନ ମଧ୍ୟରେ ବିବାଦ ଚରମସୀମାରେ ପହଞ୍ଚିଥିବା ବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବଡ଼ ଦାବି କରିଛନ୍ତି । ଉଭୟ ଭାରତ ଓ ପାକିସ୍ତାନ ତୁରନ୍ତ ସଂପୂର୍ଣ୍ଣ ଅସ୍ତ୍ରବିରତି ପାଇଁ ରାଜି ହୋଇଥିବା ଟ୍ରମ୍ପ ଏକ୍ସରେ ପୋଷ୍ଟ କରିଛନ୍ତି । ସେ ଏକ୍ସରେ କହିଛନ୍ତି ଯେ "ଆମେରିକା ମଧ୍ୟସ୍ଥତାରେ ରାତିତମାମ ହୋଇଥିବା ଆଲୋଚନା ପରେ ମୁଁ ବେଶ ଉତ୍ସାହ ଓ ଖୁସିର ସହ ଘୋଷଣା କରୁଛି ଯେ ଭାରତ ଓ ପାକିସ୍ତାନ ତୁରନ୍ତ ସଂପୂର୍ଣ୍ଣ ଅସ୍ତ୍ରବିରତି ପାଇଁ ରାଜି ହୋଇଛନ୍ତି । ଦୁଇ ଦେଶ ନିଜର ସାଧାରଣ ଜ୍ଞାନ ବ୍ୟବହାର କରିଥିବାରୁ ମୁଁ ଉଭୟଙ୍କୁ ଶୁଭେଚ୍ଛା ଜଣାଉଛି । ଏହି ପ୍ରସଙ୍ଗରେ ଆପଣ ଧ୍ୟାନ ଦେଇଥିବାରୁ ଧନ୍ୟବାଦ ।" ଟ୍ରମ୍ପଙ୍କ ଘୋଷଣା ପରେ ବୈଦେଶିକ ସଚିବ ବିକ୍ରମ ମିସ୍ରି ମଧ୍ୟ ସାମ୍ବାଦିକ ସମ୍ମିଳନୀ କରି ଅସ୍ତ୍ରବିରତି ଆଜି ସନ୍ଧ୍ୟା ୫ଟାରୁ ଲାଗୁ ହୋଇଥିବା କଥା ସ୍ପଷ୍ଟ କରିଛନ୍ତି । ସେ କହିଛନ୍ତି, ଆଜି ଭାରତ-ପାକିସ୍ତାନ ମଧ୍ୟରେ ଅସ୍ତ୍ରବିରତି ପାଇଁ ସହମତି ହୋଇଛି । ଭାରତୀୟ ସମୟ ଆଜି ସଂଧ୍ୟା ୫ଟାରୁ ଅସ୍ତ୍ରବିରତି ଲାଗୁ ହୋଇଛି । ଜଳ, ସ୍ଥଳ ଓ ଆକାଶ ପଥରେ ଆକ୍ରମଣ ନ କରିବାକୁ ଉଭୟ ଦେଶ ରାଜି ହୋଇଛନ୍ତି । ଉଭୟ ଦେଶ ଅସ୍ତ୍ରବିରତି ପାଇଁ ରାଜି ହୋଇଛନ୍ତି ବୋଲି ସେ ସ୍ପଷ୍ଟ କରିଛନ୍ତି । ସେ ଆହୁରି କହିଛନ୍ତି ଯେ ଦୁଇ ଦେଶର ଡିଜିଏମଓ ସ୍ତରୀୟ କଥାବାର୍ତ୍ତା ହୋଇଥିଲା । ଆଜି ଅପରାହ୍ନ ୩ଟା ୩୦ରେ ଡିଜିଏମଓ ସ୍ତରୀୟ ଆଲୋଚନା ହୋଇଥିଲା । ଏହାପରେ ଅସ୍ତ୍ରବିରତି ପାଇଁ ସହମତି ପ୍ରକାଶ ପାଇଛି ।

▶▶ପୃଷ୍ଠା ୭

# ଅସ୍ତ୍ରବିରତି ଉଲ୍ଲଙ୍ଘନ କଲା ପାକିସ୍ତାନ: ଜମ୍ମୁ କାଶ୍ମୀରରେ ପ୍ରବଳ ଗୁଳିବର୍ଷା

ଶ୍ରୀନଗର, ୧୦/୫: ପୁଣି ଅସ୍ତ୍ରବିରତି ଉଲ୍ଲଙ୍ଘନ କଲା ପାକିସ୍ତାନ । ସୀମାରେ ଗୁଳିବର୍ଷା କରୁଛି ପାକିସ୍ତାନ । ପୁଣି ସୀମା ପଟୁ ଆରମ୍ଭ ହେଲା ଗୁଳି ବର୍ଷଣ ସହ ଡ୍ରୋନ୍ ଆକ୍ରମଣ । ଜାମ୍ମୁକାଶ୍ମୀରର ବିଭିନ୍ନ ସେକ୍ଟରରେ ପାକିସ୍ତାନ ଗୁଳିମାଡ କରିଥିବା ସୂଚନା । ତେବେ ଅଖନୁର, ଆରଏସପୁରା, ଚାମ୍ବା, ଭିମବର ଆଜି ଅଞ୍ଚଳରେ ପାକିସ୍ତାନ ପଟୁ ଗୁଳିମାଡ ହେଉଛି । ଖାଲି ସେତିକି ନୁହେଁ ଡ୍ରୋନ ଆକ୍ରମଣ ମଧ୍ୟ ହେଉଥିବା ସ୍ଥାନୀୟ ଲୋକେ କହିବା ସହ କାଶ୍ମୀର ଉପତ୍ୟାକାରେ ପ୍ରବଳରୁ ପ୍ରବଳ ଡ୍ରୋନ ଆକ୍ରମଣ ହେଉଥିବା ଜାମ୍ମୁ କାଶ୍ମୀର ପୋଲିସ ପକ୍ଷରୁ ସୂଚନା ମିଳିଛି । ସେପଟେ ଆଜି ଭାରତ-ପାକିସ୍ତାନ ଭିତରେ ଅସ୍ତ୍ରବିରତି ନେଇ ଘୋଷଣା ହୋଇଥିଲା । ଲଗାତାର ଦୁଇ ଦେଶ ଭିତରେ ଉତ୍ତେଜନା ସ୍ଥିତିରେ ଶେଷରେ ପୂର୍ଣ୍ଣଚ୍ଛେଦ ପଡିଥିଲା । ସନ୍ଧ୍ୟା ୫ଟାରୁ ଅସ୍ତ୍ରବିରତି ଲାଗୁ ହୋଇଥିବା ବେଳେ ପୁଣି ଏବେ ଅସ୍ତ୍ରବିରତି ଉଲ୍ଲଂଘନ ନେଇ ଖବର ଆସୁଛି । ଯାହାର କଡା ଜବାବ ଦେଉଛନ୍ତି ଭାରତୀୟ ଯବାନ ।

# ଭାରତ ସରକାରଙ୍କ ବଡ଼ ନିଷ୍ପତ୍ତି : ଏଣିକି ଆତଙ୍କୀ କାର୍ଯ୍ୟ କଲେ ଯୁଦ୍ଧ



ନୂଆଦିଲ୍ଲୀ, ୧୦/୫ : ଭାରତ – ପାକିସ୍ତାନ ଭିତରେ ଜାରି ରହିଥିବା ଯୁଦ୍ଧ ପରିସ୍ଥିତିକୁ ନେଇ ଭାରତ ସରକାର ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି । ସରକାର ନିଷ୍ପତ୍ତି ନେଇଛନ୍ତି ଯେ ଭବିଷ୍ୟତରେ ଯଦି କୌଣସି ଆତଙ୍କୀ ଘଟଣା ଘଟୁଛି ତା'ହେଲେ ତାହାକୁ ଆକ୍ଟ ଅଫ୍ ୱାର ଅର୍ଥ

▶▶ପୃଷ୍ଠା ୭

# ବଢ଼ିଲା ସତର୍କତା: ପାକ୍ ସୀମାରେ ରାତିରେ ଚାଲିବ ନାହିଁ ଟ୍ରେନ

ନୂଆଦିଲ୍ଲୀ, ୧୦।୫: ପହଲଗାମ୍ ଆକ୍ରମଣର ପ୍ରତିଶୋଧ ନେବାକୁ ଯାଇ ମେ' ୭ରେ 'ଅପରେଶନ୍ ସିନ୍ଦୂର' ପରଠୁ ଭାରତ- ପାକିସ୍ତାନ ମଧ୍ୟରେ ଉତ୍ତେଜନା ଚରମସୀମାରେ ପହଞ୍ଚିଛି । ଏଭଳି ସ୍ଥିତିରେ ଶନିବାର ରେଳବିଭାଗ ପକ୍ଷରୁ ବଡ଼ ନିଷ୍ପତ୍ତି ନିଆଯାଇଛି । ଜମ୍ମୁ ଏବଂ ପଞ୍ଜାବର ପାକିସ୍ତାନ ସୀମା ସଂଲଗ୍ନ ଅଞ୍ଚଳରେ ରାତିରେ ଟ୍ରେନ ଚଳାଚଳ ଉପରେ ବଡ଼ ପଦକ୍ଷେପ ନିଆଯାଇଛି । ରାତିରେ ପାକିସ୍ତାନ ସହିତ ଜମ୍ମୁ ଏବଂ ପଞ୍ଜାବର ସୀମାବର୍ତ୍ତୀ ଅଞ୍ଚଳକୁ ଯାଉଥିବା ଟ୍ରେନଗୁଡ଼ିକୁ ବନ୍ଦ କରିବାକୁ ରେଳ ବିଭାଗ ନିଷ୍ପତ୍ତି ନେଇଛି । ମିଳିଥିବା ସୂଚନା ଅନୁଯାୟୀ, ରାତିରେ ଅମୃତସର, ବଠିଣ୍ଡା, ଫିରୋଜପୁର, ଜମ୍ମୁ ଭଳି ସ୍ଥାନ ଦେଇ ଯାଉଥିବା ଟ୍ରେ ଗୁଡ଼ିକର ସମୟସୂଚୀ ଏବେ ପୁନଃନିର୍ଦ୍ଧାରିତ ହେବ । ଏହି ସ୍ଥାନଗୁଡ଼ିକ ଦେଇ ଯାଉଥିବା ଟ୍ରେନଗୁଡ଼ିକର ସମୟସୂଚୀ ପୁନଃର୍ନିଦ୍ଧାରଣ କରାଯିବ ଏବଂ ସକାଳେ ଚଳାଚଳ କରାଯିବ । ସେହି ସମୟରେ, କମ୍ ଦୂରତା ଟ୍ରେନଗୁଡ଼ିକୁ ବାତିଲ କରିବାକୁ ନିଷ୍ପତ୍ତି ନିଆଯାଇଛି । ଜୈସଲମେର ଅଞ୍ଚଳରେ ହାଇଆଲର୍ଟ ଯୋଗୁ ଜିଲା ପ୍ରଶାସନର ପରାମର୍ଶ ଅନୁଯାୟୀ ଜୈସଲମେର ଷ୍ଟେସନରେ ଟ୍ରେନ ଚଳାଚଳକୁ ସ୍ଥଗିତ ରଖାଯାଇଛି । ସୂଚନା ଯୋଗ୍ୟ, ଯେଉଁ ଟ୍ରେନ୍‌ଗୁଡିକ ରାତିରେ ସୀମାବର୍ତ୍ତୀ

▶▶ପୃଷ୍ଠା ୭

# ମିଳୁଛି ପାକିସ୍ତାନ ଛାଡ଼ିଥିବା କ୍ଷେପଣାସ୍ତ୍ରର ଖଣ୍ଡବିଖଣ୍ଡିତ ଅଂଶ

ନୂଆଦିଲ୍ଲୀ, ୧୦/୫ : ଭାରତ-ପାକିସ୍ଥାନ ଯୁଦ୍ଧ ସ୍ଥିତି ଭିତରେ ଦେଶର ବିଭିନ୍ନ ସୀମାଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥା କଡ଼ା କରାଯାଇଛି । ଅମୃତସରର ଅଟ୍ଟାରୀ ସୀମାରୁ ନେଇ ପଠାନ୍‌କୋଟର ବିଭିନ୍ନ ସୀମାରେଖା ଓ ଜମ୍ମୁର ପୁଞ୍ଚ୍, ରାଜୌରୀ ଆଦି ସୀମାରେଖାରେ ସ୍ଥିତିକୁ ନିୟନ୍ତ୍ରଣରେ ରଖାଯିବା ପାଇଁ ଓ ପାକିସ୍ତାନକୁ ମୁହଁତୋଡ଼ ଜବାବ ଦେବା ପାଇଁ ସବୁ ପ୍ରକାରର ବନ୍ଦୋବସ୍ତ କରାଯାଇଛି । ସୀମାରେ ସେନାବାହୀନୀ ପୂରା ସଜାଗ ରହିଛନ୍ତି । ସୀମାବର୍ତ୍ତୀ ଗ୍ରାମର ଗ୍ରାମବାସୀମାନେ ପୂରାପୂରି ପ୍ରସ୍ତୁତ ରହିଛନ୍ତି । ସମ୍ବେଦନଶୀଳ ଗ୍ରାମର ମହିଳା ଓ ଶିଶୁମାନଙ୍କୁ ଅନ୍ୟତ୍ର ବଙ୍କର ଭିତରକୁ ସ୍ଥାନାନ୍ତର କରାଯାଇଛି । ପାକିସ୍ତାନ ଯଦି ନିଜକୁ ନସୁଧାରେ ତା'କୁ କିଭଳି ଭାବେ ମୁହଁତୋଡ଼ ଜବାବ ଦିଆଯିବ ତା'ର ପୂରା ବନ୍ଦୋବସ୍ତ ହୋଇସାରିଛି । ପାକିସ୍ତାନର ସମସ୍ତ ଘାତକ ବିମାନ ଓ କ୍ଷେପଣାସ୍ତ୍ରକୁ ନିଷ୍କ୍ରିୟ କରୁଛନ୍ତି ଆମର ଯବାନମାନେ । ସୀମାବର୍ତ୍ତୀ ଗ୍ରାମର ଗ୍ରାମବାସୀମାନେ ପୂରାପୂରି ପ୍ରସ୍ତୁତ ରହିଛନ୍ତି । ସମ୍ବେଦନଶୀଳ ଗ୍ରାମର ମହିଳା ଓ ଶିଶୁମାନଙ୍କୁ ଅନ୍ୟତ୍ର ବଙ୍କର ଭିତରକୁ ସ୍ଥାନାନ୍ତର କରାଯାଇଛି । ପାକିସ୍ତାନ ଛାଡୁଥିବା କ୍ଷେପଣାସ୍ତ୍ରର ବିଭିନ୍ନ ଖଣ୍ଡବିଖଣ୍ଡିତ ଅଂଶ ଅମୃତସର, ଜମ୍ମୁ, ପଠାନ୍‌କୋଟ, ଆଦି ବିଭିନ୍ନ ଅଞ୍ଚଳରେ ମିଳୁଛି । ଏହାକୁ ଦେଖିବା ପରେ ଲୋକମାନଙ୍କ ମଧ୍ୟରେ ଭୟ ଓ ଉତ୍କଣ୍ଠା ବୃଦ୍ଧି ପାଇଛି ।

▶▶ପୃଷ୍ଠା ୭

# ଭାରତ ଆମ ଉପରେ ଆକ୍ରମଣ କରିନି: ତାଲିବାନ



ନୂଆଦିଲ୍ଲୀ, ୧୦/୫ : ନିଜର ମିଛ କହିବା ଅଭ୍ୟାସ ଛାଡ଼ିପାରିନାହିଁ ପାକିସ୍ତାନ । ଆଫଗାନିସ୍ତାନକୁ ନେଇ ପାକିସ୍ତାନ କହିଥିବା ମିଛର ପର୍ଦ୍ଦାଫାସ କରିଛି ଖୋଦ ତାଲିବାନ । ପାକିସ୍ତାନ ସେନା ନିଜର ସମ୍ବାଦିକ ସମ୍ମିଳନୀରେ କହିଥିଲା ଯେ ଭାରତ ଆଫଗାନିସ୍ତାନ ଉପରେ ଡ୍ରୋନ ଓ କ୍ଷେପଣାସ୍ତ୍ର ଆକ୍ରମଣ କରିଛି । କିନ୍ତୁ ଏହା ମିଛ ବୋଲି ତାଲିବାନ କହିଛି । ପାକିସ୍ତାନର ଏପରି ଦାବିକୁ ଆଫଗାନିସ୍ତାନ ମିଥ୍ୟା ବୋଲି କହିଛି ।

▶▶ପୃଷ୍ଠା ୭

# ଭାରତ ବିରୋଧରେ ଫେକ୍ ନ୍ୟୁଜ୍: ମିଛୁଆ ପାକିସ୍ତାନର ଖୋଲିଲା ପୋଲ୍



ନୂଆଦିଲ୍ଲୀ, ୧୦/୫ : ଭାରତର ପ୍ରହାରରେ ପାକିସ୍ତାନ ହାଲତ ଟାଇଟ୍ । ନିଜ ବିଫଳତା ଲୁଚାଇବାକୁ ମିଛ ପ୍ରଚାର କରୁଛି । ଭାରତ ବିରୋଧରେ ତିଆରି କରୁଛି ଫେକ୍ ନ୍ୟୁଜ । ସୋସିଆଲ୍ ମିଡିଆରେ ମିଛୁଆ ପାକିସ୍ତାନ କରୁଥିବା ମିଛ ଏଜେଣ୍ଡାର ପୋଲ୍ ଖୋଲିଛି ଭାରତ । ଗତକାଲି କିଭଳି ଯାତ୍ରୀବାହୀ ବିମାନକୁ ଢାଲ କରି ଆକ୍ରମଣରୁ ବର୍ତ୍ତିବାକୁ ଢାଲ କରିଥିଲା ତାର ପର୍ଦ୍ଦାଫାସ ହୋଇଥିଲା । ଆଜି ସୀର୍ସା ଓ ସୁରତଗଡ ଏୟାରବେସକୁ ଧ୍ୱଂସ କରିଥିବା ଫଲସ ନାରେଟିଭ ଏକ୍ସପୋଜ୍ ହୋଇଛି । ପ୍ରତିରକ୍ଷା ବିଭାଗ ପକ୍ଷରୁ ପ୍ରେସମିଟରେ ଫଟୋ ଦେଖାଇ ପାକିସ୍ତାନର ସବୁ ଦାବିକୁ ଖଣ୍ଡନ କରିଛି ଭାରତ । ଭାରତର ପ୍ରଚଣ୍ଡ ହମଲାରେ ପାକିସ୍ତାନ ମୁଣ୍ଡ ଗୋଳମାଳ । ସାଇଁସାଇଁ ଆଟାକରେ କାନମୁଣ୍ଡା ଘାଇଁଘାଇଁ ହୋଇଛି । ବାଉଳି ଚାଉଳି ହୋଇ ଫେକ୍ ପ୍ରୋଗାଗଣ୍ଡାର ସାହାରା ନେଇଛି ମିଛୁଆ ପାକିସ୍ତାନ । ନିଜ ବିଫଳତା, ଦୁର୍ବଳତା ଲୁଚାଇବାକୁ ଭାରତ ବିରୋଧରେ ତିଆରି କରୁଛି ଫେକ୍ ନ୍ୟୁଜ୍ । ପାକିସ୍ତାନ ସରକାର ଓ ମିଡିଆ ଇୟାଡୁ ସିଆଡୁ ଖବର ତିଆରି କରୁଛନ୍ତି । ସୋସିଆଲ୍ ମିଡିଆରେ ଭାଇରାଲ୍ କରୁଛନ୍ତି ଗୋଟିଏ ପରେ ଗୋଟିଏ ମିଛ ଖବର । ଯାହାର ପୋଲ୍ ଖୋଲିଛି ଭାରତୀୟ ସେନା ଓ ବୈଦେଶିକ ମନ୍ତ୍ରାଳୟ । ମିଛ କହିବାରେ ଧୂରନ୍ଧର ପାକିସ୍ତାନ କେତେ ତଳକୁ ଖସିପାରେ ତଥ୍ୟ ପ୍ରମାଣ ସହ ସାରା ବିଶ୍ୱ ଆଗରେ ରଖିଛି । ପାକିସ୍ତାନର ଫଲସ ନାରେଟିଭକୁ ଏକ୍ସପୋଜ୍ କରିଛି ଭାରତ । ଫେକ୍ ନ୍ୟୁଜ୍ ନମ୍ବର-୧ । ପାକିସ୍ତାନ କହିଥିଲା ଆଟାକ୍ କରି ସୁରତଗଡ଼ ଓ ସିର୍ସା ଏୟାରଫିଲ୍ଡକୁ ଧ୍ୱଂସ କରିଛି । ଆଜି ସେନାଧିକାରୀ କର୍ଣ୍ଣେଲ୍ ସୋଫିଆ କୁରେସୀ ପ୍ରେସମିଟରେ ଦୁଇଟିଯାକ ଏୟାରବେସ୍ ଫଟୋ ଦେଖାଇବା ପରେ ପାକିସ୍ତାନ ଗାଲକୁ ବାଜିଛି ଶକ୍ତ ଚାପୁଡା । ସୁରତଗଡ଼ ଓ ସିର୍ସା ଏୟାରବେସ୍, ରନ୍ ୱେ ସଂପୂର୍ଣ୍ଣ ସୁରକ୍ଷିତ ଅଛି । ଅଧିକାରୀ ଓ କର୍ମଚାରୀ ସ୍ୱାଭାବିକ ଭାବରେ ଭିତରକୁ ଯାଆସ କରୁଛନ୍ତି ।

▶▶ପୃଷ୍ଠା ୭

# ପାଣିପାଗ ବିଭାଗର ଆକଳନ: ମେ ୨୭ରେ କେରଳ ଛୁଇଁବ ମୌସୁମୀ

ନୂଆଦିଲ୍ଲୀ/ଭୁବନେଶ୍ୱର, ୧୦/୫ : ଚଳିତ ବର୍ଷ ଶୀଘ୍ର ଛୁଇଁ ପାରେ ମୌସୁମୀ । ଏନେଇ ପାଣିପାଗ ବିଭାଗ ତରଫରୁ ଅନୁମାନ କରାଯାଇଛି । ପାଣିପାଗ ବିଭାଗ କହିଛି ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ୨୭ ମେ' ରେ କେରଳ ପହଞ୍ଚିପାରେ । ସାଧାରଣତଃ ମୌସମୀ ଜୁନ୍ ୧ ପର୍ଯ୍ୟନ୍ତ କେରଳରେ ପହଞ୍ଚିଥାଏ କିନ୍ତୁ ଚଳିତ ଥର ମୌସୁମୀ ଶୀଘ୍ର କେରଳ ପହଞ୍ଚିବ ବୋଲି ଅନୁମାନ କରିଛି ପାଣିପାଗ ବିଭାଗ । ଯଦି ମୌସୁମୀ ୨୭ ମେ' ସୁଦ୍ଧା କେରଳରେ ପହଞ୍ଚିଯାଏ, ତେବେ ଏହା ୨୦୦୯ ପରଠାରୁ ପ୍ରଥମ ଥର ହେବ । କାରଣ ୨୦୦୯ରେ ମୌସୁମୀ କେରଳରେ ୨୩ ମେ' ରେ ପହଞ୍ଚିଥିଲା । ସାଧାରଣତଃ ଦକ୍ଷିଣ ପଶ୍ଚିମ ମୌସୁମୀ ଜୁନ୍ ୧ରେ କେରଳରେ ପହଞ୍ଚିବା ପରେ ଜୁଲାଇ ୮ ପର୍ଯ୍ୟନ୍ତ ସାରା ଭାରତରେ ବର୍ଷା ହୋଇଯାଇଥାଏ । । ୧୭ ସେପଟ୍ଟେମ୍ବରରେ ମୌସୁମୀ ଭାରତର ଉତ୍ତର ପଶ୍ଚିମ ଅଞ୍ଚଳରୁ ହଟି ଯାଇଥାଏ । ଅକ୍ଟୋବର ୧୫ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଭାବେ ଭାରତର ଉତ୍ତର ପଶ୍ଚିମ ଅଞ୍ଚଳରୁ ଫେରିଯାଇଥାଏ ।

# ରେଡ ଜୋନରେ ଉଡ଼ିବନି ଡ୍ରୋନ୍




ଭୁବନେଶ୍ୱର, ୧୦/୫ (ନି.ପ୍ର): ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇବାରେ ଲାଗିଛି । ଏହାରି ମଧ୍ୟରେ ଆଜି(ଶନିବାର) ଓଡ଼ିଶାର ସୁରକ୍ଷା ବ୍ୟବସ୍ଥାକୁ ନେଇ ବୈଠକ ବସିଥିଲା । ଏହି ବଡ଼ ଧରଣର ବୈଠକରେ ଅନେକଗୁଡ଼ିଏ ପଦକ୍ଷପ ନିଆଯାଇଛି । ବିଶେଷ କରି ରାଜ୍ୟରେ ସୁରକ୍ଷା ବ୍ୟବସ୍ଥା ସମୀକ୍ଷା କରାଯାଇଛି । ବେଆଇନ ଡ୍ରୋନ୍ ଉଡ଼ାଣ ନେଇ ବଡ଼ ନିଷ୍ପତ୍ତି ନିଆଯାଇଛି । ପୁଲିସ ଡିଜି ୱାଇ.ବି ଖୁରାନିଆ ଓ ଆଇନ ଶୃଙ୍ଖଳା ଏଡିଜି ସଞ୍ଜୟ କୁମାର ଏହି ବୈଠକରେ ଉପସ୍ଥିତ ରହିଥିଲେ । ଭାରତ ଓ ପାକିସ୍ତାନ ମଧ୍ୟରେ ଯୁଦ୍ଧ ସ୍ଥିତି ଭିତରେ ଏବେ ଇଣ୍ଟରନାଲ୍ ଡ୍ୟାମ୍, ଷ୍ଟ୍ରାଟେଜିକ୍ ଲୋକେସନ୍ ଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥା ଦ୍ୱିଗୁଣିତ କରିଦିଆଯାଇଛି । ଏହି କ୍ରମରେ ପ୍ରତିରକ୍ଷା ବାହୀନି, ସେଣ୍ଟ୍ରାଲ ଏଜେନ୍ସି ସହିତ ବି ଆଲୋଚନା କରାଯାଇଛି ।

▶▶ପୃଷ୍ଠା ୭

# ସମ୍ବଲପୁରରେ ଆଜି ସର୍ବୋଚ୍ଚ ତାପମାତ୍ରା



ଭୁବନେଶ୍ୱର, ୧୦/୫ (ନି.ପ୍ର): ରାଜ୍ୟରେ ଆଜି ରେକର୍ଡ ତାପମାତ୍ରା ଅନୁଭୂତ ହୋଇଛି । ସମ୍ବଲପୁରରେ ୪୨.୭ ଡିଗ୍ରି ପାରା ଚଢ଼ିଛି । ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏହି ସୂଚନା ଦିଆଯାଇଛି । ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି ଯେ, ହୀରାକୁଦରେ ଆଜି ତାପମାତ୍ରା ୪୧.୭ ଡିଗ୍ରି, ଝାରସୁଗୁଡ଼ାରେ ୪୧.୬ ଡିଗ୍ରି, ଭୁବନେଶ୍ୱରରେ ୪୦.୨ ଡିଗ୍ରି, ବାଲେଶ୍ୱରରେ ୩୯.୭ ଡିଗ୍ରି, ରାଉରକେଲାରେ ୩୯.୬ ଡିଗ୍ରି ଓ ଚାନ୍ଦବାଲିରେ ୩୯.୪ ଡିଗ୍ରି ରେକର୍ଡ ହୋଇଛି । ଆଜି ରାଜଧାନୀ ଭୁବନେଶ୍ୱରରେ ସର୍ବୋଚ୍ଚ ତାପମାତ୍ରା ୪୦.୨ ଡିଗ୍ରି ରେକର୍ଡ କରାଯାଇଛି । ଗତବର୍ଷ ଅପ୍ରେଲ ୫ରେ ୪୦ଡ଼ିଗ୍ରି ଅତିକ୍ରମ କରିଥବା ବେଳେ ଅପ୍ରେଲ ମାସରେ ୧୦ରୁ ଅଧିକ ଥର ୪୦ ଡ଼ିଗ୍ରିଅତିକ୍ରମ କରିଥିଲା । ଚଳିତ ବର୍ଷ କାଳବୈଶାଖୀର ପ୍ରଭାବ ହେତୁ ତାପମାତ୍ରା କମ ଥିଲା ବୋଲି ପାଣିପାଗ ବିଜ୍ଞାନୀ ଉମାଶଙ୍କର ଦାଶ କହିଛନ୍ତି ।

▶▶ପୃଷ୍ଠା ୭

# ହାତିଆଡିହା ଶିବମୁନି ଯୋଗାଶ୍ରମରେ ଶୁଭ ଜନ୍ମଦିନ ପାଳନ



ରୂପସା,୧୦/୫(ନି. ପ୍ର): ହାତିଆଡିହା ଶିବମୁନି ଯୋଗାଶ୍ରମରେ ମୁନିମତୀ ସରସ୍ୱତୀ ନନ୍ଦଙ୍କ ସୁପୁତ୍ର ଆୟୁଷ୍ମାନ ମୁନି କୁମାର କିରଣ କୁମାର ସତପଥିଙ୍କ ୧୮ତମ ଶୁଭ ଜନ୍ମଦିନ, ପ୍ରାନ୍ତୀୟ ପ୍ରଚାରସଂଗଠନ ମନ୍ତ୍ରୀ, ଜିଲ୍ଲା ସମ୍ପାଦକ, ମୁନି ସମାଜ ର ଜ୍ୟୋତି ବ୍ରହ୍ମଜ୍ଞାନୀ ଯୋଗାଚାର୍ଯ୍ୟ ଅନନ୍ତ ମୁନିଜୀଙ୍କ ସଭାପତିତ୍ୱରେ, ମହାସମାରୋହରେ ପାଳିତ ହୋଇଯାଇଛି । ମୁଖ୍ୟବକ୍ତା । ହିସାବରେ ଯୋଗଦାନ କରିଥିଲେ, ପ୍ରଚାର ସଙ୍ଗଠନ ମନ୍ତ୍ରୀ, ଆତ୍ମଜ୍ଞାନୀ ଯୋଗୀ ଚିତ୍ତରଞ୍ଜନ ମୁନିଜୀ ମହୋଦୟ । ମୁଖ୍ୟଅତିଥି ହିସାବରେ ଯୋଗଦାନ କରିଥିଲେ, ଆତ୍ମଜ୍ଞାନୀ ମୁନିରାଜ ଅମୂଲ୍ୟ ମୁନିଜୀ ମହୋଦୟ । ସମ୍ମାନୀତ ବକ୍ତା ହିସାବରେ ଯୋଗଦାନ କରିଥିଲେ, ଆଶ୍ରମର ବରିଷ୍ଠ ଯୋଗସାଧକ ଯୋଗୀ ପରମାନନ୍ଦ ମୁନିଜୀ ମହୋଦୟ, ଆଶ୍ରମର କୋଷାଧ୍ୟକ୍ଷ ଯୋଗୀ ଭିକାରୀ ଚରଣ ମୁନିଜୀ ମହୋଦୟ ଏବଂ ଯୋଗ ଶିକ୍ଷୟତ୍ରୀ କଳ୍ପନା ମିସ୍ତ୍ରୀ ମହୋଦୟା । ପ୍ରଥମେ ସମୂହ ପ୍ରଣବ,ଶୁଭଭାବନା, ବେଦପାଠ, ଶାନ୍ତି ପାଠ କରାଯାଇ ଆୟୁଷ୍ମାନ କିରଣ କୁମାରଙ୍କୁ, ତାଙ୍କର ଦୀର୍ଘ ନିରୋଗ ନିରାମୟ ଆନନ୍ଦମୟ ଜୀବନ ସହିତ, ବିଶ୍ୱର ଏକ ଆଦର୍ଶ ପ୍ରତିଷ୍ଠିତ ବ୍ୟକ୍ତିର ସମୂହ ଶୁଭ ଆଶୀର୍ବାଦ ପ୍ରଦାନ କରାଯାଇଥିଲା । ଉପସ୍ଥିତ ଥିଲେ, ଆଶ୍ରମର ଉପାଧ୍ୟକ୍ଷା ମୁନିରାଜ୍ଞୀ ଜନକଲତା ମହାପାତ୍ର, ବିମଳାଲେଙ୍କା, ସୁମତୀଦଳାଇ, ମୁନୀମତୀ ବାସନ୍ତୀ ମହାଲିକ, ମେଘମାଳା ଜେନା, ଗୌରୀ ସାହୁ,ଉର୍ମିଳା ରାଉଳ, ଜାହ୍ନବୀ ଗିରି, ବାସନ୍ତୀ ଗିରି, ନିନ ସାହୁ, ପାର୍ବତୀ ସେଠି, ମୁନି କୁମାରୀ ମିନତୀ ଦଳାଇ,ମୁନି ଶିବ ସିଂ, ଜଗଦିଶ ପରିଡା ଏବଂ ରଘୁନାଥ ବେହେରା ପ୍ରମୁଖ । ପ୍ରତିଦିନ ଯମ ନିୟମ ପାଳନ ପୂର୍ବକ ଯୋଗସାଧନ କରି ଚାଲିଲେ ଗୁରୁଜନ ତଥା ସାଧକସାଧିକା ମାନଙ୍କ ଶୁଭ ଆଶୀର୍ବାଦ ଗ୍ରହଣ କଲେ, ସମସ୍ତ ଶୁଭ ସଂକଳ୍ପ ଅଚିରେ ପୁରଣ ହୋଇ ଚାଲିବ ବୋଲି ସମସ୍ତ ବକ୍ତାମାନେ ବକ୍ତବ୍ୟରେ ମତପ୍ରକାଶ କରିଥିଲେ ।ଶେଷରେ ପରମପୂଜ୍ୟା ମାତା ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରି ଏକାତ୍ମ ସ୍ୱାଦିଷ୍ଟ ସୁସ୍ୱାଦୁ ବ୍ୟଞ୍ଜନରେ ଆପ୍ୟାୟିତ କରିଥିଲେ ।

# ରାଷ୍ଟ୍ରୀୟ ଲୋକ ଅଦାଲତ ଅବସରରେ ଅଣ ସଂକ୍ରାମକ ରୋଗ ଚିହ୍ନଟ ସ୍ୱାସ୍ଥ୍ୟ ଶିବିର

ବଲାଙ୍ଗିର, ୧୦/୫ (ନି.ପ୍ର): ରାଷ୍ଟ୍ରୀୟ ଲୋକ ଅଦାଲତ ଅବସରରେ ଅଣ ସଂକ୍ରାମକ ରୋଗ ଚିହ୍ନଟ ସ୍ୱାସ୍ଥ୍ୟ ଶିବିର ଆଜି ସିଭିଲ କୋର୍ଟ ଠାରେ ଅନୁଷ୍ଠିତ ହୋଇଯାଇଛି। ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ର କନ୍ଧପାଲି ପଡା, ବଲାଙ୍ଗୀର ଯାହା ରାଜେନ୍ଦ୍ର ଯୁବକ ସଂଘ ଦ୍ୱାରା ପରିଚାଳିତ ତରଫରୁ ଏକ ଅଣ ସଂକ୍ରାମକ ରୋଗ ଚିହ୍ନଟ ସ୍ୱାସ୍ଥ୍ୟ ଶିବିର ସିଭିଲ କୋର୍ଟ, ବଲାଙ୍ଗୀର ଠାରେ ଅନୁଷ୍ଠିତ ହୋଇଥିଲା। ଏହି ସ୍ୱାସ୍ଥ୍ୟ ଶିବିରର ମୂଳ ଉଦ୍ଦେଶ୍ୟ ଅଣ ସଂକ୍ରମକ ରୋଗର ଚିହ୍ନଟ ସହ ମାଗଣା ରକ୍ତ ପରୀକ୍ଷା, ମାଗଣା ଔଷଧ, ଜୀବନ ଶୈଳୀ ଓ ଖାଦ୍ୟପେୟ ଉପରେ ପରାମର୍ଶ ଏବଂ ମାଗଣା ଡାକ୍ତର ସେବା ସହ ଡାକ୍ତର ପରାମର୍ଶ ସେବା ଯୋଗାଇ ଦିଆଯାଇଥିଲା । ଏହି ଶିବିରରେ ସ୍ଥାନୀୟ ଆଶା କର୍ମୀ ଓ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ ଷ୍ଟାଫ ଯୋଗ ଦେଇଥିଲେ। ଏହି ସ୍ୱାସ୍ଥ୍ୟ ଶିବିରରେ ଡାକ୍ତର ନନ୍ଦ କିଶୋର ପାଢ଼ୀ , ଭୀମଭୋଇ ମେଡିକାଲ କଲେଜର ଡ଼ାକ୍ତର ଶ୍ରଦ୍ଧା ଠାକୁର ଓ ଡାକ୍ତର ଶୀତଳ ଆଚାର୍ଯ୍ୟ ଓ ରାଜେନ୍ଦ୍ର ଯୁବକ ସଂଘର ପରିଚାଳକ ରାଜେନ୍ଦ୍ର ପାଣିଗ୍ରାହୀ ଯୋଗ ଦେଇଥିଲେ। ଏହି ସ୍ୱାସ୍ଥ୍ୟ ଶିବିରଟିକୁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟାଳୟ ତରଫରୁ ଦିବ୍ୟ କିଶୋର ପତି, ଏପିଏମ ରାମାନୁଜ ପଣ୍ଡା ଯୁ ସି ଏମ ଅନିଲ କୁମାର ମହାକୁର ତଦାରଖ କରିଥିଲେ। ସ୍ୱାସ୍ଥ୍ୟ ଶିବିରରେ ୧୦୫ ରୁ ଉର୍ଦ୍ଧ ସଂଖ୍ୟକ ରୋଗୀ ଚିକିତ୍ସା ଲାଭ କରିଥିଲେ । ଉକ୍ତ ସ୍ୱାସ୍ଥ୍ୟ ଶିବିରଟି ସୁଚାରୁ ରୂପେ ପରିଚାଳିତ ହେଇଥିଲା।

# ସୋସିଆଲ ମିଡ଼ିଆର ମିଥ୍ୟା କପୋଳକଳ୍ପିତ ପୋଷ୍ଟ ପ୍ରତି ସମସ୍ତେ ସତର୍କ ରୁହନ୍ତୁ : ଓୟୁଜେ

ବାଲେଶ୍ୱର,୧୦/୫(ନି. ପ୍ର): ଜମ୍ମୁ କାଶ୍ମୀର ର ପହେଲଗାମ ରେ ୨୮ଜଣ ପର୍ଯ୍ୟଟକଙ୍କୁ ସନ୍ତ୍ରାସବାଦୀ ମାନେ ଆଖିବୁଜା ଗୁଳି ଚାଳନା କରି ନିର୍ମମ ହତ୍ୟା କରିବା ପରେ ସମଗ୍ର ଦେଶ ରେ ସନ୍ତ୍ରାସବାଦ ଦମନ ଦାବି ଜୋର ଧରିଥିଲା ।ଏହାକୁ ସମ୍ମାନ ଜଣାଇ ଭାରତ ସରକାର "ଅପରେସନ ସିନ୍ଦୂର " ଆରମ୍ଭ କରିଛନ୍ତି ।ଏହି କାର୍ଯ୍ୟକ୍ରମ ଚାଲିଥିବା ବେଳେ ସମସ୍ତ ଗଣ ମାଧ୍ୟମ ର ପ୍ରତିନିଧି ଓ ଜନସାଧାରଣ ନିଜର ବିଭିନ୍ନ ପ୍ଲାଟଫର୍ମ ଜରିଆରେ ପରିବେଷଣ କରୁଥିବା ସମ୍ବାଦ କୁ ଅତି ସତର୍କତାର ସହ ପରିବେଷଣ କରିବା ଉପରେ ଓଡ଼ିଶା ସାମ୍ବାଦିକ ୟୁନିଅନ ର ସଭାପତି ପ୍ରସନ୍ନ କୁମାର ମହାନ୍ତି ପରାମର୍ଶ ଦେଇଛନ୍ତି । ସଭାପତି ଶ୍ରୀ ମହାନ୍ତି ଙ୍କ ପରାମର୍ଶ ଅନୁସାରେ ବାଲେଶ୍ୱର ଜିଲ୍ଲା ଶାଖା ପକ୍ଷରୁ ସମସ୍ତ ସଦସ୍ୟ ଓ ଜନସାଧାରଣ ଙ୍କୁ ଏ ଦିଗରେ ଯଥେଷ୍ଟ ସଂଯମତା ରକ୍ଷା କରିବାକୁ ପରାମର୍ଶ ଦିଆଯାଇଛି ।ସୋସିଆଲ ମିଡିଆରେ ମିଥ୍ୟା ଓ କପୋଳକଳ୍ପିତ, ଉତ୍ତେଜନା ମୂଳକ ତଥ୍ୟ ପ୍ରସାରଣ କରିବା,ବିଶେଷ କରି ସାଧାରଣ ଜନତାଙ୍କୁ ଭଡକେଇବା ବା ଉସ୍କାଇବା ,ଅତ୍ୟାବଶ୍ୟକ ସାମଗ୍ରୀ ର ଅଭାବ,ଆର୍ଥିକ ସହାୟତା ନାମରେ କାର୍ଯ୍ୟ କରୁଥିବା ସମାଜ ବିରୋଧୀଙ୍କୁ ପ୍ରୋତ୍ସାହିତ ନ କରିବା ଦିଗରେ ଅଧିକ ସଂଯମତା ଅବଲମ୍ବନ କରିବାକୁ ପରାମର୍ଶ ଦିଆଯାଇଛି । ଜିଲ୍ଲା ର ଜନସାଧାରଣଙ୍କ ମଧ୍ୟରେ ଅସାମାଜିକ ବ୍ୟକ୍ତି ଙ୍କ ମିଥ୍ୟା ଓ କପୋଳକଳ୍ପିତ,ମନଗଢା ପୋଷ୍ଟ ଉପରେ ଜିଲ୍ଲା ପ୍ରଶାସନ ତୀକ୍ଷ୍ଣ ନଜର ରଖିଛି ଏବଂ ସେମାନଙ୍କ ବିରୁଦ୍ଧରେ ଅତି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପଦକ୍ଷେପ ନିଆଯାଉଛି । ବର୍ତ୍ତମାନ ସମୟରେ ସାମ୍ବାଦିକମାନେ ଅନାବଶ୍ୟକ ସୋସିଆଲ ମିଡ଼ିଆ ପୋଷ୍ଟ ବିରୁଦ୍ଧରେ ଜନମତ ସୃଷ୍ଟି କରିବା ଦିଗରେ ସକ୍ରିୟ ଭାଗିଦାରୀ ହେବା ଉପରେ ଓୟୁଜେ ବାଲେଶ୍ୱର ଜିଲ୍ଲା ଶାଖାର ସଭାପତି ଗଙ୍ଗାଧର ରାଉତ ,ବରିଷ୍ଠ ସଦସ୍ୟ ଶିଶିର କୁମାର ଦାସ, ଅନାମ ଚରଣ ପଣ୍ଡା, ରାମନାରାୟଣ ଶତପଥୀ, ବିବେକାନନ୍ଦ ଦାସ ,ଚନ୍ଦ୍ରମୋହନ ମହାପାତ୍ର, ରବୀନ୍ଦ୍ର ମହାକୁଡ, ସୁରେଶ ଚନ୍ଦ୍ର ଦାସ, ଅଜିତ କୁମାର ମହାନ୍ତି,ଲକ୍ଷ୍ମୀଧର ଗାଣ ,ହାଇଦର ଖାନ, ଅରୂପ ଦାସ,ରବି ରଞ୍ଜନ ତ୍ରିପାଠୀ, ଉତ୍କଳ ବନ୍ଧୁ ପଣ୍ଡା, ମହେଶ୍ୱର ପ୍ରଧାନ ପ୍ରମୁଖ ଏକ ପ୍ରେସ ବିବୃତି ରେ ପରାମର୍ଶ ଦେଇଛନ୍ତି ।

# ସୋନପୁର ୟୁନିଅନ ବ୍ୟାଙ୍କ ପକ୍ଷରୁ କୃଷି ପ୍ରଚାର ଶିବିର ଅନୁଷ୍ଠିତ

ସୁବର୍ଣ୍ଣପୁର,୧୦/୫(ନି. ପ୍ର): ୟୁନିଅନ ବ୍ୟାଙ୍କ୍ ଅଫ ଇଣ୍ଡିଆ ର ସୋନପୁର ରେ ଥିବା ଦୁଇ ଶାଖା ଦ୍ୱାରା କୃଷି ପ୍ରଚାର ଶିବିର ର ଆୟୋଜନ କରାଯାଇଥିଲା। ଏଥିରେ ଅତିଥି ଭାବେ ଉପ ଆଂଚଳିକ ପ୍ରମୁଖ ଶ୍ରୀ ସରୋଜ କୁମାର ମହାନ୍ତି, ଜିଲ୍ଲା ପ୍ରକଳ୍ପ ସଂଯୋଜକ ଶ୍ରୀ ବିଶ୍ୱଜିତ୍ ପରିଡ଼ା, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଶ୍ରୀ ଦୁର୍ଗା ପ୍ରସାଦ ତ୍ରିପାଠୀ, ନାବାର୍ଡ ଜିଲ୍ଲା ଉନ୍ନୟନ ପରିଚାଳକ ଶ୍ରୀ ସତ୍ୟ ସ୍ୱରୂପ ବେଦାନ୍ତ, ଏଫ୍ ଏଲ୍ ସି ସି ଶ୍ରୀଯୁକ୍ତ ଦିଲ୍ଲୀପ କୁମାର ମିଶ୍ର, ବ୍ଲକ ପ୍ରକଳ୍ପ ସଂଯୋଜକ ମିଶନ ଶକ୍ତି ଶ୍ରୀ ସଚିଦାନନ୍ଦ ବୁଡେକ୍ ଯୋଗ ଦେଇଥିଲେ। ଏହି ଶିବିର ରେ ୟୁନିଅନ୍ ବ୍ୟାଙ୍କ୍ ଅଫ ଇଣ୍ଡିଆ ତରଫରୁ ବ୍ୟାଙ୍କ୍ ରେ ଉପଲବ୍ଧ ଥିବା ବିଭିନ୍ନ କୃଷି ଭିତ୍ତିକ ଯୋଜନା ଯେପରି କିଷାନ କ୍ରେଡିଟ କାର୍ଡ, ସ୍ୱୟଂ ସହାୟକ ଗୋଷ୍ଠୀ ଋଣ, ପ୍ରାଣୀ ସମ୍ପଦ ଭିତ୍ତିକ ଋଣ (କୁକୁଡ଼ା ପାଳନ, ଗାଈ ପାଳନ, ଛେଳି ଓ ମେଣ୍ଢା ପାଳନ), କୃଷି ଯନ୍ତ୍ରପାତି ଏବଂ ଉପକରଣ ଋଣ, ଏଗ୍ରୀ ଏନ୍ଫ୍ରାଷ୍ଟ୍ରକଚର ଫଣ୍ଡ (କୃଷୀ ଭିତ୍ତି ଭୂମି ଅନୁଦାନ) ଋଣ ବିଷୟରେ ଲୋକମାନଙ୍କୁ ଅବଗତ କରାଗଲା। ଏଥିରେ ନଅ ଗୋଟି ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ମାନଙ୍କୁ ୯୦ ଲକ୍ଷ୍ୟ ଟଙ୍କା ଋଣ ମଞ୍ଜୁରୀ ପତ୍ର ପ୍ରଦାନ କରାଗଲା ।

## ଧନୁପାଲି ଶିଶୁ ବିଦ୍ୟା ମନ୍ଦିରରେ କୃତୀ ବିଦ୍ୟାର୍ଥୀଙ୍କୁ ସମ୍ବର୍ଦ୍ଧନା

ସମ୍ବଲପୁର,୧୦/୫(ନି. ପ୍ର): ସ୍ଥାନୀୟ ଧନୁପାଲି ଶିଶୁ ବିଦ୍ୟା ମନ୍ଦିର ଠାରେ ଅନୁଷ୍ଠିତ ଏକ ସଭାରେ ଛଅ ଜଣ ମେଧାବୀନୀ ଏବଂ ପ୍ରାଦେଶିକ ମେଧା ବୃତି ପଠାଣି ସାମନ୍ତ ଗଣିତ ମେଧା ବୃତି ପ୍ରାପ୍ତ କରିଥିବା ଶିଶୁ ଭାଇ ଭଉଣୀଙ୍କୁ ସମର୍ଦ୍ଧିତ କରାଯାଇଥିଲା । ଉକ୍ତ ଉତ୍ସବକୁ ବିଦ୍ୟାଳୟ ର ସଭାପତି ଡ଼. ଦେବେନ୍ଦ୍ର ପଣ୍ଡା ମହୋଦୟ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଉପସଭାପତି ଡାକ୍ତର ଝାଙ୍କର, ଯୁଗ୍ମ ସମ୍ପାଦକ ଅଭିମନ୍ୟୁ ସାହୁ, ସଂକୁଳ ପ୍ରମୁଖ ପ୍ରମୋଦ ପାଢ଼ୀ, ସଂକୁଳ ସଂଯୋଜଗ ଦିଲୀପ ପାଢ଼ୀ, ବରିଷ୍ଠ ନାଗରିକ କମିଟିର ଉପଦେଷ୍ଟା ପ୍ରଦୀପ ପଣ୍ଡା, ରାମଚନ୍ଦ୍ର ସେଠ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ସମସ୍ତ ମେଧାବୀ ବିଦ୍ୟାର୍ଥୀଙ୍କ ପିତାମାତା, ଭାରତୀ ଭଉଣୀ, ଗୁରୁଜୀ ଗୁରୁମା, ପ୍ରମୁଖ ଉପସ୍ଥିତ ଥିଲେ । ଶ୍ରୀମତୀ ସବିତା ମହାପାତ୍ର ସଭା ସଂଯୋଜନା ଏବଂ ପ୍ରଧାନ ଆଚାର୍ଯ୍ୟ ବିଭୁ ପ୍ରସାଦ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ । ବିଦ୍ୟାଳୟ ର ସମ୍ପାଦକ ଜୟ ଶଙ୍କର ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାନଙ୍କର ସମନ୍ୱୟ ସଭା ଅନୁଷ୍ଠିତ

ପୁରୀ,୧୦/୫(ନି. ପ୍ର): ରଥଯାତ୍ରାରେ ସ୍ୱେଚ୍ଛାସେବୀ ମାନଙ୍କର ସେବା ଅନନ୍ୟ ଓ ପ୍ରଶଂସନୀୟ। ବର୍ଷ ପରେ ବର୍ଷ ସେମାନେ ମହାପ୍ରଭୁଙ୍କ ପ୍ରତି ସେବା ଓ ସମର୍ପଣ ରଖି ଶ୍ରଦ୍ଧାଳୁ ମାନଙ୍କୁ ସହାୟତା ଯୋଗାଇ ଆସୁଛନ୍ତି। ଚଳିତ ରଥଯାତ୍ରାରେ ମଧ ଅନୁରୂପ ଉଲ୍ଲେଖନୀୟ ସେବା ଯୋଗାଇ ଦେବାକୁ ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ ଅନୁରୋଧ କରିଛନ୍ତି। ଆଜି ପୂର୍ବାହ୍ନରେ ଟାଉନ ହଲ ଠାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଗାମୀ ରଥଯାତ୍ରାକୁ ଶାନ୍ତି ଶୃଙ୍ଖଳାର ସହ ସମ୍ପନ୍ନ ପାଇଁ ସ୍ୱେଚ୍ଛାସେବୀ ମାନଙ୍କ ସହ ଏକ ସମନ୍ୱୟ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଭୋଇ ରଥଯାତ୍ରା ସମୟରେ ବିବିଧ କାର୍ଯ୍ୟକୁ ସୁରୁଖୁରୁରେ ପରିଚାଳନା ପାଇଁ ସମସ୍ତଙ୍କ ସହଯୋଗ ଜରୁରୀ ହୋଇଥାଏ। ତେଣୁ ସମସ୍ତେ ମିଳିମିଶି ଚଳିତ ରଥଯାତ୍ରାକୁ ସଫଳ କରିବାକୁ ଅନୁରୋଧ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ସ୍ୱଚ୍ଛାସେବୀ ଅନୁଷ୍ଠାନ ମାନେ ସେମାନଙ୍କ ଅନୁଭବ ଓ ଅଭିଜ୍ଞତାରୁ ପ୍ରଭୁଙ୍କ କାର୍ଯ୍ୟରେ ବିଭିନ୍ନ ସେବା ଯୋଗାଇ ଦେବାକୁ ଅନୁରୋଧ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଡଃ. ଶରତ ଚନ୍ଦ୍ର ମହାପାତ୍ର ରଥଯାତ୍ରା ସମୟରେ ଏକୁଟିଆ ପ୍ରଶାସନ ବା ପୋଲିସ ଲକ୍ଷ ଲକ୍ଷ ସଂଖ୍ୟାରେ ଉପସ୍ଥିତ ଶ୍ରଦ୍ଧାଳୁ ମାନଙ୍କୁ ସୁରକ୍ଷା ଓ ସୁବିଧା ଯୋଗାଇବା ସମ୍ଭବ ନୁହେଁ। ଏଥିପାଇଁ ସ୍ୱେଚ୍ଛାସେବୀ ମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ମହାପ୍ରଭୁଙ୍କ ସେବା ବୋଲି ଅନୁଭବ କରି ଆମେ ମିଳିମିଶି କାର୍ଯ୍ୟ କରିବାକୁ ସେ ଅନୁରୋଧ କରିଥିଲେ। ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଅତିରିକ୍ତ ଏସପି ସୁଶୀଲ କୁମାର ମିଶ୍ର, ଡିଆଇବି ଅତିରିକ୍ତ ଏସପି ଦେବୀ ପ୍ରସାଦ ପ୍ରତାପ, ଅତିରିକ୍ତ ଏସପି ସଚିନ ପଟେଲ, ଅତିରିକ୍ତ ଏସପି ସୌମ୍ୟ ରଞ୍ଜନ ମଲ୍ଲିକ, ସିଡିଏମଓ ଡା. ରୂପଭାନୁ ମିଶ୍ର, ଜିଲ୍ଲା ଶିକ୍ଷା ଅଧିକାରୀ ଦୀପକ କୁମାର ପାଢୀ, ସିଟି ଡିଏସପି ପ୍ରଶାନ୍ତ କୁମାର ସାହୁ, ଜିଏମ ଓ୍ୱାଟକୋ ବିକ୍ରମ ରାଉତ,ସଚିନ ପଟେଲ ପ୍ରମୁଖ ଉପସ୍ଥିତ ରହି ସ୍ୱେଚ୍ଛାସେବୀ ମାନଙ୍କ ସହ ପ୍ରତ୍ୟେକ ବିଭାଗର ସୁସମନ୍ୱୟ ସେବା କାର୍ଯ୍ୟରେ ସହାୟକ ହେବ ବୋଲି କହିଥିଲେ। ପ୍ରାରମ୍ଭରେ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ସମସ୍ତଙ୍କୁ ସ୍ୱାଗତ କରିବା ସହ ବିଗତ ବର୍ଷ ମାନଙ୍କ ଭଳି ସ୍ୱେଚ୍ଛାସେବୀ ମାନେ ଉନ୍ନତ ସେବା ଯୋଗାଇ ଦେବାକୁ ଅନୁରୋଧ କରିଥିଲେ । ପରେ ବିସ୍ତୃତ ଆଲୋଚନା ପରେ ପରିମଳ ବ୍ୟବସ୍ଥା, ସ୍ୱାସ୍ଥ୍ୟ ସେବା, ଚିକିତ୍ସା ସହାୟତା, ଆମ୍ବୁଲାନ୍ସ ସେବା, ଷ୍ଟେଚର ସେବା, ରକ୍ତ ଦାନ, ଶବ ସତ୍କାର, ଆଶୁ ଚିକିତ୍ସା କେନ୍ଦ୍ର ସ୍ଥାପନ, ପାନୀୟ ଜଳ ଯୋଗାଣ, ଟ୍ରାଫିକ ରକ୍ଷାରେ ସହାୟତା, ଶୃଙ୍ଖଳା ରକ୍ଷା, ଜଳ ସିଂଚନ, ରାସ୍ତା ଘାଟ ପରିଷ୍କାର, ଶ୍ରୀମନ୍ଦିର, ଶ୍ରୀଗୁଣ୍ଡିଚା ମନ୍ଦିର, ବଡଦାଣ୍ଡ, ସମୁଦ୍ର କୂଳ ପରିଷ୍କାର, ତୀର୍ଥ ପୁଷ୍କରିଣୀ ପରିଷ୍କାର, ବଡ଼ଦାଣ୍ଡରୁ ବୁଲା ଗାଈଗୋରୁ ଓ ଷଣ୍ଢଙ୍କୁ ହଟାଇବା, ସୂଚନା ପ୍ରଦାନ ବ୍ୟବସ୍ଥା ଓ ଉଦ୍ଧାର କାର୍ଯ୍ୟ ଇତ୍ୟାଦିକୁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାନେ ପରିଚାଳନା କରିବେ ବୋଲି ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକୁ ବିଭିନ୍ନ ସବକମିଟି ଗଠନ କରାଯାଇ ବରିଷ୍ଠ ଅଧିକାରୀ ବା ନୋଡାଲ ଅଫିସରଙ୍କ ତତ୍ତ୍ୱାବଧାନରେ ଯୋଜନାବଦ୍ଧ ଭାବେ କାର୍ଯ୍ୟ ସମ୍ପାଦନ କରାଯିବ। ଯେଉଁ କ୍ଷେତ୍ରରେ ଯେଉଁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାନଙ୍କର ଅଭିଜ୍ଞତା ରହିଛି ସେମାନେ ସେହି କ୍ଷେତ୍ରରେ କାର୍ଯ୍ୟ କରିବେ। ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ଅନ୍ୟାନ୍ୟ ବିଭାଗର ଅଧିକାରୀଙ୍କ ସହ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତା ପ୍ରମୁଖ ଯୋଗଦେଇ ବିବିଧ ପ୍ରସ୍ତାବ ମାନ ଦେଇଥିଲେ। ଶେଷରେ ଉପ ଜିଲ୍ଲାପାଳ ରାଜ କିଶୋର ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

# ଦୋଳବେଦୀ ପାଲଟିଛି ଶ୍ରୀମନ୍ଦିର କାର୍ଯ୍ୟାଳୟର ଡଷ୍ଟବିନ

ପୁରୀ,୧୦/୫(ନି. ପ୍ର): ପବିତ୍ର ଦୋଳବେଦୀ ପରିସର ଏବେ ଶ୍ରୀମନ୍ଦିର କାର୍ଯ୍ୟାଳୟର ଡଷ୍ଟବିନ ପାଲଟିଥିବା ଅଭିଯୋଗ ହେଉଛି । ପୁରୁଣା ବହି, ଖାତା, ଜରି ଫାଇଲ, ଚିଠି ପାର୍ସଲ, ନୋଟ ପ୍ୟାଡ଼, ଅର୍ଡର ସିଟ, ଗୋଳେଇ ସିଲବାଜିଥିବା କାଗଜାତ ଆଦି ଅନେକ କାଗଜ ଆଜି ସକାଳୁ ପଡ଼ିଥିବା ଦେଖିବାକୁ ମିଳିଛି। କିଛିଦିନ ତଳେ ଶ୍ରୀମନ୍ଦିର କାର୍ଯ୍ୟାଳୟ ଛାତ ଉପରେ ଏଭଳି ନଥିପତ୍ର ପଡ଼ିଥିବା ଦେଖିବାକୁ ମିଳିଥିଲା । ସାଧାରଣ ଜନତା ପ୍ରଶ୍ନ କରିଛନ୍ତି ଯେ ଏହି ସବୁ ଫାଇଲ ଏଣେତେଣେ ପକାଇବାର ଭିତିରି ଉଦ୍ଦେଶ୍ୟ କଣ ? ଶ୍ରୀମନ୍ଦିର କାର୍ଯ୍ୟାଳୟ ଏକ ପବ୍ଲିକ ଅଫିସ । ବିଭିନ୍ନ କାର୍ଯ୍ୟ ପାଇଁ ଜନସାଧାରଣ ଏହି କାର୍ଯ୍ୟାଳୟକୁ ଯାଇଥାନ୍ତି । ଶ୍ରୀଜଗନ୍ନାଥଙ୍କ କୋଟି କୋଟି ଟଙ୍କାର ଜମିଜମା ଫାଇଲ ରହିଛି । ପୁରୀ ସହରରେ ଗୃହ ନିର୍ମାଣ ପାଇଁ ଶ୍ରୀମନ୍ଦିର କାର୍ଯ୍ୟାଳୟ ଏନଓସି ଦେଉଛି । ପବ୍ଲିକ ଅକଶନ ନୋଟିସ କରାଯାଇ ଏହାକୁ ସର୍ବସାଧାରଣରେ ବିକ୍ରି କିମ୍ବା ନଷ୍ଟ କରିବା ବିଧି ରହିଛି । ଏହି ସବୁ କାଗଜପତ୍ର କିଏ ଫୋପାଡିଲା, କାହିଁକି ଫୋପାଡିଲା, କେଉଁ ଉଦ୍ଦେଶ୍ୟ ନେଇ ଫୋପାଡିଲା, ଏହାର ରହସ୍ୟ କଣ ସେ ସମ୍ପର୍କରେ ଜନତା ଜାଣିବା ପାଇଁ ଇଚ୍ଛା ପ୍ରକାଶ କରିଛନ୍ତି । ବହୁବର୍ଷ ଧରି କାର୍ଯ୍ୟାଳୟର ଆୟ ବ୍ୟୟ ହିସାବ ଅଡିଟ ହୋଇଛି କି ନାହିଁ ସେ ସମ୍ପର୍କରେ ଭକ୍ତ ମାନଙ୍କ ଉତ୍କଣ୍ଠା ବଢିଯାଇଛି । ଦୋଳବେଦୀ ପରିସର ଏକ ଧାର୍ମିକ ସ୍ଥାନ । ଏବେ ରଥଯାତ୍ରା ପାଇଁ ଅସ୍ଥାୟୀ କମାରଶାଳ ଖୋଲାଯାଇଛି ।

# କେମ୍ ଓ ସିମ୍ଫୋନି ପକ୍ଷରୁ ହାସ୍ୟ ସୃଜନ ଆସର

କେନ୍ଦ୍ରାପଡା ,୧୦/୫(ନି. ପ୍ର): କେନ୍ଦ୍ରାପଡା ପୌରାଂଚଳ ଅନ୍ତର୍ଗତ ମାଧପୁର ସ୍ଥିତ ସିମ୍ଫୋନୀ ଓ କେମ୍ ଅନୁଷ୍ଠାନ ପକ୍ଷରୁ ହାସ୍ୟ ସୃଜନ ଆସର ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ଡ, ବିରଜା ରାଉତରାୟ ଙ୍କ ସଂଚାଳନରେ ଅନୁଷ୍ଠିତ ହୋଇଯାଇଛି । ସାମ୍ପ୍ରତିକ ସମୟରେ ବହୁଧା ଚାପଗ୍ରସ୍ତ ମଣିଷ ଖୁବ୍ କମ୍ ହସିବାର ଅବକାଶ ପାଇଥାଏ । ମୁଖ୍ୟ ସ୍ରୋତର ସାହିତ୍ୟ ଉତ୍ସରେ ହାସ୍ୟ ବିଭଟିକୁ ପ୍ରାୟତଃ ଅଣଦେଖା କରାଯାଇଥାଏ । କର୍ମବ୍ୟସ୍ତ ମଣିଷ ପାଇଁ ହାସ୍ୟରସର ଆବଶ୍ୟକତା ସୂଚାଇବାକୁ ଯାଇ ପ୍ରତିଷ୍ଠିତ ସାରସ୍ୱତ, କଳା ଓ ସାଂସ୍କୃତିକ ଅନୁଷ୍ଠାନ କେମ୍ ଓ ସିମ୍ଫୋନି ପକ୍ଷରୁ ଏକ ଅଭିନବ ହାସ୍ୟ ସୃଜନ କାର୍ୟ୍ୟକ୍ରମ ' ଚୁଟକୁଳିଆ ସଞ୍ଜ' ଅନୁଷ୍ଠିତ ହୋଇଯାଇଛି । ଘମାଘୋଟ ଯୁଦ୍ଧ ଚାପର ସାମାନ୍ୟ ପ୍ରଶମିତ ପାଇଁ ଏକ ଚୁଟକୁଲିଆ ସନ୍ଧ୍ୟାରେ ମାଧପୁର୍ ଠାରେ କେମ୍ ଓ ସିମ୍ଫୋନିର ମିଳିତ ପ୍ରୟାସରେ ଏକ ବ୍ୟଙ୍ଗ କବିତା, ଗଳ୍ପ, ସଙ୍ଗୀତ ଆସର ଅନୁଷ୍ଠିତ ହୋଇଯାଇଛି । କେମ୍ ର ସମ୍ପାଦକ ଇଂ ଅକ୍ଷୟ କୁମାର ପାଣି , ସିମ୍ଫୋନି ସମ୍ପାଦକ ଡ ବିନାୟକ ପ୍ରଧାନ, ନିରଞ୍ଜନ ମେକାପ, ବିଶିଷ୍ଟ ବ୍ୟଙ୍ଗ କବି ଅପର୍ତ୍ତି ସେଠୀ, ଅଜୟ କୁମାର ପାତ୍ର ପ୍ରମୁଖ ଯୋଗ ଦେଇ କହିଲେ ବ୍ୟସ୍ତ ବହୁଳ ଜୀବନରେ ମଣିଷ ପ୍ରବଳ ଚାପଗ୍ରସ୍ତ ହୋଇ ବିଭିନ୍ନ ରୋଗ ବ୍ୟାଧିର ସମ୍ମୁଖୀନ ହେଉଛି । ଏହାକୁ ପ୍ରଶମିତ କରିବା ପାଇଁ ହସ ଓ ବ୍ୟଙ୍ଗ ଏକ ମହୌଷଧି ଭାବେ କାମ କରିଥାଏ । ଏହି ଆସରରେ କବି ସ୍ୱପ୍ନାଂଶୁ କୁମାର ଦାସ, ନୃସିଂହ ଚରଣ ତ୍ରିପାଠୀ, ଶ୍ରୀଧର ମହାନ୍ତି, ମନୋରଞ୍ଜନ ତ୍ରିପାଠୀ, ରଜନୀକାନ୍ତ ଦାସ, ଗୋଲାପ ରାଉତ୍, ରଞ୍ଜନ ବାଇ, ବସନ୍ତ କୁମାର ପରିଡ଼ା, ଦୀପକ ସାହୁ, ପ୍ରମୁଖ ଅତି ସୁନ୍ଦର ମନ ଲୋଭା, ମଜାଦାର କବିତା, ଗଳ୍ପ, ସଂଳାପ ପଠନ କରିଥିଲେ। କଳାକାର ମୁନ। ସୁନ୍ଦର୍ ଭାବେ ବିଶିଷ୍ଟ ଗୀତିକାର ଅକ୍ଷୟ ମହାନ୍ତି ଙ୍କ ସଙ୍ଗୀତ ଗାନ କରିଥିଲେ । ସର୍ବଶେଷରେ ସହ ସମ୍ପାଦକ ବଂଶୀଧର ମହାନ୍ତି ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ସମ୍ଭାବ୍ୟ ବନ୍ୟାର ସଫଳ ମୁକାବିଲା ପାଇଁ ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ସୁବର୍ଣ୍ଣପୁର,୧୦/୫(ନି. ପ୍ର): ଜିଲ୍ଲାରେ ସମ୍ଭାବ୍ୟ ବନ୍ୟା ପରିସ୍ଥିତିର ସଫଳ ମୁକାବିଲା ପାଇଁ ଜିଲ୍ଲାପାଳ ସୁବର୍ଣ୍ଣପୁର ଶ୍ରୀମତୀ ଅନ୍ୟା ଦାସଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଜରୁରୀକାଳୀନ ଶାଖା ଦ୍ୱାରା ଆହୂତ ଏହି ବୈଠକରେ ଜିଲ୍ଲାରେ ସମ୍ଭାବ୍ୟ ବନ୍ୟାର ଉଚିତ ମୁକାବିଲା ପାଇଁ ବିଭାଗୀୟ ପ୍ରସ୍ତୁତି ଓ କାର୍ଯ୍ୟକାରିତା ଉପରେ ବିଭିନ୍ନ ବିଭାଗ ବନ୍ୟା ପୂର୍ବରୁ,ବନ୍ୟା ସମୟରେ ଓ ବନ୍ୟା ପରବର୍ତ୍ତୀ ପଦକ୍ଷେପ ଉପରେ ବିଭାଗୀୟ କାର୍ଯ୍ୟକ୍ରମର ବିସ୍ତୃତ ତଥ୍ୟ ଉପସ୍ଥାପନା କରାଯାଇଥିଲା ଫ ଜିଲ୍ଲାପାଳ ଶ୍ରୀମତୀ ଦାସ ବିଭାଗ ମାନଙ୍କ ଦ୍ୱାରା କାର୍ଯ୍ୟାନ୍ୱୟନର ତଥ୍ୟ ଗୁଡିକର ପ୍ରତ୍ୟେକଟି ବିନ୍ଦୁ ଉପରେ ବିଷଦ ଭାବରେ ଆଲୋଚନା କରି ସମ୍ଭାବ୍ୟ ବନ୍ୟାର ସଠିକ ଓ ସଫଳ ମୁକାବିଲା ନିମନ୍ତେ ବିପର୍ଯ୍ୟୟର ଅତ୍ୟନ୍ତ ଗୁରୁତର ପ୍ରଭାବକୁ ଧ୍ୟାନରେ ରଖି ସମସ୍ତ ବିଭାଗ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦେଇଥିଲେ। ପୁନଶ୍ଚ ବନ୍ୟା ଆଶ୍ରୟ ସ୍ଥଳୀ ମାନଙ୍କରେ ସମୟ ପୂର୍ବରୁ ସମସ୍ତ ଅତ୍ୟାବଶ୍ୟକ ସାମଗ୍ରୀ ମହଜୁଦ ରଖିବା ସହିତ ବନ୍ୟା ସମ୍ବନ୍ଧୀୟ ଯେକୌଣସି ପୂର୍ବ ସୂଚନାର ବ୍ୟାପକ ଜନ ସଚେତନତା ଉପରେ ଗୁରୁତ୍ୱାରୋପ କରିଥିଲେ ଓ ବୈଠକରେ ବୀରମହାରାଜପୁର ବିଧାୟକ ଇଂ ରଘୁନାଥ ଜଗଦଲା ଜିଲ୍ଲାର ସମସ୍ତ ବିଭାଗ ପରସ୍ପର ମଧ୍ୟରେ ସୁ-ସମ୍ପର୍କ ରକ୍ଷା ପୂର୍ବକ କାର୍ଯ୍ୟକରି ଜିଲ୍ଲାରେ ଜିରୋ କାଜୁଆଲିଟି ଉପରେ ଗୁରୁତ୍ୱଦେବାକୁ ଅଧିକାରୀଙ୍କୁ ପରାମର୍ଶ ଦେବା ସହିତ ସମ୍ଭାବ୍ୟ ବନ୍ୟାର ମୁକାବିଲା ନିମନ୍ତେ ଜିଲ୍ଲାର ସମ୍ପୃକ୍ତ ପ୍ରତ୍ୟେକ ଅଧିକାରୀ ତଥା କର୍ମଚାରୀ ସମ୍ପୂର୍ଣ ପ୍ରସ୍ତୁତ ରହି ସ୍ଥିତିକୁ ଦେଖି ତ୍ୱରିତ ପଦକ୍ଷେପ ପାଇଁ ନିଷ୍ପାର ସହ କାର୍ଯ୍ୟ କରିବାକୁ ଗୁରୁତ୍ୱାରୋପ କରିଛନ୍ତି କ୍ଷ କାର୍ଯ୍ୟର ବ୍ୟବସ୍ଥିତ ପରିଚାଳନା ନିମନ୍ତେ ଜିଲ୍ଲା,ଉପଖଣ୍ଡ ସହ ବ୍ଲକସ୍ତର ତଥା ସମ୍ପୃକ୍ତ ବିଭିନ୍ନ ବିଭାଗର କାର୍ଯ୍ୟାଳୟରେ ୨୪ ଘଂଟିଆ କଂଟ୍ରୋଲରୁମ କାର୍ଯ୍ୟକ୍ଷମକୁ ନିରନ୍ତର ସୁନିଶ୍ଚିତ କରିବାକୁ ଅଧିକାରୀ ତଥା ବିଡ଼ିଓ ମାନଙ୍କୁ ବୈଠକରେ ନିର୍ଦ୍ଦେଶ ପ୍ରଦାନ କରାଯାଇଛି କ୍ଷ ଜିଲ୍ଲା କାର୍ଯ୍ୟାଳୟର କଂଟ୍ରୋଲ ରୁମ ଯୋଗାଯୋଗ ନମ୍ବର ୦୬୬୫୪-୨୯୧୩୭୪ ରହିଥିବା ବେଳେ ଟୋଲ ଫ୍ରି ନମ୍ବର ୧୦୭୭ ରହିଥିବା ସୂଚନା ପ୍ରଦାନ କରାଯାଇଛି। ଜିଲ୍ଲାରେ ବିଭିନ୍ନ ଲାଇନ ଡିପାର୍ଟମେଂଟର ଅଧିକାରୀ ମାନେ ବିଗତ ବର୍ଷର ଅଭିଜ୍ଞତାକୁ ନେଇ ନିଜ ବିଭାଗ ସମ୍ପୃକ୍ତ ସମ୍ବେଦନଶୀଳ କାର୍ଯ୍ୟକୁ ସମୟ ପୂର୍ବରୁ ବ୍ୟବସ୍ଥିତ କରିବା ଉପରେ ନିର୍ଦ୍ଦେଶ ଦେଇଛନ୍ତି ଜିଲ୍ଲାପାଳ ତଥା ଅଧକ୍ଷା। ଏହି ପରିପ୍ରେକ୍ଷୀରେ ସମସ୍ତ ବ୍ଲକସ୍ତର ସହ ପୌରପରିଷଦ ସୋନପୁର,ଏନଏସି ବିନିକା ଓ ତରଭା ତଥା ସମ୍ପୃକ୍ତ ବିଭିନ୍ନ ବିଭାଗ ଚଳିତ ମାସ ଶେଷ ସୁଦ୍ଧା ନିଜ ନିଜ ସ୍ତରରେ ଆବଶ୍ୟକ ପ୍ରାକ ପ୍ରସ୍ତୁତିର ସୁନିଶ୍ଚିତ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି ଫ ପୁନଶ୍ଚ ପ୍ରତ୍ୟେକ ବିଭାଗ ନିଜ ସ୍ତରରେ ମାଇକ୍ରୋ ପ୍ଲାନିଂ କରି ବିଭାଗୀୟ କାର୍ଯ୍ୟ ସମ୍ପାଦନର ଦାୟିତ୍ୱ ବଂଟନକୁ ନିଶ୍ଚିତ କରିବା ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ପ୍ରଦାନ କରାଯାଇଛି। ସମ୍ଭାବ୍ୟ ବନ୍ୟାର ସଫଳ ମୁକାବିଲାକୁ ସୁନିଶ୍ଚିତ ତଥା ବ୍ୟବସ୍ଥିତ କରିବା ନିମନ୍ତେ ତୃଣମୂଳ ସ୍ତରରେ ସମସ୍ତ ପି ଆର ଆଇ ସଦସ୍ୟ ସଦସ୍ୟା, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ସିଭିଲ ସୋସାଇଟି ସଦସ୍ୟ ପ୍ରଭୃତିଙ୍କୁ ସାମିଲ କରିବା ସହ ଆବଶ୍ୟକ ଯୋଗାଯୋଗ ପୂର୍ବକ କାର୍ଯ୍ୟ କରିବାକୁ ବୈଠକରେ ଗୁରୁତ୍ୱାରୋପ କରାଯାଇଛି। ଜିଲ୍ଲାସ୍ଥିତ ବହୁମୁଖୀ ବନ୍ୟା ଆଶ୍ରୟ ସ୍ଥଳୀ ଗୁଡିକୁ ବ୍ୟବସ୍ଥିତ କରାଯିବା ସହ ବନ୍ୟା ପ୍ରବଣ ଅଂଚଳ ଗୁଡିକରେ ଆବଶ୍ୟକମତେ କଲ୍ୟାଣ ମଣ୍ଡପ ପ୍ରଭୃତିକୁ ମଧ୍ୟ ବ୍ୟବସ୍ଥିତ କରିବାକୁ ପରାମର୍ଶ ଦିଆଯାଇଛି। ଅନୁଷ୍ଠିତ ବୈଠକରେ ଜିଲ୍ଲାପରିଷଦ ଅଧକ୍ଷା ସୁପାର ଠେଲା, ଆରକ୍ଷୀ ଅଧିକ୍ଷକ ନାରାୟଣ ନାୟକ, ଜିଲ୍ଲା ବନଖଣ୍ଡ ଅଧିକାରୀ ମଦନଲାଲ ଶର୍ମା, ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ , ବଲାଙ୍ଗୀର ଲୋକସଭା ସାଂସଦଙ୍କ ପ୍ରତିନିଧି ଶରତ ଶତପଥୀ ପ୍ରମୁଖ ଯୋଗଦାନ କରି ନିଜ ନିଜର ସୁଚିନ୍ତିତ ମତବ୍ୟକ୍ତ କରି ସମ୍ଭାବ୍ୟ ବନ୍ୟାର ଉଚିତ ମୁକାବିଲା ନିମନ୍ତେ ବିଭାଗ ବିଭାଗ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା କରି ଆନ୍ତରିକତା ସହ କାର୍ଯ୍ୟ କରିବା ଉପରେ ମତବ୍ୟକ୍ତ କରିଥିଲେ ଫ ବୈଠକ ଅବସରରେ ସି ଡି ଏମ ଓ ଡା. ପ୍ରଦୀପ କୁମାର ଗୁରୁ, ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ପଲ୍ଲବୀ ରାଣୀ ରାଜ , ଉପ ଜିଲ୍ଲାପାଳ ସୋନପୁର ଡ଼ଃ ସୌମ୍ୟାରୁପା ରଥ , ବୀରମହାରାଜପୁର ଉପ ଜିଲ୍ଲାପାଳ ଲଲାଟେନ୍ଦୁ ସି, ଜିଲ୍ଲାସ୍ତରୀୟ ଅଧିକାରୀ, ଲାଇନ ଡିପାର୍ଟମେଂଟର ଅଧିକାରୀ , ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, କାର୍ଯ୍ୟନିର୍ବାହୀ ଅଧିକାରୀ ମ୍ୟୁନିସିପାଲିଟି ସୋନପୁର ଓ ବିଜ୍ଞାପିତ ଅଂଚଳ ପରିଷଦ ବିନିକା ଓ ତରଭା ପ୍ରମୁଖ ଙ୍କ ସହ ଜିଲ୍ଲା ଜରୁରୀ ଶାଖା ଅଧିକାରୀ ସଂଗ୍ରାମ କେଶରୀ ଜେନା,ଜିଲ୍ଲା ପ୍ରକଳ୍ପ ଅଧିକାରୀ ଜରୁରୀ ଶାଖା ବିଶ୍ୱନାଥ ନାୟକ ତଥା ବିଭିନ୍ନ ଗଣମାଧ୍ୟମର ଜିଲ୍ଲା ପ୍ରତିନିଧି ପ୍ରମୁଖ ଉପସ୍ଥିତ ରହିଥିଲେ। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ ସ୍ୱାଗତ କରିବା ସହ କାର୍ଯ୍ୟକ୍ରମର ଆଭିମୁଖ୍ୟ ଓ ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ।

# କାଶ୍ୟପଗୋତ୍ରୀ ତନ୍ତୀକୂଳ ନଶହଘର ସମିତି ପକ୍ଷରୁ କଳସଯାତ୍ରା ଓ ମନ୍ଦିର ପ୍ରତିଷ୍ଠା

ପୁରୀ,୧୦/୫(ନି. ପ୍ର): କାଶ୍ୟପଗୋତ୍ରୀ ତନ୍ତୀକୂଳ ନଅଶହଘର ସମିତି, କୁଣ୍ଢେଇବେଂଟ ସାହି ପୋଲିସ ଲାଇନ କଡାକିଆ ତନ୍ତୀମଠ ଠାରେ ୩୧ତମ ନାମ ଯଜ୍ଞୋତ୍ସବ, ନୂତନ ମନ୍ଦିର ପ୍ରତିଷ୍ଠା,ବିଗ୍ରହ ପ୍ରବେଶ ଉଦ୍ଦେଶ୍ୟରେ ପାଂଚଦିନ ବ୍ୟାପୀ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଛି । ଯଜ୍ଞ ସ୍ଥଳରେ ଗୁରୁବାର ରାତିରେ ଅଙ୍କୁରାରୋପଣ ନୀତି ଅନୁଷ୍ଠିତ ହୋଇଯାଇଛି । ଶୁକ୍ରବାର ସକାଳୁ ନରେନ୍ଦ୍ର ପୁଷ୍କରିଣୀରୁ କଳସରେ ଜଳପୂର୍ଣ୍ଣ କରି ମହିଳାମାନେ ମୁଣ୍ଡରେ କଳସ ଧରି ଶୋଭାଯାତ୍ରାରେ ଯଜ୍ଞସ୍ଥଳରେ ପହଂଚିଥିଲେ । ଶୋଭାଯାତ୍ରାରେ ଘଂଟ ଘଣ୍ଟା ଓ ପାରମ୍ପରିକ ବାଦ୍ୟ ସହ ହରିବୋଲ ହୁଳହୁଳିରେ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା । ନଅଜଣ ଶ୍ରୋତ୍ରୀୟ ବ୍ରାହ୍ମଣ ଯାଗ ଶାଳାରେ ମନ୍ତ୍ର ଉଚ୍ଚାରଣ ପୂର୍ବକ ଯଜ୍ଞ ବିଧି ଅନୁଯାଇ ସୂର୍ଯ୍ୟ ପୂଜା, ଅଗ୍ନି ସ୍ଥାପନ, ନୂତନ ମନ୍ଦିର ପ୍ରତିଷ୍ଠା ଓ ବିଗ୍ରହ ସ୍ଥାପନ କରିଥିଲେ । ନାମଯଜ୍ଞ ଓ ଘୃତ ଯଜ୍ଞ ଆରମ୍ଭ ହୋଇଛି । ଏହି ଧାର୍ମିକ କାର୍ଯ୍ୟରେ ଯଜ୍ଞ କର୍ତା ଭାବେ ଅନୁଷ୍ଠାନର ସମ୍ପାଦକ ବାବୁଲି ଚରଣ ଦଣ୍ଡପାଟ ଓ କର୍ତୀ ଭାବେ ଧର୍ମପତ୍ନୀ ପ୍ରମିଳା ଗିରି ଯଜ୍ଞ କାର୍ଯ୍ୟ ତୁଲାଇଥିଲେ । ଉପକର୍ତା ଭାବେ ସମିତିର ଉପଦେଷ୍ଟା ଖଗେଶ୍ୱର ବେହେରା ଓ ତାଙ୍କ ଧର୍ମପତ୍ନୀ ଅନ୍ନପୂର୍ଣ୍ଣା ବେହେରା ସହଯୋଗ କରିଥିଲେ । ନୂତନ ମନ୍ଦିର ପ୍ରତିଷ୍ଠାରେ କର୍ତାଭାବେ ଗଗନ ବିହାରୀ ଦାସ ଓ କର୍ତୀ ଭାବେ ରଞ୍ଜିତା ଦାସ ଯୋଗ ଦେଇଥିଲେ । ସମିତିର ସଭାପତି ବିଦ୍ୟାଧର ମଣ୍ଡଳ, କାର୍ଯ୍ୟକାରୀ ସଭାପତି ହୁରେନ୍ଦ୍ର ନାଥ ଭୂୟାଁ ଯଜ୍ଞ କାର୍ଯ୍ୟରେ ପରିଚାଳନା କରିଥିଲେ । ସମିତିର ଉପଦେଷ୍ଟା ଲକ୍ଷ୍ମଣ କୁମାର ମଣ୍ଡଳ,ପ୍ରଭାକର ମଣ୍ଡଳ, ସୁକାନ୍ତ କୁମାର ବେହେରା, ନାରାୟଣ ପ୍ରସାଦ ଦାସ,ଉପସଭାପତି ହୃଷିକେଶ ବେହେରା, ସହ ସମ୍ପାଦକ ଡମ୍ବରୁଧର ଘଡାଇ, କୋଷାଧକ୍ଷ ଅନନ୍ତ ପ୍ରସାଦ ଜେନା,ଗଦାଧର ବେହେରା, ବିଷ୍ଣୁପଦ ଘଡାଇ, ରବି ଜେନା,ରୂପଶ୍ରୀ ବେହେରା ପ୍ରମୁଖ ଯଜ୍ଞ ପରିଚାଳନାରେ ସହଯୋଗ କରିଥିଲେ ।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୧୧ ମଇ ୨୦୨୫
email : rabibarachayan2015@gmail.com

# ରବିବାର ଚୟନ

.......ସୁଚୟନ ସୁଚୟନ ସୁଚୟନ.......

କଥା, କବିତା, ସୃଜନର ସୁରମ୍ୟ ସମ୍ଭାର


## ଧାରାବାହିକ ଉପନ୍ୟାସ



# ବୈଦେହୀ

ଡ.ଭାଗବତ ବେହେରା

ଭାଗ-୯୭
(ପୂର୍ବ ପ୍ରକାଶିତ ଉତ୍ତାରୁ...)



**'ବୈଦେହୀ' ସୀତାଙ୍କର ଅନ୍ୟ ଏକ ନାମ। ଆର୍ଯ୍ୟା ଭାରତୀୟ ନାରୀ ସମାଜରେ ସୀତା ହେଉଛନ୍ତି ମଉଡ଼ମଣି । ତାଙ୍କ ତୁଲ୍ୟା ନାରୀ ବିଶ୍ୱରେ ଅନ୍ୟତ୍ର ବିରଳ । ସେବା, ତ୍ୟାଗ, ଶ୍ରଦ୍ଧା, ଦୟା, କ୍ଷମାର ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ସୀତାଦେବୀ । ଜୀବନଯାକ ଦୀପ ଭଳି ଜଳିଜଳି ସେ ନିଜ ପରିବାରକୁ, ସମାଜକୁ ଆଲୋକ ଦାନ କରି ଯାଇଛନ୍ତି । ତାଙ୍କ ତୁଲ୍ୟ ପତିବ୍ରତା, ପତି ପରାୟଣା, ପତି ସୋହାଗିନୀ ନାରୀ ତାଙ୍କ ପରେ ଆଉ ଦେଖିବାକୁ ମିଳନ୍ତି ନାହିଁ । ସେହି ମହନୀୟା, ଆଦର୍ଶ ସ୍ଥାନୀୟା, ମହିୟସୀ ଚରିତ୍ରକୁ ନେଇ ଡ. ଭାଗବତ ବେହେରା ତାଙ୍କର 'ବୈଦେହୀ' ଉପନ୍ୟାସଟିକୁ ରଚନା କରିଛନ୍ତି । ଡ. ବେହେରାଙ୍କର 'ବୈଦେହୀ' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...**

ଅନୁକମ୍ପାଙ୍କ କଥାଶୁଣି ମୁନିକୁମାରୀମାନେ ସୀତାଙ୍କ ଠାରୁ ବିଦାୟ ନେଇ ଯାଇଥିଲେ । ଋହୁଁଋହୁଁ ଆଶ୍ରମରେ ବିତି ଯାଇଥିଲା କିଛିଦିନ । ଏବେ ରାତି ପାହିବାଠାରୁ ରାତିରେ ମାଆ କୋଳକୁ ଯିବା ପର୍ଯ୍ୟନ୍ତ କୁଶଲବ ସବୁ ସମୟରେ ଥାନ୍ତି ମୁନିକୁମାରୀମାନଙ୍କ ଗହଣରେ । ପ୍ରତ୍ୟେକଦିନ ସୂର୍ଯ୍ୟ ଉଦୟ ହେବା ପୂର୍ବରୁ ସେମାନେ ଆସି ଭିଡ଼ ଜମାଇ ଦିଅନ୍ତି ତପସ୍ୱିନୀଙ୍କ କୁଟୀର ଦୁଆରେ । ପିଲା ଦୁହିଁଙ୍କୁ ଶଯ୍ୟାରୁ ଉଠାଇ, ତାଙ୍କୁ ସ୍ନାନାଦି ନିତ୍ୟକର୍ମ ଶେଷ କରାଇ, ନେଇଆସନ୍ତି କୁଟୀର ବାହାରକୁ । ଫୁଲଦୋଳିରେ ତାଙ୍କୁ ଶୁଆଇ ଝୁଲାଇ ଦିଅନ୍ତି । ସେ ଦୁହେଁ କାନ୍ଦିଲେ ଶୁକ ଶାରୀ ଆଦି ପକ୍ଷୀମାନଙ୍କୁ ଦେଖାଇ ତାଙ୍କୁ ଶାନ୍ତ କରାଇ ଦିଅନ୍ତି। ହରିଣ ଶାବକମାନେ ସଦା ଘୂରି ବୁଲନ୍ତି ସେହି ପିଲା ଦୁହିଁଙ୍କ ପାଖରେ । ଧୀରେଧୀରେ ପ୍ରତିପଦରୁ ଋନ୍ଦ ବଢ଼ିବା ଭଳି ପିଲା ଦୁହେଁ ବଢ଼ିବାକୁ ଲାଗିଲେ। କାନ୍ଥ ବାଡ଼ ଧରି ଛିଡ଼ା ହୋଇ ଶିଖିଲେ। ନାଲି ଟୁକୁଟୁକୁ ପାଦରେ ଥିରିଥିରି ଋଲିବାକୁ ଲାଗିଲେ । ଏ ଦୃଶ୍ୟ ଦେଖି ମୁନିକୁମାରୀମାନେ ଯେତିକି ଆନନ୍ଦିତ ହୁଅନ୍ତି ସେତିକି ଦୁଃଖିତ ହୁଅନ୍ତି ତାଙ୍କ ମାତା ସୀତା । ପିଲା ଦୁହିଁଙ୍କ ଲୀଳାଖେଳା ଦେଖି ମୁନିକୁମାରୀମାନେ ହସିହସି ଗଡ଼ି ଯାଉଥିବାବେଳେ ସୀତାଙ୍କ ଚକ୍ଷୁରୁ ଅଶ୍ରୁଧାରା ଝରିପଡ଼େ ।

ଦୈନିକ ଏହିଭଳି ଦୃଶ୍ୟ ଦେଖିଦେଖି ତପସ୍ୱିନୀ ଅନୁକମ୍ପା ଦିନେ କହିଥିଲେ, ମାଆ ଜାନକୀ ଏ ତପୋବନରେ ପାଦ ଦେଲା ଦିନରୁ ତୁମ ଚକ୍ଷୁରୁ ଦିନେ ଅଶ୍ରୁଧାରା ଶୁଖିବାର ମୁଁ ଦେଖିନାହିଁ । ତୁମ କପାଳରେ ଧାତା ଯାହା ଲେଖିଛି ତାହାହିଁ ଘଟୁଛି ମାଆ । କ'ଣ ପାଇଁ ତୁମେ ଆଉ କାନ୍ଦୁଛ । ତୁମ ଚକ୍ଷୁର ଅଶ୍ରୁକୁ ପୋଛି ଦେବାପାଇଁ ତୁମ କୋଳରେ ବିଧାତା ଦୁଇଟି ଅମୂଲ୍ୟ ରତ୍ନକୁ ଟେକି ଦେଇଛନ୍ତି । ତାଙ୍କୁ ପାଇବା ପରେ ତୁମେ ଆଉ କାନ୍ଦୁଛ କାହିଁକି ?

ଅନୁକମ୍ପାଙ୍କ କଥା ଶୁଣି ସୀତାଙ୍କ କୋହ ଦ୍ୱିଗୁଣ ବଢ଼ି ଯାଇଥିଲା । କାନ୍ଦିକାନ୍ଦି ସେ ଅନୁକମ୍ପାଙ୍କୁ କହିଲେ, ମାଗୋ ! ଏ ସନ୍ତାନ ଦୁଇଜଣ ମୋର ରଘୁବଂଶର ଭବିଷ୍ୟତ । ରାଜା ଦଶରଥଙ୍କ ପୁତ୍ରବଧୂ ମୁଁ । ଅଯୋଧ୍ୟାରେ ଯଦି ଏମାନେ ଜନ୍ମଗ୍ରହଣ କରିଥାନ୍ତେ ତାହେଲେ ଆଜି ମୋର ପୁତ୍ର ଦୁଇଜଣ ଏମିତି ଆଶ୍ରମର ମୁନିକୁମାରୀଙ୍କ ଗହଣରେ ଖେଳୁନଥା'ନ୍ତେ । ପୁଷ୍ପଦୋଳିରେ ନଝୁଲି ଏମାନେ ଝୁଲୁଥାନ୍ତେ ସୁବର୍ଣ୍ଣ ଦୋଳିରେ । ଧୂଳିମାଟିରେ ନଖେଳି ଖେଳୁଥାନ୍ତେ କର୍ପୂର ରଜରେ। ସନ୍ନ୍ୟାସର ପୋଷାକ ନପିନ୍ଧି ପିନ୍ଧୁଥାନ୍ତେ ରାଜପୋଷାକ । ହୀରା ନୀଳା ମୋତି ମାଣିକ୍ୟର ଅଳଙ୍କାର ମାନ ଏମାନଙ୍କ ଦେହରେ ଝଟକୁଥାନ୍ତା। କେତେ ଦାସୀ ପରିଋରୀ ଏ ଦୁହିଁଙ୍କ ସେବା କରୁଥାନ୍ତେ ।

ସୀତାଙ୍କ କଥାଶୁଣି ଅନୁକମ୍ପା ହସିହସି କହିଥିଲେ, "ମା ସୀତା ଏହା ପୂର୍ବରୁ ତୁମେ ତୁମ ପିତା ଘରେ ଷୋଳବର୍ଷ ବିତାଇ ଆସିଛ । ପିତୃ ଗୃହରେ ଦାସୀ ପରିଋରୀକାଙ୍କ ସେବା ଲାଭ କରିଛ। ପିଲାଦିନେ ତୁମେ ଋରିଭଉଣୀ ସୁନାକୁଲେଇରେ କର୍ପୂର ରଜ ପୂରାଇ ଖେଳିଛ । ସୁନାଥାଳିରେ ସୁନା ଋମଚରେ ଖାଦ୍ୟ ଖାଇଛ । ସୁବର୍ଣ୍ଣ ମଣ୍ଡିତ ଗଜଦନ୍ତ ପଲଙ୍କର ତୁଳିତଳ୍ପ ଶଯ୍ୟାରେ ଶୟନ କରିଛ । କେତେ ଯେ ଦାମୀଦାମୀ ପାଟବସ୍ତ୍ର କେତେ ଦାମୀ ଅଳଙ୍କାର ପିନ୍ଧିଛ ତାହାର ହିସାବ ନାହିଁ । କେତେ ସ୍ୱାଦିଷ୍ଟ ମିଷ୍ଟାନ୍ନ, ଅନ୍ନ ବ୍ୟଞ୍ଜନ ଗ୍ରହଣ କରିନଥିବ । ଷୋଳବର୍ଷ ପରେ ଅଯୋଧ୍ୟାର ରାଜକୁମାର ଶ୍ରୀରାମଙ୍କ ହସ୍ତଧରି ଦଶରଥଙ୍କ କୁଳବଧୂ ହୋଇ ଆସିଥିଲ । ରାଜା ଦଶରଥ ମଧ୍ୟ ନିଜ କୁଳବଧୂଙ୍କୁ ସୁନା, ରୁପା, ହୀରା, ନୀଳାର ଅଳଙ୍କାରରେ ଛାଇ ଦେଇଥିବେ । କେତେ ମୂଲ୍ୟବାନ ଉପଢୌକନ ତୁମେ ସେଠାରେ ପାଇଥିବ ନିଶ୍ଚୟ । ବେଶ୍ କିଛିଦିନ ସ୍ୱର୍ଗପୁରର ସୁଖ ତୁମେ ସେଠାରେ ପାଇଛ। ଏହାପରେ ତୁମ କର୍ମ ବିପାକରୁ ହେଉ କିମ୍ବା ଅଦୃଷ୍ଟ ଲିଖନରୁ ହେଉ ତୁମେ ସ୍ୱାମୀଙ୍କ ସହିତ ଚଉଦବର୍ଷ ପାଇଁ ବନକୁ ଆସିଲ । ଦୀର୍ଘବର୍ଷ ସ୍ୱାମୀଙ୍କ ଅରଣ୍ୟବାସରେ ପତ୍ରକୁଡ଼ିଆ କିମ୍ବା ପର୍ବତ ଗୁମ୍ଫାରେ ରହିଲ । ବଣର ଫଳମୂଳକୁ ଭୋଜନ କରି ସମୟ ବିତାଇଲ । ଏବେ ମୋତେ କୁହ ମାଆ ସୀତା ତୁମର ଏଇ କେତେବର୍ଷର ଜୀବନଯାପନ ଭିତରେ ତୁମେ ବାସ୍ତବ ଆନନ୍ଦ କେଉଁଠି ଲଭିଛ ? ପିତ୍ରାଳୟର ଷୋଳବର୍ଷ ଭିତରେ କିମ୍ବା ଶଶୁରଘରର କେଇବର୍ଷ ରହଣୀ ଭିତରେ ଅଥବା ବାର/ ଚଉଦବର୍ଷର ବନବାସ ଜୀବନରେ ? ତୁମକୁ ରାଜଭବନର ତ୍ରିତଳ ପ୍ରାସାଦ ଭଲ ଲାଗିଛି ନା ଅରଣ୍ୟବାସର କୁଡ଼ିଆଘର ଭଲ ଲାଗିଛି ? ଦାମୀଦାମୀ ବସ୍ତ୍ର ଅଳଙ୍କାର ତୁମର ଶୋଭା ବଢ଼ାଇଛି ନା ପୁଷ୍ପାଳଙ୍କାର ତୁମକୁ ଆନନ୍ଦ ଦେଇଛି ?ତୁମର ରାଜରାଣୀ ବେଶ ଦେଖି ତୁମ ସ୍ୱାମୀ ବେଶି ଆହ୍ଲାଦିତ ହେଉଥିଲେ ନା ବନଋରିଣୀ ବେଶ ଦେଖି ବେଶି ଖୁସି ହେଉଥିଲେ ?"

ତପସ୍ୱିନୀ ଅନୁକମ୍ପାଙ୍କ ମୁଖରୁ ଏପରି ପ୍ରଶ୍ନ ଶୁଣି ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ ସୀତା ଦେବୀ । ଆଜି ଏ କି ପ୍ରକାରର ପ୍ରଶ୍ନ କରୁଛନ୍ତି ମା' ଅନୁକମ୍ପା ? କି ଉତ୍ତର ତାର ତାଙ୍କୁ ସେ ଦେବେ ? ବାସ୍ତବରେ ପିତ୍ରାଳୟରୁ ଆରମ୍ଭ କରି ଶଶୁର ଗୃହ ପର୍ଯ୍ୟନ୍ତ ଧନ, ସମ୍ପଦ, ପ୍ରାଚୁର୍ଯ୍ୟ, ଭୋଗବିଳାସ ଭିତରେ ବୁଡ଼ିରହି ସେ ଯେତିକି ଆନନ୍ଦ ପାଇଥିଲେ, ତା'ଠାରୁ ଶତଗୁଣ ଅଧିକ ଆନନ୍ଦ ସେ ପାଇଛନ୍ତି ସ୍ୱାମୀଙ୍କ ସହ ବନବାସ କାଳରେ । ବନବାସ କାଳରେ ସେ ଅନୁଭବ କରିଥିଲେ ପ୍ରକୃତରେ ସ୍ନେହ କ'ଣ ପ୍ରେମ କ'ଣ ? ଯେତିକି ସୋହାଗ ସେ ତାଙ୍କ ସ୍ୱାମୀଙ୍କ ପାଖରୁ ପାଇଛନ୍ତି, ସେତିକି ପତିସେବା କରିବାର ସୁଯୋଗ ସେ ଅରଣ୍ୟବାସରେ ପାଇଛନ୍ତି । ତାହା କେବେ ଅଯୋଧ୍ୟାରେ ସମ୍ଭବ ହୋଇନଥା'ନ୍ତା । ବାରବର୍ଷ ଭିତରେ ବାରଜନ୍ମର ପତିପ୍ରେମ ସେ ପାଇ ପାରିଛନ୍ତି। ଆଜି ସେ ଅଭାବ ତାଙ୍କୁ ବ୍ୟଥିତ କରି ପକାଉଛି।

ସୀତାଙ୍କୁ ନିରବ ରହିବାର ଦେଖି ଅନୁକମ୍ପା କହିଥିଲେ, ମୁଁ ଜାଣେ ଲୋ ମାଆ ତୁ ମୋ ପ୍ରଶ୍ନର ଉତ୍ତର ନଦେଇ ନିରବ ରହିବୁ । ମୁଁ ଜାଣୁଛି ତୋ ସନ୍ତାନ ଦୁଇଜଣ ଅଯୋଧ୍ୟାରେ ଥିଲେ ସେଠାରେ ରାଜକୀୟ ସୁଖ ସମ୍ପଦରେ ବୁଡ଼ି ରହିଥାନ୍ତେ, ଅନେକ ଦାସୀ, ପରିଋରୀ ତାଙ୍କ ସେବା କରୁଥାନ୍ତେ, ଅନେକ ପ୍ରକାରର ସୁସ୍ୱାଦୁ ଭୋଜନ ଭୁଞ୍ଜୁଥାନ୍ତେ, ଜେଜେମା ମାନଙ୍କ କୋଳରେ ଥାଇ ଖିଲିଖିଲି ହସୁଥାନ୍ତେ, ହେଲେ ମାଆ ଏଠାରେ ମୁନିକୁମାରୀ ମାନଙ୍କ ଠାରୁ ସେମାନେ କ'ଣ ସେତିକି ସ୍ନେହ, ଆଦର ପାଉନାହାନ୍ତି ? ସୁନା, ରୁପାର ରଜରେ ନଖେଳି ଏ ଧୂଳି ମାଟିରେ ଖେଳି ସେମାନେ କ'ଣ ସ୍ୱର୍ଗ ସୁଖ ଲଭୁ ନାହାନ୍ତି ? ଆଶ୍ରମର ପାଚିଲା ଫଳ ଭୁଞ୍ଜି ସେମାନେ କ'ଣ ଆନନ୍ଦ ପାଉନାହାନ୍ତି ? ଫୁଲ ଦୋଳିରେ ଝୁଲି ସୁନାଦୋଳିରେ ଝୁଲିବା ଠାରୁ ଅଧିକ ଉତ୍‌ଫୁଲ୍ଲିତ ହେଉନାହାନ୍ତି ? ଅଯୋଧ୍ୟାରେ ଥିଲେ ସେମାନେ କ'ଣ ଏଠାକାର ଅମୃତ ସୁଖ ଠାରୁ ଅଧିକ ସୁଖ ପାଉଥାନ୍ତେ ? ଏଠାରେ ମୋ ଭଳି ଥିବା ବୃଦ୍ଧା ତପସ୍ୱିନୀମାନେ ଯେଉଁମାନେ ସେ ଦୁହିଁଙ୍କୁ କୋଳେଇ ନେଇ ବୋକ ଦେଉଛନ୍ତି କୋଳରେ ପୂରାଇ ମୁଖରେ ଚୁମ୍ବନ ଦେଇ ଆଦରି ନେଉଛନ୍ତି, ସେମାନଙ୍କ ଠାରୁ ତୋ ପୁଅମାନେ କ'ଣ ଜେଜେମାଆର କୋଳର ଉଷୁମକୁ ଲଭୁ ନାହାନ୍ତି ?

(କ୍ରମଶଃ)

♥ ଦର୍ଜୀପୋଖରୀ, ରାଣୀପାଟଣା,
ବାଲେଶ୍ୱର
(ମୋ) ୬୩୭୦୫୦୯୧୦୪

## ଚିନ୍ତନ

# ପାପର ସୃଷ୍ଟି

ଅନୀତା ପଟ୍ଟନାୟକ



ମୋ ମନରେ ପିଲା ଦିନରୁ ଅସୁମାରୀ ପ୍ରଶ୍ନ ଉଠେ। ସଠିକ ଉତ୍ତର ପାଏନା ଯଥା ମରୀଚିକା କେଉଁ ପର୍ବତ ଶ୍ରେଣୀରୁ ଜାତ ହୁଏ। ଏହା କେଉଁ ସମୁଦ୍ରରେ ପଡ଼େ ଏପରି କାହିଁକି ? ଆମର ଦୁଇଟି ଆଖି ଅଛି। ଗୋଟିଏ ଡାହାଣ ପାଖରେ ଗୋଟିଏ ବାମ ପାଖରେ, ବାହ୍ୟରୁ ଭିନ୍ନ, ପରସ୍ପର ଠାରୁ ମଧ୍ୟ ଭିନ୍ନ। ହେଲେ ଆଖିରେ ଦୁଇଟି ଦୃଶ୍ୟ ଦେଖାଯାଏ ନାହିଁ କାହିଁକି ? ଆଖି ଦୁଇଟିର ଦୃଷ୍ଟିଭଙ୍ଗୀ ଏକ ଓ ସମାନ କାହିଁକି ହୋଇଥାଏ। ମୁଁ ହୃଦୟଙ୍ଗମ କରୁଛି ଯେ ସତଚିତ, ବିବେକ ଓ ଚେତନା ଏହିପରି ଅନେକ ଶବ୍ଦ ବ୍ୟବହାର କରୁଥିଲେ ମଧ୍ୟ ଏସବୁର କାମ ଏକ। କଦର୍ଯ୍ୟ, ଅଶ୍ଳୀଳ, ଅସୁନ୍ଦର, ଅଧୋପତନକାରୀ ପାପ, ଅପରାଧ ଏହା କେବେ ଠାରୁ ଜାତ, ଆମେ କାନ ଦ୍ୱାରା ଶୁଣୁଥିବା ଦୁର୍ଗୁଣ, ପରନିନ୍ଦା, ଦେବନିନ୍ଦା, ଗୁଜବ ଏସବୁର ଜାତ କେବେ ହେଲା ? ଦ୍ୱେଷ ଲୋଭ ମଣିଷ ଭିତରେ କେବେ ପ୍ରବେଶ କଲା ? ଜିଭ, ମନ ଓ ହାତରେ କରୁଥିବା ଦୁଷ୍କର୍ମ, ଅନ୍ୟକୁ କଷ୍ଟ ଦେଉଥିବା ବଚନ, ଖରାପ ଆବେଗ, ଖରାପ ବାସନା, ପରନିନ୍ଦା, ବିଶୃଙ୍ଖଳା, ଅସ୍ଥିରତା, ଏସବୁରୁ ଉତ୍ପତ୍ତି କେବେ ଓ କେବେଠୁ ହେଲା ? ଗୋଟିଏ ବାକ୍ୟରେ କହିବାକୁ ହେଲେ କାମ, କ୍ରୋଧ, ଲୋଭ, ମଦ, ମୋହ ଓ ମାତ୍ସର୍ଯ୍ୟ ମଣିଷ ଭିତରେ କେବେ ପ୍ରବେଶ କଲା ଏହାର ଉତ୍ପତ୍ତି କେଉଁଠାରୁ ?

ଶୀତ ଦିନିଆ ସକାଳ ହୋଇଥାଏ। ମୋର ପିତା ଫୀକର ଚରଣ ପଟ୍ଟନାୟକ ନୟାଗଡ଼ସ୍ଥିତ ବ୍ରଜେନ୍ଦ୍ର ହାଇସ୍କୁଲର ପ୍ରଧାନ ଶିକ୍ଷକ ଥିଲେ । ସେ ଖୁବ କମ୍ କଥା ଓ ଗୁରୁତ୍ୱପୂର୍ଣ୍ଣ କଥା କହୁଥିବାରୁ ମୁଁ ଡରରେ ମୋର ମନ ଭିତରେ ଥିବା ଏପରି ପ୍ରଶ୍ନ ପଚାରି ପାରେ ନାହିଁ। ସେ ଅତ୍ୟନ୍ତ ସରଳ ନିଷ୍କପଟ ସ୍ୱଭାବର ବ୍ୟକ୍ତି ଥିଲେ। ଜୀବନର ମୂଲ୍ୟବୋଧକୁ ଗୁରୁତ୍ୱ ଦେଉଥିଲେ। ସେ ଦିନେ ଶୀତ ଦିନିଆ ସକାଳରେ ମନ୍ଦିର, ଗୀର୍ଜା, ମସଜିଦ ଗୁରୁଦ୍ୱାର ପ୍ରଭୃତିକୁ ବୁଲାଇ ନେବା ପାଇଁ ମୋର ମା ଓ ମତେ ପ୍ରସ୍ତାବ ଦେଲେ। ମତେ ଭାରି ଖୁସି ଲାଗିଲା। କାରଣ ମୁଁ ମନ୍ଦିର ଦେଖିଥିଲି। ହେଲେ ଗୀର୍ଜା, ମସଜିଦ, ଗୁରୁଦ୍ୱାର କେବେ ଦେଖି ନଥିଲି। ଆମେ ନେପାଳ ଯାଇ ପାଗୋଡା ବି ଦେଖିବା।

ଗୀର୍ଜାରେ ଯାଇ ଦେଖିଲେ, ଯୀଶୁଙ୍କର ଗୋଟିଏ କ୍ରୁଶବିଦ୍ଧ କାଠରେ ନିର୍ମିତ ମୂର୍ତ୍ତି କାନ୍ଥରେ ଟଙ୍ଗା ଯାଇଛି। ସ୍କୁଲ ପିଲାମାନେ ବସିବା ପରି ଡେସ୍କ ଓ ବେଞ୍ଚ ପଡ଼ିଛି। ଖ୍ରୀଷ୍ଟଧର୍ମର ଅନେକ ଭକ୍ତ ସେଠାରେ ଉପସ୍ଥିତ ଅଛନ୍ତି। ଜଣେ ପାଦ୍ରୀ ବାଇବେଲରୁ କିଛି ପଂକ୍ତି ପଢ଼ି ଶୁଣାଇଲେ। ସମସ୍ତେ ନୀରବତାର ସହିତ ସେ ସବୁ ଶୁଣୁଥିଲେ। ସେ ଇଂରାଜୀରେ କହୁଥିବାରୁ ମୁଁ ଭଲ ଭାବରେ ବୁଝି ପାରୁ ନଥିଲି। ବାହାରକୁ ଆସିବା ପରେ ମୁଁ ବାପାଙ୍କୁ ସେ କ'ଣ କହୁଥିଲେ ତାର ସାରାଂଶ କହିବାକୁ କହିଲି।

ବାପା କହିଲେ, 'ଭଗବାନ ଏହି ସୁନ୍ଦର ପୃଥିବୀକୁ ଗଢ଼ିବା ସମୟରେ ଦୁଇଟି ପ୍ରାଣୀ ଜାତ କଲେ। ଜଣକର ନାମ ଆଦାମ ଓ ଅନ୍ୟ ଜଣଙ୍କର ନାମ ଥିଲା ଇଭ। ଆଦାମ ପୁରୁଷ ଓ ଇଭ ନାରୀ ଥିଲେ। ଗଛ, ଲତା, ପାଣି, ପବନ, ଅଗ୍ନି, ବାୟୁ, ଜଳ, ପର୍ବତ ସବୁ ସୃଷ୍ଟି ହୋଇଥିଲା। ସେ ଦୁଇ ଜଣ ଖୁବ ସୁନ୍ଦର ଓ ସାଥୀ ପରି ରହୁଥିଲେ। ସୃଷ୍ଟିକର୍ତ୍ତା ଏହି ଦୁଇ ଜଣକୁ ଗୋଟିଏ ଗଛର ଫଳକୁ ଦେଖାଇ କହିଥିଲେ ଏହା ତୁମ ପାଇଁ ନିଷିଦ୍ଧ ଫଳ। ଏହାକୁ କେବେ ହେଲେ ଖାଇବ ନାହିଁ। ସେ ଦୁଇ ଜଣଙ୍କ ମଧ୍ୟରେ କୌଣସି ଖରାପ ଚିନ୍ତା କିମ୍ବା ଦୁଷ୍କର୍ମ ନଥିଲା। ସେମାନେ ଅତ୍ୟନ୍ତ ପବିତ୍ର ଥିଲେ। ଦିନେ ସେମାନେ ପ୍ରଭୁଙ୍କର କଥା ନମାନି ପ୍ରଥମେ ଇଭ ଓ ପରେ ପରେ ଆଦାମ ଉକ୍ତ ନିଷିଦ୍ଧ ଫଳକୁ ଭକ୍ଷଣ କରିଥିଲେ। ସେମାନଙ୍କ ମଧ୍ୟରେ କାମ, କ୍ରୋଧ, ଲୋଭ, ମୋହ, ମାତ୍ସର୍ଯ୍ୟ ସୃଷ୍ଟି ହେଲା ଓ ସେହିଠାରୁ ମାନବ ଜଗତର ସୃଷ୍ଟି।

ପାଦ୍ରୀ କହିଥିଲେ, ଏସବୁ ଘଟିଥିଲା କାରଣ ସେମାନେ ପ୍ରଭୁଙ୍କର ଆଜ୍ଞାବହ ହୋଇନଥିଲେ। ମୁଁ ବାପାଙ୍କୁ ପଚାରିଲି, ଆଜ୍ଞାବହର ଅର୍ଥ କ'ଣ ? ପିତା, ମାତା, ଗୁରୁଜନ ଏମାନଙ୍କ କଥା ଶୁଣିବାକୁ ଆଜ୍ଞାବାହ ହେବା କ'ଣ ବୁଝାଯାଏ କି ? ବାପା କହିଲେ ନା। ଆମ ଭିତରେ ସତ୍‌ଚିତ୍, ବିବେକ, ଚେତନା ରହି ଅଛି। ଏହା ସବୁ ସମୟରେ ଚେତାଇ ଦିଏ କେଉଁଟି ଠିକ୍ କେଉଟି ଭୁଲ। ଆମେ ବିବେକର କଥା ନଶୁଣି, ଆଜ୍ଞାବାହ ନହୋଇ, ଇନ୍ଦ୍ରିୟ ମାନଙ୍କର କଥାରେ ପରିଚାଳିତ ହେଉ ଓ ସେହିଠାରୁ ଆରମ୍ଭ ହୁଏ ଦୁଷ୍କର୍ମ ଓ ପଶୁତ୍ୱ। ସେଦିନ ମୁଁ ମୋର ପିଲା ଦିନର ସମସ୍ତ ଅସୁମାରୀ ପ୍ରଶ୍ନର ଉତ୍ତର ପାଇଥିଲି। କାରଣ ପ୍ରକୃତ ଉତ୍ତର ନପାଇ ମୁଁ ମରୀଚିକା ପଛରେ ଧାଇଁଥିଲି ଓ ମୋର ଦୁଇଟି ଆଖିର ଗୋଟିଏ ଦୃଷ୍ଟିଭଙ୍ଗୀ ଅଛି ବୋଲି ଜାଣି ପାରିଥିଲି। ଭଗବାନଙ୍କର ଆଜ୍ଞାବହ ନ ହେବାହିଁ ପାପ ବୋଲି ଉପଲବ୍ଧି କଲି।

♥ ଅବସରପ୍ରାପ୍ତ ପ୍ରାଧ୍ୟାପିକା
ସିଡିଏ, କଟକ
(ମୋ) ୯୬୯୨୯୮୦୦୨୬



## ଅପରିଚିତାର ଓଠ

ରଜନୀ ଶତପଥୀ

ଦେଖୁଥିବା ଆକସ୍ମିକ ମୁହୂର୍ତ୍ତ
ମୋର ନ ସରିବା ପର୍ଯ୍ୟନ୍ତ.....
ମତେ କରେ ବିବଶ
ଅପରିଚିତାର ଓଠ ।

ଓଠ ତ ଓଠ
ତା'ପରି ନାହିଁ କିଛି
ତା'ସରି ନୁହଁ କିଛି
ଯେତେ ଉପମା ବିଅର୍ଥ ।

ରଙ୍ଗର ପସରା ଧରି
ଫେରିବାଲା ପରି ଆସେ ଓଠ
ବୁଲି ବୁଲି ଡାକୁଥାଏ
'ଓଠ ନବ ଓଠ' ।

ସେ ମହୁ ନୁହଁ ନା ମହୁଲ
ନିଆଁ ନୁହଁ ନା ଫୁଲ
ନ ଛୁଇଁ ଛୁଇଁବା ପୁଣି ଛୁଇଁ ବାର ସୀତ୍କାର
ସେଇ ଓଠର ଇନ୍ଦ୍ରଜାଲ ।

ଅପରିଚିତାର ଓଠ
ମୋ' ଅନୁଚିତ ଇଛାର ପ୍ରତିପକ୍ଷ
ଯେବେ ସୀମା ଲଂଘେ ଲୋଭ
ମୋ' ଭିତରେ ଭିନ୍ନ ଏକ
ଯୁଦ୍ଧର ଆରମ୍ଭ ।

ସେଇ ଓଠ ଦିଏ ଆଶ୍ଚର୍ଯ୍ୟ ଆହ୍ୱାନ
ଯାହାକୁ ଜିତିବା ପାଇଁ
ମୋର ଆପ୍ରାଣ ପ୍ରୟାସ
ଆସକ୍ତିର ଅନେକ ଉଡାଣ
ସେଥିରେ ଇନ୍ଧନ ଭରେ ସେଇ ଓଠ
ମତେ କରେ ବିସ୍ମିତ
ମତେ କରେ ବିବଶ ।

♥ ଭୁବନେଶ୍ୱର
ମୋ - ୯୦୪୦୦୮୯୬୯୭

## କବିତା...

## ତଥାପି ମୁଁ ସପ୍ନ ଦେଖେ

ସିଦ୍ଧେଶ୍ୱର ପଣ୍ଡା



ନିସ୍ତବ୍ଧ ରାତି
ଖୋଲା ରଖିଛି ଦ୍ୱାର
ଯାହାକୁ ଅପେକ୍ଷା କରିଛି
ସେ କେବେଠୁ ନିରୁଦ୍ଦିଷ୍ଟ !

କଣ ପାଇଁ ତମେ ଭୁଲିଗଲ
ଚାଲିଗଲ ଏକାକୀ କୋଳାହଳ ଭିତରକୁ....
ଏବେ ଛାତିକୁ ଟୁକୁଡ଼ା ଟୁକୁଡ଼ା କରି
ଦହଗଞ୍ଜ ହେଇ ବଂଚିଛି
ତମ ଅନୁସନ୍ଧାନ କେଉଁ ପ୍ରାପ୍ତି ପାଇଁ
ରକ୍ତ, ହାଡ଼, ମାଂସର ଆକର୍ଷଣଠାରୁ
ଆଉ କେଉଁ ଖୁସି କେଉଁ ସାନିଧ ଏତେ
ନିବିଡ଼ ?

ପ୍ରେମ ତ ସମର୍ପଣ....
ଦେହ, ମନ, ଆତ୍ମାର ସମ୍ମୋହନ ଠାରେ
କେଉଁ ମୁକ୍ତି, ନୀଳ ନିର୍ବାଣ ?

ଏବେ ଘୁରି ବୁଲୁଛି
କକ୍ଷଚ୍ୟୁତ ଉଲ୍‌କାସମ
ଜୀବନ ବି କଣ୍ଢେଇ ପରି

ଦିନେ ନା ଦିନେ ମାଟିରେ ମିଶିଯିବ
ମାଟି ଛଡ଼ା କାହାର ଅସ୍ତିତ୍ୱ ଅଛି
ନା ଜୀବନର....
ନା ସପ୍ନର.... !

ମାଟି ବି ଆଖିକୁ ବାଟ ଦେଖାଏ
ଜୀବନର ଉତ୍ତରଣର କଥା କହେ
ମାଟି ପରା ଜୀବନର ମନ୍ତ୍ର ଶିଖାଏ
ଜୀବନରେ ଜୟ ପରାଜୟ ବୋଲି
କିଛି ହିଁ ନଥାଏ
ସବୁ ହିଁ ଏକ ଭ୍ରାନ୍ତି ।

ଏତେ ବଡ ଦୁନିଆଁରେ କିଏ
ମୃତ୍ୟୁର କଥା ବୁଝେ
ମୃତ୍ୟୁ ହେଉଛି ଜୀବନର ଜନ୍ମଦାତ୍ରୀ
ମୃତ୍ୟୁ ହେଉଛି ଜୀବନର ଚରମ ଆନନ୍ଦ ।

ଧୂସର ମଧ୍ୟାହ୍ନ ପରି ନୀରବ ନିଃସଙ୍ଗ
ମୋ ସମ୍ମୁଖେ ଜରାଜୀର୍ଣ୍ଣ ସବୁଜ ଦୁର୍ଗ
ଶୂନ୍ୟତାର ବିକଳ ଚିତ୍ର ପରି
ବେଦନାର ବିଦଗ୍ଧ ବେଳାରେ
ଲୁହର ଆଞ୍ଜୁଳା ଆଞ୍ଜୁଳା ତର୍ପଣ !

ଲୁଣ୍ଠିତ ଭଗ୍ନହୃଦୟରେ
ତଥାପି ମୁଁ ସପ୍ନ ଦେଖେ
ଝଡ଼ ଶେଷର ମଣିଷ ଭଳି
ପୁଣି ଗଢିବାକୁ ପ୍ରେମର ମନ୍ଦିର ।

ଜାଣିଛ !
ଛଳନାର ଏସିଡ୍ ଫିଙ୍ଗିଦେଇଗଲ
ମୋ ହାଡ଼, ରକ୍ତ, ଛାତିରେ
ସମୟର ମଲମରେ ମୁଁ ଏବେ ସୁସ୍ଥ
ତଥାପି ଲେଖୁଛି ଜୀବନର ଗୀତ
ତମ ଶୂନ୍ୟତାରେ
କାମନା ବାସନାର ପରିପୂର୍ଣ୍ଣ
ଆକାଶଟିଏ ତିଆରି କରିବି
ପ୍ରେମର ଝଡ଼କୁ ଅତିକ୍ରମ କଲାପରେ
ଆଉ କି ଭୟ ଅଛି ସଂସାରରେ !

♥ ପ୍ରାଧ୍ୟାପକ ଇଂରାଜୀ ବିଭାଗ
ଶୂଳିଆପଦା, ମୟୂରଭଞ୍ଜ
ମୋ - ୯୧୭୮୧୫୩୯୬୨

## କଥା ଦେଇ କଥା ରଖିଲିନି

ଡ଼ ରାମଚନ୍ଦ୍ର ପଲାଇ



କେତେ ଥର କଥା ଦେଲା ପରେ ବି
କଥା ରଖିଲିନି !

ଭାବିଥିଲି ନଈକୂଳ ବରଗଛ ମୂଳେ
ଲମତମ ହେବି
ଯେଉଁଠି କିଛି ବର୍ଷ ପୂର୍ବେ
ଲମ୍ଫ ମାରିଥିଲି
ନୁଆଁଣିଆ ଡାଳରୁ ନଈ ଭିତରକୁ
ଦିନ ଦ୍ୱିପ୍ରହରେ ।

କଥା ଦେଇଥିଲି
ମାମୁଁ ଘର ରାସ୍ତା ଦେଇ ରଘୁପୁର ଯିବି
ବାଟରେ ଯିଏ ଯେତେ ଦେଖାହେବେ
ସରାଗରେ ସଙ୍କୋଳିବି ।

କଥା ଦେଇଥିଲି
ଗଢିବି ବାଲିଘର ଲୁଣା ନଈ ପଠାରେ
ଆଉ, ତୁମେ ରାନ୍ଧିବ ଭାତ ଓ ତିଅଣ
ଖପରା, ଗୋଡ଼ି ଓ ନଡ଼ିଆ ସଢେଇରେ ।

ଏମିତି କଥା ଦେଇଥିଲି
ରାତି କଟେଇବି ଶିମିଳିପାଳର ଚଟିଘରେ ।
ଅନ୍ଧାର ଓ ଆଲୁଅର ଛକା ପଞ୍ଝା ଭିତରେ
ଶୋଇଯିବି ମହୁଲି ନିଦରେ ।

ଏମିତି ତ କେତେ କଥା, କେତେ ବ୍ୟଥା
କଥା ଦେବାର ଓ ଭାଙ୍ଗିବାର,
ଟାଣି ହୋଇ ଝରାପତ୍ରଟିଏ ପରି
ସମୟ ସୁଅରେ

ଭାଙ୍ଗିଦେଇ ସବୁ ଟାଣପଣ
ଗଛ ଓ ପତ୍ର ମଧ୍ୟରେ ।

ମୁଁ ଦୋଷୀ !
କଥା ରଖିପାରଲିନି ନିଜ ସହ,
ଆଉ କାହା କଥା କିପରି ରଖିବି ?
ଏତେ ସବୁ ଅଜଣାର ଟାଣ ଭିତରେ
ମୋ'ର ଟାଣ କିପରି ରଖିବି ?

ଏବେ ଠିକ୍ କଲି
ଆଉକେବେ କଥା ଦେବିନାହିଁ
ଯାଉଯାଉ ଯଦି କାହା ସହ ଦେଖାହେଲା
ତାହେଲେ ତ ଭଲ କଥା
ନ ହେଲେ ମୋ ପାଖରେ
କେହି ବି ନ ଥିବେ ଦୋଷଦେବା ପାଇଁ ।

ଏବେ ମୁଁ ଭାସୁଥିବି
ଅଣଚାଶ ପବନରେ ବାଟ ହୁଡ଼ିଥିବା
ପତ୍ରଟିଏ ପରି କେଉଁ ଏକ
ଅଜଣାପଥରେ ।

♥ ଭାରତ ଭିଲ୍ଲା, ରୁଦ୍ରପୁର
ଭୁବନେଶ୍ୱର - ୭୫୨୧୦୧
(ମୋ) ୯୪୩୭୭୫୪୩୬୯

## ରାସ୍ତା ବଦଳେ ନାହିଁ

ତପନ କୁମାର ସାହୁ



ଭାରତ ମାନଚିତ୍ରର କୋଉଏକ କୋଣରେ
ମୋ ଗାଁ ନକ୍ସା
ଠିକ୍ କୋଡିଏ ବର୍ଷ ପୂର୍ବେ
ଯେମିତି ଝୁଲୁ ଥିଲା
ଆଜି ବି ଠିକ୍ ସେମିତି ଝୁଲୁଛି
ଆମ ଗାଁ ସ୍କୁଲ କାନ୍ଥରେ !!

ଓଡ଼ିଶା ମାନଚିତ୍ର କିନ୍ତୁ ଖୁବ୍ ବଦଳେ
ଖବର କାଗଜରେ
ନେତାଙ୍କ ଭାଷଣରେ
ରାସ୍ତା କଡର ପାର୍ଟି ପ୍ରଚାର ବେନରରେ
ଦସ୍ତାବିଜରେ !!

ଏଠି ଚୌକି ବଦଳେ ନାହିଁ
ନେତୃତ୍ୱର ମୁଖା ବଦଳେ

ଏଠି ରାସ୍ତା ବଦଳେ ନାହିଁ
ଏଠି ପାଗ ବଦଳେ !!

ଏଠି ସ୍କୁଲର ଛାତ ଖସେ
ଧାନ ମଣ୍ଡିରେ ଦାମ୍ ଖସେ
ରଘୁଆ ଦେହରୁ ନିଶା ଖସେ
ଏଠି ରାସ୍ତା ବଦଳେ ନାହିଁ
ଏଠି ଆକାଶ ଦେହରେ ରଙ୍ଗ ବଦଳେ !!

ଏଠି ବର୍ଷା ପରେ ଗାଁ ନଦୀ ପୋଲ ଭାଙ୍ଗେ
ପାଞ୍ଚ ବର୍ଷର ପ୍ରତିଶ୍ରୁତି ଭାଙ୍ଗେ
ଏଠି ବାତ୍ୟା ପରେ
ଗରୀବର ସ୍ୱପ୍ନ ଭାଙ୍ଗେ
ଚାଳଛପର ଘର ଭାଙ୍ଗେ
ପକ୍ଷୀର ବସା ଭାଙ୍ଗେ

ଏଠି ରାସ୍ତା ବଦଳେ ନାହିଁ
ଏଣ୍ଟୁଅ ଦେହରେ ରଙ୍ଗ ବଦଳେ !!

ଏଠି ମାଓବାଦୀ ଭୟରେ ଛାତି ଥରେ
ବୋମା ମାଡ଼ରେ ଜଙ୍ଗଲ ଥରେ
ମାଘ ଶୀତରେ ଦେହ ଥରେ
ଭୂମିକମ୍ପରେ ମାଟି ଥରେ
ଏଠି ମୋ ଗାଁ ରାସ୍ତା ବଦେଳେ ନାହିଁ
ଠିକାଦାରର ଭାଗ୍ୟ ବଦଳେ !!

ଏଠି ଗାନ୍ଧୀଙ୍କ ନୀତି ବଦଳେ ନାହିଁ
ନେତା ନିତି ନିତି ପାର୍ଟି ବଦଳେ
ଏଠି ହସ୍ପିଟାଲ୍ ର ସ୍ଥିତି ବଦଳେ ନାହିଁ
ନିତି ନୂଆ ନୂଆ ଡାକ୍ତର ବଦଳେ
ଏଠି ସ୍କୁଲ୍‌ରେ ଶିକ୍ଷକର ଅଭାବ ବଦଳେ ନାହିଁ
ବହିରେ ଥିବା ପାଠ ବଦଳେ
ଏଠି ମୋ ଗାଁ ରାସ୍ତା ବଦଳେ ନାହିଁ
ଏଠି ପେଟ୍ରୋଲର
ଘନ ଘନ ଦାମ୍ ବଦଳେ !!

ଆମ ଗାଁକୁ ରାସ୍ତା କୋଡିଏ ବର୍ଷ ପୂର୍ବେ
ଯେମିତି ଥିଲା
ଏବେ ବି ଠିକ୍ ସେମିତି ଅଛି
ଗରିବ ପିନ୍ଧା ଫଟା ଧୋତିରେ
କାଦୁଅ ଛିଟା ନିତି ନୂଆ ନୂଆ
ମୋ ଗାଁର ନକ୍ସା ଆଙ୍କୁଛି !!

♥ ବେଲଗାଁ, କଳାହାଣ୍ଡି
(ମୋ) ୯୦୧୯୩୧୧୮୬୮

# ବାଘ ହାତରେ ସୁବର୍ଣ୍ଣ କଙ୍କଣ ପରି ଏବେ କିଛି ଭାଟଙ୍କ ମେଳରେ ଓଡ଼ିଆ ସାହିତ୍ୟ ପହଂଚିଛି : ମାନସ ରଂଜନ ମହାପାତ୍ର

**ମାନସ ରଂଜନ ମହାପାତ୍ର** ଗତ ଅର୍ଦ୍ଧ ଶତାବ୍ଦୀର କାବ୍ୟ ଯାତ୍ରା ସମକାଳୀନ ଓଡ଼ିଶାର ସାଂସ୍କୃତିକ ଇତିହାସର ଏକ ବିଶେଷ ଅଧ୍ୟାୟ । ସଂଘର୍ଷ, ପ୍ରେମ ଓ ସ୍ୱପ୍ନ ତାଙ୍କ କବିତାର ମୂଳ ସୂତ୍ର, ତାହାକୁ ବି ଆବୋରି ରଖିଛି ବିଭୁ ପ୍ରେମ ଓ ଆଧିଭୌତିକତା । ଶ୍ରୀଯୁକ୍ତ ମହାପାତ୍ର ଉତ୍ତର ପୂର୍ବାଞ୍ଚଳ ପରିଷଦର ନିର୍ଦ୍ଦେଶକ ତଥା ଜାତୀୟ ଶିଶୁ ସାହିତ୍ୟ କେନ୍ଦ୍ରର ମୁଖ୍ୟ ଭାବେ କାର୍ଯ୍ୟକରି ଅବସର ପ୍ରାପ୍ତ । 'ସାହିତ୍ୟ ପ୍ରଚାରର ବିଷୟ ନୁହେଁ ଓ ତଥାକଥିତ ଓଡ଼ିଆ ଅସ୍ମିତା ଏକ ସରକାରୀ ଧୂଆଁବାଣ'ବୋଲି କହୁଥିବା ଏହି କବିଙ୍କ ସହ ଏଥରର ଆଳାପ...



ପ୍ରସ୍ତୁତି : ସୈରିନ୍ଧ୍ରୀ ସାହୁ

■ କବିତା କାହିଁକି ? କେମିତି ହୋଇଥିଲା କବିତାର ଆଦ୍ୟ ସ୍ଫୁରଣ ?

■■ କହିବା ସହଜ ନୁହଁ । ପିଲାଦିନେ ବୋଉର ଭଙ୍ଗା ଟ୍ରଙ୍କରୁ ପଢ଼ିବାକୁ ପାଇଥିଲି ସୁଶୀଳ ମାଳତୀ, ଅମର ବିଳାସ, ଖୁଲଣା ସୁନ୍ଦରୀ ଓ ଅନେକ କଥାକୁହା ଚଟି ବହି। ୧୯୭୩ ମସିହା ବୋଧେ ହେବ ; ରେଳରେ ପୁରୀରୁ ବ୍ରହ୍ମପୁର ଯିବାବେଳେ ଦେଖିଲି ଅପରୂପା ଚିଲିକାକୁ। ପିଲାଦିନୁ ଦେଖୁଥିଲି ସମୁଦ୍ରକୁ। ପ୍ରକୃତି ମୋ ଭିତରେ ସୃଷ୍ଟି କଲା କବିତା।

■ ଆପଣଙ୍କ ସାରସ୍ୱତ ପ୍ରେରଣା କିଏ ? ସାହତ୍ୟର ଆଦ୍ୟ ଗୁରୁ ଭାବରେ ଆପଣ କାହାକୁ ସ୍ମରଣ କରିବେ ?

■■ ମୋର ସାରସ୍ୱତ ପ୍ରେରଣା ଅନେକ - ପ୍ରକୃତି, ସମୁଦ୍ର, ନଦୀ, ହ୍ରଦ, ପାହାଡ, ପର୍ବତ, ଜୀବଜନ୍ତୁ, ଆଧ୍ୟାତ୍ମିକତା ଓ ଶ୍ରୀ ଜଗନ୍ନାଥ। ପ୍ରଥମେ କବିତା ଲେଖିବା ବେଳେ ରବି ସିଂଙ୍କର ଅନେକ କବିତା ପଢିଥିଲି ଓ ମୁଗ୍ଧ ହୋଇଥିଲି। ପରେ ସଚ୍ଚିଦାନନ୍ଦ ରାଉତରାୟ, ଗୁରୁପ୍ରସାଦ ମହାନ୍ତି, ରାଧାମୋହନ ଗଡ଼ନାୟକ, କମଳାକାନ୍ତ ଲେଙ୍କା, କୁମାର ମହାନ୍ତି ଓ ରମାକାନ୍ତ ରଥ। ଏମାନେ ମତେ ବିଭିନ୍ନ ଭାବେ ପ୍ରଭାବିତ କରିଛନ୍ତି। ତେବେ ମୋର କାବ୍ୟ ଗୁରୁ କେହି ନାହାନ୍ତି। 'ମନ ତୋହର ନିଜ ଗୁରୁ, ଉଦ୍ଧବ କେତେ ତୁ ପଚାରୁ !'

■ କେମିତି ଥିଲା ସାହିତ୍ୟ ଜଗତରେ ପ୍ରଥମ ପ୍ରବେଶର ଅନୁଭୂତି ? କେଉଁ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ଓ ଆଦର୍ଶ ନେଇ ଆପଣଙ୍କର ଏ ଯାତ୍ରା ?

■■ ୧୯୭୫ ମସିହାରେ କବିତାଟିଏ ମୀନାବଜାରକୁ ପଠାଇଥିଲି। ସେପ୍ଟେମ୍ବର ଏଗାର ତାରିଖ, ସକାଳେ ସ୍କୁଲର ପ୍ରାର୍ଥନା ସଭାରେ ମୋର ପୂଜ୍ୟ ଶିକ୍ଷକ ଲୋକନାଥ ସାହା କହିଲେ, 'ଆଜି ଆମ ସ୍କୁଲର ଜଣେ ଛାତ୍ରର କବିତା ଖବରକାଗଜରେ ବାହାରିଛି।' ମୋର ଦୁଇ ବ୍ୟାଚ୍ ଉପରେ ପଢୁଥାନ୍ତି ରମାବଲ୍ଲଭ ମିଶ୍ର। ସେ ମେଧାବୀ ଛାତ୍ର। ସାର୍‌ଙ୍କର ବି ଅତି ପ୍ରିୟ। ସେତେବେଳକୁ ସେ କଲେଜ ଗଲେଣି। ମୁଁ ରମା ଭାଇନାଙ୍କ ପାଇଁ ତାଳି ବଜେଇବାକୁ ପ୍ରସ୍ତୁତ ହୋଇ ରହିଲି । ସାର୍ ତା'ପରେ ମୀନାବଜାର ପୃଷ୍ଠାରୁ 'ଶରତ ଆସିଛି ଧରାପରେ' କବିତା ପଢିବା ଆରମ୍ଭ କଲେ। ଆରେ ଏ ତ ମୋ କବିତା ! ମୁଁ ଆଶ୍ଚର୍ଯ୍ୟ ଚକିତ। ସାର୍ ତା'ପରେ ମତେ ସମସ୍ତଙ୍କ ସାମ୍ନାକୁ ଡାକିଲେ। ସେଦିନଠୁ ମୁଁ ଲେଖି ଆସୁଛି। ଆଉ ଲକ୍ଷ୍ୟ ଓ ଆଦର୍ଶ ? ମୁଁ ଭାବେ, ଲେଖକଟି ସାହିତ୍ୟର ଅଘୋଷିତ ରାଷ୍ଟ୍ରଦୂତ ଓ ସମୟର ସାମ୍ବାଦିକ। ଲେଖକର ଏକ ମାତ୍ର ଲକ୍ଷ୍ୟ ସମକାଳୀନ ସମୟ, ସମାଜ ଓ ଘଟଣାବଳୀ ନିର୍ଭୀକ ନିରପେକ୍ଷ ଭାବେ ଲେଖିବ। ସେଇ ବି ଆଦର୍ଶ । ତେବେ ଦେଖେଇ ହେଲା ଭଳି ଲେଖିବାର କିଛି ଅର୍ଥ ନାହିଁ। ସାହିତ୍ୟ ପ୍ରଚାରର ବିଷୟ ନୁହେଁ ।

■ ସୃଜନଶୀଳତା କ୍ଷେତ୍ରରେ ଉଦାରତାର ଅଭାବ ଏକ ବିରୋଧାଭାସ ଭଳି ମନେହୁଏ, କ'ଣ କହିବେ ?

■■ ସମକାଳୀନ ଓଡ଼ିଆ କବିମାନଙ୍କର ପର୍ଯ୍ୟାପ୍ତ ଅନୁଭୂତି ଓ ବିଶ୍ୱ ଦୃଷ୍ଟିର ଅଭାବ ମତେ ବ୍ୟଥିତ କରେ। ସାହିତ୍ୟ କଥା ଦୂରେ ଥାଉ, ଏବର କବିମାନେ ସମସ୍କନ୍ଧ ଚୌକିରେ ସମକାଳୀନ କବିଟିକୁ ବି ଦେଖିବାକୁ ଚାହାନ୍ତି ନାହିଁ, ପଢିବା ତ ଦୂରର କଥା । ଓଡ଼ିଆ ଲେଖକମାନେ ନିଜ ସମକାଳୀନ ଲେଖକଟିର ବହି କିଣିକରି ପଢନ୍ତି ନାହିଁ। କୌଣସି ପ୍ରକାରେ ଧରାଧରି କରି, ଯୋଗାଡଯନ୍ତ କରି ଆଗକୁ ବଢ଼ିବା ଏ ସମୟର ବିଡ଼ମ୍ବନା । ସାହି କ୍ଲବଠାରୁ ସାରଳା ପୁରସ୍କାର ସାହିତ୍ୟ ଏକାଡେମୀ, ଜ୍ଞାନପୀଠ ବା ସରସ୍ୱତୀ ସମ୍ମାନ ପର୍ଯ୍ୟନ୍ତ ଏଇ ଧରାଧରିର ବିସ୍ତାର... ମୂଳ ଲକ୍ଷ୍ୟ, ପୁରସ୍କାର ମାଧ୍ୟମରେ ଅର୍ଥ ଉପାର୍ଜନ। ପାଠକ ଯୁଆଡ଼େ ଯାଉଛି ଯାଉ, ଲେଖକର ପକେଟ ଗରମ ହେଲେ ଗଲା ।

■ କୁହାଯାଉଛି ମାତୃଭାଷା ଏବେ ସଂକଟରେ । ଏଥିରୁ ମୁକ୍ତି ପାଇବାର ମାର୍ଗ ସାହିତ୍ୟକୁ ଆଧାର କରି କରାଯାଇ ପାରିବ କି ?

■■ ମାତୃଭାଷା କେବେ ସଙ୍କଟରେ ନଥିଲା କି ଏବେ ମଧ୍ୟ ନାହିଁ। ଓଡ଼ିଆ ସାହିତ୍ୟ କିଛି ପଦପଦବୀଧାରୀ ବାବୁ, ପ୍ରଫେସର(ଅଧ୍ୟାପକ), ତଥାକଥିତ ନେତା ଓ ତେଲିଆ ସାମ୍ବାଦିକଙ୍କ ହାତରେ ରହିଛି। ଏହା ହିଁ ମାତୃଭାଷାର ସବୁଠୁ ବଡ ସଙ୍କଟ। ଏହି ତଥାକଥିତ ବଡ ଲେଖକମାନେ ନିଜ ପିଲାମାନଙ୍କୁ ଓଡିଆ ସ୍କୁଲରେ ପଢାନ୍ତି ନାହିଁ। ଏମାନଙ୍କ ଭିତରୁ ଅନେକେ ଘରେ ପିଲାମାନଙ୍କ ସହ ଇଂରାଜୀ ବା ହିନ୍ଦିରେ କଥାବାର୍ତ୍ତା ହୁଅନ୍ତି । ଫଳତଃ ସେଇ ପିଲାମାନେ 'ଡାଡି ମମି' ସଂସ୍କୃତିରୁ ଆଗକୁ ବଢି ପାରନ୍ତି ନାହିଁ। ତଥାକଥିତ ଓଡ଼ିଆ ଅସ୍ମିତା ଏକ ସରକାରୀ ଧୂଆଁବାଣ।

■ କବିତାର ଭବିଷ୍ୟତକୁ ନେଇ କେତେ ଆଶାବାଦୀ ? କବିତାରେ କାହାର ମାନସିକତା ପରିବର୍ତ୍ତନ ସମ୍ଭବ କି ?

■■ ସ୍ୱପ୍ନର ଅଭାବ ନାହିଁ। ହେଲେ ଏତେ ସ୍ୱପ୍ନ ପାଇଁ ରାତି କାହିଁ !? ଓଡ଼ିଆ କବିତାର ଭବିଷ୍ୟତ ବା ପରିଚୟ ପୁରସ୍କାର, ପ୍ରକାଶନ ବା ଭାଷଣ ହୋଇ ନପାରେ। ବାଘ ହାତରେ ସୁବର୍ଣ୍ଣ କଙ୍କଣ ପରି ଏବେ କିଛି ଭାଟଙ୍କ ମେଳରେ ଓଡ଼ିଆ ସାହିତ୍ୟ ପହଞ୍ଚିଛି । ମୁଁ ଆଶାବାଦୀ, ଏ ଅବସ୍ଥା ବେଶିଦିନ ରହିବ ନାହିଁ । କବିର ଜୀବନ ଯଦି ଧରାଧରି, ତେଲାତେଲିରୁ ମୁକ୍ତ ରହିବ ତା ସୃଷ୍ଟି ଅନ୍ୟର ମାନସିକତାକୁ ପ୍ରଭାବିତ କରିବ। ପରିବର୍ତ୍ତନ ଦିନେ ନା ଦିନେ ନିଶ୍ଚୟ ଆସିବ। ମୁଁ ଏବେ ବି ଜଣେ ସୁଜ୍ଞାନୀ ଗ୍ରାହକର ଅପେକ୍ଷାରେ ଅଛି।

■ ଓଡ଼ିଆ ସାହିତ୍ୟ ବିଶେଷ କରି କବିତାର ପାଠକଙ୍କୁ ନେଇ କେତେ ଆଶ୍ୱସ୍ତ ? ପାଠକ ସାହିତ୍ୟ ପାଖରୁ ନା ସାହିତ୍ୟ ପାଠକଙ୍କ ନିକଟରୁ ଦୂରାଉଛି ? କ'ଣ କଲେ ସାହିତ୍ୟ ସାଧାରଣ ପାଠକଙ୍କ ପାଖରେ ପହଞ୍ଚି ପାରିବ ?


■■ କିଏ ପଢେ ଆମକୁ ? ଏଇ ସାଧାରଣ ପାଠକଟି କିଏ ? ପୂଜା ସଂଖ୍ୟାର କ୍ରେତା, ସାହିତ୍ୟ ସଭାର ଶ୍ରୋତା, ନେତା, ବରାଦିଆ ଲେଖକ ? 'ଗାଏ ତୁମ୍ଭ ଗୀତ, ସଭାରେ ପଣ୍ଡିତ, ପଥେ ପାନ୍ଥ ହୃଷ୍ଟ ମନା, ବିଲେ ବୋଲେ ଚଷା, ଅନ୍ତଃପୁରେ ଯୋଷା, ନୃତ୍ୟ ରଙ୍ଗେ ବାରାଙ୍ଗନା ।' ସେ ପାଠକଟି ଏବେ କାହିଁ ? ଶୀତତାପ ନିୟନ୍ତ୍ରିତ ଘରେ ବସି ବନ୍ୟାଞ୍ଚଳର ଛବି ଆଙ୍କୁଛନ୍ତି ଏବର ବ୍ୟୁରୋକ୍ରାଟ କବିମାନେ । ବାକି କବିଗଣ ଏବେ ରାଜାଙ୍କ ସ୍ତୁତିଗାନ କରି ନିଜ ସାହିତ୍ୟକୁ ହାତରୁ ପଇସା ଖର୍ଚ୍ଚ କରି ଅନୁବାଦ କରେଇ ନାମୀ ପ୍ରକାଶକଙ୍କ ଦ୍ୱାରା ପ୍ରକାଶ କରେଇ ନିଜକୁ ଧନ୍ୟ ମନେ କରୁଛନ୍ତି। ଦିନ ଥିଲା କାହ୍ନୁଚରଣଙ୍କ ବହି ଗାଁ ହାଟରେ ମିଳୁଥିଲା । ଏବେ ଭଲ ବହି ଦୋକାନଟିଏ ପାଇବା କଷ୍ଟକର। ଓଡ଼ିଆ ବହି ବଜାରର ଅକାଳ ମୃତ୍ୟୁ ଘଟିଛି। ପ୍ରକୃତ ପାଠକ ସାହିତ୍ୟ ପାଖରେ ସୁଜ୍ଞାନୀ ଗ୍ରାହକ ହୋଇ ପହଞ୍ଚି ପାରୁନାହିଁ, ସାହିତ୍ୟ ପାଠକ ବା ସମାଜ ପାଖରେ ନାହିଁ। ଓଡ଼ିଆ ସାହିତ୍ୟ ଏବେ ବିପଣନ ଓ ବିଜ୍ଞାପନର ବସ୍ତୁ ।

■ ଲେଖକ ଜୀବନରେ ପୁରସ୍କାରର ଗୁରୁତ୍ୱ କେତେ ? ସାହିତ୍ୟ ମାଧ୍ୟମରେ କେଉଁ ବାର୍ତ୍ତାଟି ସମସ୍ତଙ୍କ ପାଖକୁ ଯାଉ ବୋଲି ଆପଣ ଚାହିଁବେ ?

■■ ସାହିତ୍ୟ କ'ଣ ସରକାରୀ ପ୍ରଚାର ପତ୍ର ? ଆମ ଲେଖକମାନେ ପରସ୍ପର ଫୋନରେ ବି ଦୁଃଖ ସୁଖ ହୁଅନ୍ତି ନାହିଁ। ସାହିତ୍ୟ କ'ଣ କରିବ ? କର୍ପୋରେଟ ଅନୁଦାନରେ ହେଉଥିବା ସାହିତ୍ୟ ଉତ୍ସବ ସାହିତ୍ୟର ଧର୍ଷଣ। ବଙ୍ଗ ବା ଆସାମ ଭଳି ପୂର୍ଣ୍ଣକାଳୀନ ଲେଖକ ଓଡ଼ିଶାରେ ନାହାନ୍ତି କହିଲେ ଚଳେ । ସରକାରୀ ଅନୁଦାନ ବିନା ଆମର କୌଣସି କବି, କଥାକାର, ଔପନ୍ୟାସିକ ବା ପ୍ରାବନ୍ଧିକଙ୍କ ଓଡ଼ିଆ ବହି ଲକ୍ଷେ ବି ବିକ୍ରୀ ହୋଇ ପାରେ ନାହିଁ। ଆମର ତଥାକଥିତ ଲୋକପ୍ରିୟ ଲେଖକମାନେ ଚା' ଖଟି ଆଡ୍ଡାକୁ ମଧ୍ୟ ଆସନ୍ତି ନାହିଁ। ମୁଁ ଏକଦା ବଡ଼ ବଡ଼ ପୁରସ୍କାର ଚୟନ କମିଟିରେ ଥିଲି। ନିଜେ ଥିବାରୁ ନିଜ କଥା ବା ନିଜ ପରିବାରର କାହା କଥା ବିଚାରକୁ ନେବାକୁ ଉଚିତ ମଣି ନାହିଁ । ଯଦିଓ ମୋ ପରିବାରରେ ଅନେକ ଜଣାଶୁଣା ଲେଖକ ଅଛନ୍ତି। ମୋ ଉତ୍ତରାଧିକାରୀ ନିଜ ପାଇଁ ତ ପୁରସ୍କାର ଯୋଗାଡ଼ କରିନେଲେ ନିଜ ସ୍ତ୍ରୀ ପାଇଁ ମଧ୍ୟ। ଏ ପ୍ରକାର ଆଚରଣକୁ ମୁଁ ସାହିତ୍ୟିକ ବ୍ୟଭିଚାର ବୋଲି ଭାବେ । ଲେଖକ ଜୀବନରେ ପୁରସ୍କାରର ଗୁରୁତ୍ୱ ମହତ୍ୱ ଅଛି ବୋଲି ସେତେବେଳେ ଜଣାପଡିବ, ଯେତେବେଳେ ବିନା ପ୍ରାର୍ଥନା, ସୁପାରିଶ, ପ୍ରଭାବ, ଧରାଧରି ବା ଗଡଫାଦରରେ ତାହା ମିଳିବ। ଏବେ ତ ପୁରସ୍କାର ପାଇଁ ଆବେଦନ କରିବା ବା କରେଇବା ପଡୁଛି। ମୋ ଜାଣିବାରେ ନିଜ ସାହିତ୍ୟିକ ଯୋଗ୍ୟତା ବଳରେ ପୁରସ୍କାର ପାଇଥିବା ଶେଷ ଓଡ଼ିଆ ଲେଖକ ଦ୍ୱୟ ହେଉଛନ୍ତି ସତ୍ୟନାରାୟଣ ରାଜଗୁରୁ ଓ ପ୍ରଫେସର ଚିତ୍ତରଞ୍ଜନ ଦାସ। ଏବେ ସାହିତ୍ୟ ମାଧ୍ୟମରେ ବାର୍ତ୍ତା କଥା। ନିର୍ଭୀକ, ନିରପେକ୍ଷ, ନିଃସ୍ୱାର୍ଥପର ନହେଲେ ବାର୍ତ୍ତା ଦେଇ ହେବ ନାହିଁ । ଚିତ୍ତ ଭୟଶୂନ୍ୟ, ମନ ସ୍ୱାର୍ଥହୀନ ହେବା ସହଜ କଥା ନୁହଁ। ମନୋଜ ଦାସଙ୍କ ଭଳି ଯୋଗୀ ଓଡ଼ିଆ ସାହିତ୍ୟରେ ବିରଳ । ଲେଖକଟି ଯେ ପ୍ରଚଳିତ ବ୍ୟବସ୍ଥାର ଭାଟ ନୁହେଁ, ମୋ ଲେଖା ମାଧ୍ୟମରେ ଏଇ ବାର୍ତ୍ତାଟି ମୁଁ ପାଠକଙ୍କ ପାଖରେ ସବୁବେଳେ ପହଞ୍ଚାଇ ଦବାକୁ ଚାହେଁ । ମୁଁ କୌଣସି ଟୋପି ବା ଚୌକିର ଦୌଡ଼ରେ ନାହିଁ। ମୁଁ ଚିରକାଳ ଅନାମ। ❤❤

---

■ ଅକ୍ଷରେ
**ମାନସ ରଂଜନ ମହାପାତ୍ର**



ଜନ୍ମ : ୧୫ ଜୁନ୍ ୧୯୬୦
ପିତା- ସ୍ୱର୍ଗତ ଲକ୍ଷ୍ମୀଧର ମହାପାତ୍ର
ମାତା - ସ୍ୱର୍ଗତ ସୁଶୀଳା ମଣି ଦେବୀ
ପତ୍ନୀ - ଶୈଳବାଳା ମହାପାତ୍ର

■ ପ୍ରକାଶିତ ସୃଷ୍ଟି ସମ୍ଭାର

**କବିତା ସଂକଳନ :**
୧- ମାଟିଠୁ ଆକାଶ ପର୍ଯ୍ୟନ୍ତ
୨- ଚିତ୍ରକରର ସକାଳ
୩- ଆମେ ଦୁହେଁ ସମୟ ସାମ୍ନାରେ
୪- ସମ୍ମୋହନରେ ଜୀବନ
୫- କେତେରଙ୍ଗର ଆକାଶ
୬- କବିତା ଭଳି ଶବ୍ଦ ମେଘରେ

**ଗଳ୍ପ ସଂକଳନ :**
୧- ଇଉନିଟ ତିନିର ପ୍ରେମିକା
୨- ନନାଙ୍କ ଖୁଞ୍ଚ ଲାଗିଥିବା ପଞ୍ଜାବୀ

**ଆତ୍ମଜୀବନୀ :**
ଆତ୍ମଲିପି ପରି


**English book :**
Queen 's Intelligence
Encountering Time
As I Go Ahead

**ହିନ୍ଦି ବହି :**
୧- ରାନୀକି ଚତୁରାଇ
୨- ଚଲୋ ଆଜ୍ କୁଛ ବାତ କର ଲେଁ

**ଅନୁବାଦ :**
୧- ଲୋକେ ଭୁଲିଗଲେଣି

**ସଂପାଦିତ ସଙ୍କଳନ :**
୧- ଏକ ଚମତ୍କାର ମିଛ କଥା
୨- ଜୀବନ : କବିତା
୩- ସରସ ଗୀତ
4- Silent Waves In Soliloquy

---



ପ୍ରାଣପ୍ରିୟା ପତ୍ନୀ କବି ଶୈଳବାଳାଙ୍କ ସହ ଲେଖକ ମାନସ ରଂଜନ...



ପତ୍ନୀ, ପୁତ୍ର, ପୁତ୍ରବଧୂ, କନ୍ୟା ଓ ନାତୁଣୀଙ୍କ ସହ ଲେଖକ ମାନସ ରଂଜନ ମହାପାତ୍ର ......



ସମ୍ବର୍ଦ୍ଧିତ ହେବାର ମହାର୍ଘ ମୁହୂର୍ତ୍ତ...

## ପ୍ରଥମ ବିଦେଶ ଯାତ୍ରା

**ନନ୍ଦିତା ମହାନ୍ତି**

# ମୋ ଝର୍କାରୁ ଆମେରିକା...

ଭାଗ-୨୦



**୯/୧୧ ଆକ୍ରମଣରେ ମୃତ୍ୟୁବରଣ କରିଥିବା ସବୁ ଦେଶର ନାଗରିକଙ୍କୁ ଶ୍ରଦ୍ଧାଞ୍ଜଳି ଜଣେଇବା ପାଇଁ ସେଇ ଦେଶର ପତାକାକୁ ଅର୍ଦ୍ଧ ନିମଜ୍ଜିତ କରି ରଖାଯାଇଛି ମ୍ୟୁଜିୟମ ଭିତରେ । ଏବେ ବି ସୁରକ୍ଷିତ ରଖାଯାଇଛି ସେହି ଅଧା ଭଙ୍ଗା ପାହାଚଶ୍ରେଣୀକୁ ଯାହା ପାଇଁ ସେଦିନ ଅନେକ ଲୋକ ବଞ୍ଚି ଯାଇଥିଲେ। ଆମେ ସେଇ ହଲ ଭିତରେ ବୁଲିଲା ବେଳେ ଲାଗୁଥିଲା ଯେମିତି ଏହି ମ୍ୟୁଜିୟମରେ ସୁରକ୍ଷିତ ସମସ୍ତ ଚିଜ ଜୀବନ୍ତ । ସ୍ପର୍ଶ ମାତ୍ରକେ ଯେମିତି ସୁପ୍ତତାରୁ ଚେଇଁ ଉଠି ବଖାଣିବେ ଏବେ ନିଜ ନିଜର କାହାଣୀ ।**

ୱାନ ୱାର୍ଲ୍ଡ ଟ୍ରେଡ ସେଣ୍ଟର ଭିତରକୁ ଯିବା ପାଇଁ ଆମେ ଏଣ୍ଟ୍ରାନ୍ସ ନିକଟରେ ଆସି ଛିଡା ହୋଇଗଲୁ ।

ପୂର୍ବରୁ ଯେଉଁଠାରେ ୱାର୍ଲ୍ଡ ଟ୍ରେଡ ସେଣ୍ଟର ଥିଲା ତାର ଉତ୍ତର ଟାୱାର ନିକଟରେ, ମାନହାଟନର ତଳ ପଟକୁ ତିଆରି ହୋଇଛି ୱାନ ୱାର୍ଲ୍ଡ ଟ୍ରେଡ ସେଣ୍ଟରର ବିଲଡିଙ୍ଗ ।ଏହା ୧୦୪ ମହଲା ବିଶିଷ୍ଟ କୋଠା । ଏହି କୋଠା ସାରା ଆମେରିକା ଓ ପଶ୍ଚିମ ଗୋଲାର୍ଦ୍ଧର ଉଚ୍ଚତମ ତଥା ସାରା ପୃଥିବୀର ସପ୍ତମ ଉଚ୍ଚତମ କୋଠା ଅଟେ ।

ୱାର୍ଲ୍ଡ ଟ୍ରେଡ ସେଣ୍ଟର ଉପରେ ୯/୧୧ ଆତ୍ମଘାତୀ ଆକ୍ରମଣ ଥିଲା ଆମେରିକା ଇତିହାସର ସବୁଠାରୁ ବଡ ଦୁର୍ଘଟଣା । ଆମେରିକା ପରି ଏକ ଅତ୍ୟାଧୁନିକ ଓ ପ୍ରଗତିର ଶୀର୍ଷ ଦେଶରେ ପହଞ୍ଚିଥିବା ଦେଶ ପାଇଁ ଏହା ଥିଲା ଚରମ ଆଘାତ । କିଛିଦିନ ପାଇଁ ଯେମିତି ସ୍ଥିର ହୋଇଯାଇଥିଲା ଆମେରିକାର ସୂକ୍ଷ୍ମତମ ସ୍ପନ୍ଦନ । କୁହାଯାଏ ଏହି ଆକ୍ରମଣରେ ଯେତିକି ଜୀବନହାନୀ ହୋଇଥିଲା ତା ଠାରୁ ଢେର ଅଧିକ ଧନହାନୀ ମଧ ହୋଇଥିଲା । କେବଳ ବୀମା କମ୍ପାନୀକୁ ଚାରି ହଜାର କୋଟିର କ୍ଷତିପୂରଣ ରାଶି ଦେବାକୁ ପଡିଥିଲା ଓ ଏକ ହଜାର କୋଟିର କୋଠା, ଆସବାବପତ୍ର ନଷ୍ଟ ହୋଇଥିଲା । ଭାଙ୍ଗିରୁଜି ନଷ୍ଟ ହୋଇ ଯାଇଥିବା କୋଠାକୁ ସେହି ସ୍ଥାନରୁ ବାହାର କରି ସଫାସୁତର କରିବା ପାଇଁ ଲାଗିଥିଲା ପାଖପାଖି ଗୋଟିଏ ବର୍ଷ ସମୟ ।

ୱାର୍ଲ୍ଡ ଟ୍ରେଡ ସେଣ୍ଟର ଥିଲା ଆମେରିକାର ଅର୍ଥନୈତିକ ଓ ବ୍ୟବସାୟିକ ଲାଇଫଲାଇନ । ଏହା ନଷ୍ଟ ହୋଇଯିବା ଦ୍ୱାରା ଢେର କ୍ଷତି ସହିଥିଲା ଆମେରିକା । ୨୦୦୨ ମସିହାରେ ସେଠାରେ ଆଉ ଏକ ୱାର୍ଲ୍ଡ ଟ୍ରେଡ ସେଣ୍ଟର ତିଆରି କରିବାର ପ୍ଲାନ କରାଗଲା ଓ ସେହି କ୍ରମରେ ଆମେରିକାରେ ଏକ ପ୍ରତିଯୋଗିତାର ଆୟୋଜନ କରାଗଲା ପ୍ରସ୍ତାବିତ କୋଠାର ନକସା ପ୍ରସ୍ତୁତ କରିବା ପାଇଁ । ବିଭିନ୍ନ ପର୍ଯ୍ୟାୟରେ ଏହା ଅନୁଷ୍ଠିତ ହୋଇଥିଲା । ଶେଷରେ ଡାନିଏଲ ଲିବିସ୍କେଣ୍ଡଙ୍କର ପ୍ଲାନ 'ମେମୋରି ଫାଉଣ୍ଡେସନ' ଏହି ପ୍ରତିଯୋଗିତାରେ ପ୍ରଥମ ହୋଇଥିଲା ଓ ସର୍ବସମ୍ମତି କ୍ରମେ ଏହାକୁ ଗ୍ରହଣ କରାଯାଇଥିଲା। ୱାନ ୱାର୍ଲ୍ଡ ଟ୍ରେଡ ସେଣ୍ଟରର ତିଆରି ଆରମ୍ଭ ହୋଇଥିଲା ୨୦୦୬ ମସିହାରେ ଓ ୨୦୧୪ ମସିହାରେ ଏହା ବ୍ୟବସାୟ ପ୍ରତିଷ୍ଠାନ ପାଇଁ ଖୋଲା ଯାଇଥିଲା । ୨୦୧୫ ମସିହାରେ ଏହାର ଅବଜରଭେଟୋରିକୁ ସର୍ବସାଧାରଣଙ୍କ ପାଇଁ ଖୋଲିଦିଆ ଯାଇଥିଲା ।

ୱାନ ୱାର୍ଲ୍ଡ ଟ୍ରେଡ ସେଣ୍ଟର ହେଉଛି ଏକ ୧୦୪ ମହଲା ବିଶିଷ୍ଟ କୋଠା । ଏହାର ଉଚ୍ଚତା ହେଉଛି ୧୭୭୬ ଫୁଟ ବା ୫୪୧ ମିଟର । ଏଠାରେ ଆଉ କଥା ପ୍ରଣିଧାନ ଯୋଗ୍ୟ ଯେ ଏହି କୋଠାର ଉଚ୍ଚତାକୁ ଜାଣିଶୁଣି ୧୭୭୬ ଫୁଟ ରଖାଯାଇଛି । କାରଣ ୧୭୭୬ ମସିହାରେ ଆମେରିକା ନିଜକୁ ଏକ ସ୍ୱାଧୀନ ରାଷ୍ଟ୍ର ବୋଲି ଘୋଷଣା କରିଥିଲା ।

ପୂର୍ବପରି ୱାନ ୱାର୍ଲ୍ଡ ଟ୍ରେଡ ସେଣ୍ଟରରେ ମଧ ରହିଛି ବିଭିନ୍ନ ବଡ ବଡ ସଂସ୍ଥାର ଅଫିସ, ଟେକ ଲାବୋରେଟୋରି, କମ୍ୟୁନିକେସନ ବିଭାଗ ଇତ୍ୟାଦି । ଏହି କୋଠାର ମାଲିକାନା ରହିଛି ପୋର୍ଟ ଅଥରିଟି ଅଫ ନ୍ୟୁୟର୍କ ଓ ନ୍ୟୁଜର୍ଶୀ ନିକଟରେ । ଏହି ସବୁ ଅଫିସ ଓ ସଂସ୍ଥା ପୋର୍ଟ ଅଥରିଟି ଅଫ ନ୍ୟୁୟର୍କ ଓ ନ୍ୟୁଜର୍ଶୀ ଠାରୁ ଭଡା ସୂତ୍ରରେ ନେଇ ନିଜ ନିଜର ଅଫିସ ଖୋଲିଛନ୍ତି ଏଠାରେ । ଏହି କୋଠାର ୯୦ ତମ ମହଲା ଯାଏଁ ରହିଛି ଏହି ସବୁ ଅଫିସ । ପରବର୍ତ୍ତୀ ତିନୋଟି ମହଲାରେ ରହିଛି ମେକାନିକାଲ ରୁମ ଯେଉଁଠି ଜଳଯୋଗାଣ, ବିଦ୍ୟୁତ ସରବାରହ, ଅଗ୍ନିକାଣ୍ଡ ନିୟନ୍ତ୍ରଣ ଆଦି ପାଇଁ କକ୍ଷ ରହିଛି । ସବୁଠାରୁ ଆଶ୍ଚର୍ଯ୍ୟ ବିଷୟ ହେଲା ଏଠାରେ ୯୩ ତମ ମହଲା ପରେ ରହିଛି ୧୦୦ ତମ ମହଲା । ମଧ୍ୟବର୍ତ୍ତୀ ମହଲା ୯୪ରୁ ୯୯ ଯାଏଁ ନାହିଁ ଏହି କୋଠାରେ। ଆଉ ଏହାର ବିସ୍ତୃତ କାରଣ ମଧ ରହିଛି । କୁହାଯାଏ ଯେ ଏହି ୬ଟି ମହଲା ଚିହ୍ନିତ ନକରା ଯାଇଥିଲେ ମଧ ଉଚ୍ଚତା ସେତିକି ରଖାଯାଇଛି । ଏହି ସ୍ଥାନର ନିର୍ମାଣ ଶୈଳୀ ଏପରି କରାଯାଇଛି ଯେମିତି ଏହି କୋଠା ସହଜରେ ନଷ୍ଟ ହେବନାହିଁ କୌଣସି ଦୈବୀ-ଦୁର୍ବିପାକ ଦ୍ୱାରା ।

ଏହି କୋଠାର ୧୦୦ ରୁ ୧୦୨ ମହଲା ମଧରେ ରହିଛି ୱାନ ୱାର୍ଲ୍ଡ ଅବଜରଭେଟୋରି



ସେଣ୍ଟର । ଦେଖଣାହାରୀମାନେ ଟିକେଟ କରି ଏହି ସବୁ ମହଲାକୁ ଯାଇପାରିବେ । ଆମର ଅନଲାଇନ ଟିକେଟ ହୋଇଥିଲା । ଆମେ ଅବଜରଭେଟୋରି ଯିବାକୁ ଥିବା ଲାଇନରେ ଯାଇ ସାମିଲ ହୋଇଗଲୁ । ଟିକେଟ ଦେଖି ଆମକୁ ଭିତରକୁ ଛଡାଗଲା । କିନ୍ତୁ ଲିଫ୍ଟକୁ ଯିବା ପୂର୍ବରୁ ସିକ୍ୟୁରିଟି ଚେକିଙ୍ଗ ହେଲା । ତାପରେ ଆମେ ଗଲୁ ଲିଫ୍ଟ ଭିତରକୁ । ମୁଁ କେବେ ହେଲେ ଏତେ ବଡ ଲିଫ୍ଟ ଦେଖି ନ ଥିଲି । ଗୋଟେ ବିରାଟ ହଲ ଆକାରର ଲିଫ୍ଟ। ସେହି ଲିଫ୍ଟକୁ 'ସ୍କାଇ ପଡ' କୁହାଯାଏ। ଏହା ଏକ ଡିଜିଟାଲ ଥିଏଟର ପରି । ଚାରିପଟ କାନ୍ଥରେ ବିରାଟ ବିରାଟ ସ୍କ୍ରିନ ଲାଗିଛି । ଏହି ଲିଫ୍ଟକୁ ଲିଫ୍ଟ ବାହାରୁ ନିୟନ୍ତ୍ରଣ କରାଯାଏ । ସୁଁଉଁ ....... ଶବ୍ଦ କରି ଚାଲିଲା ଲିଫ୍ଟ । ଚାରିପଟ କାନ୍ଥରେ ଫୁଟି ଉଠିଲା ସିନେମା ପରି ଚିତ୍ର ସବୁ । ନ୍ୟୁୟର୍କର ସହର କ୍ରମ ଅଭ୍ୟୁଦୟ, ୱାର୍ଲ୍ଡ ଟ୍ରେଡ ସେଣ୍ଟର ଉପରେ ୯/୧୧ ଆକ୍ରମଣ, ୱାନ ୱାର୍ଲ୍ଡ ଟ୍ରେଡ ସେଣ୍ଟର ତିଆରି ଆଦି ସମସ୍ତ ଘଟଣା ସେଇ ସ୍କ୍ରୀନରେ ପ୍ରତିଫଳିତ ହେଉଥିଲା । ସେହି ଲିଫ୍ଟରେ ଯିବାର ଏକ ଅଲଗା ଆନନ୍ଦ ରହିଛି । ଏତେ ଉଚ୍ଚକୁ ଯିବା ପାଇଁ ଲିଫ୍ଟଟି ସୁଁଉଁ କରି ଉଠିଯାଉଥିଲା କିଛି ଉପରକୁ, ଯେମିତି ଏକା ଥରେ ଲମ୍ଫ ଦେଉଥିଲା ୧୦, ୨୦, ୩୦....ମହଲାକୁ । କାନ୍ଥର ଗୋଟେ ପଟେ ମହଲାର ନମ୍ବର ପ୍ରତିଫଳିତ ହେଉଥିଲା । ବିଜୁଳି ବେଗରେ ଯାଉଥିଲା ଲିଫ୍ଟ । ସେହି ଅନୁଭବ ଥିଲା ନିଆରା ।

ଶେଷରେ ଲିଫ୍ଟ ଯାଇ ପହଞ୍ଚିଲା ୧୦୦ତମ ମହଲାରେ । ୧୦୦ ଠାରୁ ୧୦୧ ମହଲାକୁ ଅବଜର୍ଭେଟୋରି କୁହାଯାଏ । ଏଠାରେ ଛିଡା ହୋଇ ଜଣେ ନ୍ୟୁୟର୍କ ଓ ଏହାର ଆଖପାଖ ଅଞ୍ଚଳର ୩୬୦ ଡିଗ୍ରୀ ଭିୟୁ ଦେଖିପାରିବ । ଏହି ଅଞ୍ଚଳଟି ପୁରା କାଚରେ ତିଆରି । ଚାରିପଟର ଗୋଲାକାର କାନ୍ଥ ଓ ପାଦ ତଳ ଭାଗ ସବୁକିଛି ସ୍ୱଚ୍ଛ ଓ ସମତଳ । ତହିଁ ମଧ୍ୟରୁ ନ୍ୟୁୟର୍କ ସହର ଦେଖାଯାଉଥିଲା ହାତଅଙ୍କା ଚିତ୍ର ପରି । ବାହାରେ ମେଘମୁକ୍ତ ଆକାଶ । ତଳେ ସାରାଟା ନ୍ୟୁୟର୍କ ସହର । ସିଲହଟରେ ନ୍ୟୁୟର୍କର ସ୍କାଇଲାଇନ ଦିଶୁଥିଲା ପିଲାମାନେ ଖେଳୁଥିବା ଟିକି ଟିକି ରଙ୍ଗବେରଙ୍ଗ ବ୍ଲକ୍ସରେ ତିଆରି ବିଲଡିଙ୍ଗ ପରି । ତା କଡରେ ଥିଲା ପତଳା ରିବନ ପରି ଦିଶୁଥିବା ହଡସନ ନଦୀ । ଦୂରରେ ଥିବା 'ଷ୍ଟାଚ୍ୟୁ ଅଫ ଲିବର୍ଟି' ଓ ଐତିହାସିକ 'ବ୍ରୁକଲିନ ବ୍ରିଜ' ଦିଶୁଥିଲେ ଫେରୀ ଗାର୍ଡେନର ମିନିଏଚର ମୂର୍ତ୍ତି ଓ ବ୍ରିଜ ପରି । ଆଉ ପାଦ ତଳେ ! ପାଦତଳକୁ ଚାହିଁ ଚମକି ପଡିଲି ମୁଁ ....

ତଳେ, ବହୁତ ତଳେ ପତଳା ପତଳା ରାସ୍ତାରେ ଆତଯାତ ହେଉଥିଲା ଗାଡିମଟର ସବୁ। କାରଗୁଡିକ ଦିଶୁଥିଲା ଖେଳଣା କାର ପରି। ସେଇ ଯେଉଁ ଛୋଟ ଛୋଟ କାର, ଯାହାକୁ ଟିକେ ପଛକୁ ଟାଣି ଛାଡି ଦେଲେ ତାହା ଧାଇଁ ଯାଏ ଆଗକୁ । ବସ୍, ଟ୍ରକଗୁଡିକ ଦିଶୁଥିଲେ ଦିଆସିଲି ଡବା ପରି। ଲିମୋସାଇନ ପରି ବଡ କାର ଯାହାକୁ ସାଧାରଣ ଭାବରେ ଲିମୋ ବୋଲି କୁହାଯାଏ ଖଣ୍ଡେ ଦାନ୍ତକାଠି ପରି ଦେଖା ଯାଉଥିଲା ଉପରୁ । ରାସ୍ତା ଉପରେ କାରଗୁଡିକ ଧାଉଁଥିଲା ହେଲେ ଉପରୁ ଦେଖିଲେ ଲାଗୁଥିଲା ଯେମିତି ଛୋଟଛୋଟ ପୋକ ଘୁଷୁରିଘୁଷୁରି ଚାଲୁଛନ୍ତି ରାସ୍ତାରେ ।



୧୦୧ ମହଲାରେ ଅଛି କାଫେ, ବାର ଓ ରେଷ୍ଟୁରାଣ୍ଟ ଯାହାକୁ 'ୱାନ କାଫେ', 'ୱାନ ବାର' କୁହାଯାଏ ଓ ରେଷ୍ଟୁରାଣ୍ଟକୁ କୁହାଯାଏ 'ୱାନ ରେଷ୍ଟୁରାଣ୍ଟ' । ଜଣେ ଚାହିଁଲେ ଏଠାରେ ବସି ଚାରିପଟର ଦୃଶ୍ୟ ଉପଭୋଗ କରି ଖାଦ୍ୟପାନୀୟ ମଧ ଗ୍ରହଣ କରିପାରିବ । ୧୦୨ ମହଲାରେ ରହିଛି ' ସି ଫରଏଭର ଥିଏଟର'। ଏହାର ଏକ ନିଆରା ଅନୁଭବ ରହିଛି । ଏଠାରେ ଆମେ ଦେଖିଲୁ ୨.୫ ମିନିଟର ଏକ ସିନେମା ୮୦ ଫୁଟର ସ୍କ୍ରିନରେ । ଏହା ଏକ ୩ଡ଼ି ସିନେମା ଥିଲା ଯାହା ଆପଣଙ୍କୁ ଏକ ଅଲଗା ଦୁନିଆକୁ ନେଇଯିବ ।

ପ୍ରାୟ ଅଢେଇ ଘଣ୍ଟା ପରେ ଆମେ ଫେରିଲୁ ସେଠାରୁ । ତଳେ ଅଛି ୯/୧୧ ମ୍ୟୁଜିୟମ । ଯେଉଁଠାରେ ୯/୧୧ ଆକ୍ରମଣ ପୂର୍ବ ଓ ପରବର୍ତ୍ତୀ ସମୟର ସବୁ ଫଟୋ, ବ୍ୟବହୃତ ସାମଗ୍ରୀ, ଧ୍ୱଂସସ୍ତୁପ ତଳୁ ମିଳିଥିବା ବିଭିନ୍ନ ଚିଜକୁ ଖୁବ ଯତ୍ନର ସହିତ ସଜେଇ ରଖାଯାଇଛି । ସେହିପରି ପ୍ରାୟ ୬୦୦୦୦ଟି ଚିଜ ଅଛି ଯାହା ସେହି ଧ୍ୱଂସଲୀଳାର ମୂକସାକ୍ଷୀ । ଏହା କହୁଛି ୯/୧୧ ଆକ୍ରମଣ ପଛର ଇତିହାସ ଓ ୧୯୯୩ରେ ୱାନ ୱାର୍ଲ୍ଡ ସେଣ୍ଟର ଉପରେ ହୋଇଥିବା ବୋମାମାଡ ବିଷୟରେ । ଏହି ମ୍ୟୁଜିଅମ ସୁନ୍ଦର ସ୍ଥାପତ୍ୟକଳା, ପୁରାତତ୍ତ୍ୱ ଓ ଇତିହାସର ଏକସୁନ୍ଦର ସମନ୍ୱୟ ଅଟେ । ସେଠାରେ ଥିବା କାନ୍ଥମାନଙ୍କରେ ବିସ୍ତୃତ ଭାବରେ ଏହି ବିବରଣୀମାନ ସ୍ଥାନ ପାଇଛି । ଆପଣ ସେଠାରେ ବସି କାନରେ ମଇକ୍ରୋଫୋନ ଲଗେଇ ସେ ବିଷୟରେ ଅଡ଼ିଓ ମଧ ଶୁଣିପାରିବେ। ଆମେ ଯଦିଓ ଇଂରାଜୀ ଭାଷାରେ ଏସବୁ ଅଡ଼ିଓ ଶୁଣିଲୁ, କିନ୍ତୁ ଜଣେ ଚାହିଁଲେ ଅନ୍ୟ କେତେକ ଭାଷା ଯେପରିକି ମାନ୍ଦାରିନ, ମେକ୍ସିକାନ ଆଦି ଭାଷାରେ ମଧ ଏହି ଅଡ଼ିଓ ଶୁଣିପାରିବେ । ଏଠାରେ ଆପଣ ଶୁଣିପାରିବେ ଏହି ଆକ୍ରମଣରେ ଆହତ ହୋଇଥିବା ଓ ଅଳ୍ପକେ ବର୍ତ୍ତୀ ଯାଇଥିବା ଲୋକଙ୍କ ମୁହଁରୁ ତାଙ୍କର ଅନୁଭବ ଓ ଏହି ଆକ୍ରମଣର ଭୟାବହତା ବିଷୟରେ । ସେସବୁ ଶୁଣି ମୋର ଲୋମ ଟାଙ୍କୁରି ଉଠିଥିଲା ।

ଏହି ଆକ୍ରମଣରେ କେବଳ ତଳ ମହଲାରେ ଥିବା ଲୋକମାନେ ହିଁ ବାହାରି ପାରିଥିଲେ ଓ ଆକ୍ରମଣରୁ ବଞ୍ଚି ଯାଇଥିଲା । ଉପର ମହଲାରେ କାର୍ଯ୍ୟ କରୁଥିବା ଅଧିକାଂଶ ବ୍ୟକ୍ତି ମୃତ୍ୟୁ ମୁଖରେ ପଡ଼ିଥିଲେ । କିନ୍ତୁ ୮୭ ତମ ମହଲାରେ କାର୍ଯ୍ୟରତ ଥିବା ଜେନେଲେ ଗୁଜମାନ- ମ୍ୟାକମିଲନ ସୌଭାଗ୍ୟବଶତଃ ଏହି ଆକ୍ରମଣରୁ ବଞ୍ଚି ଯାଇଥିଲେ । ଯିଏ ଆକ୍ରମଣ ସମୟର ଅନୁଭବ କହିଛନ୍ତି ଅଡିଓରେ । ସିଏ କେମିତି ଚାପି ହୋଇ ଯାଇଥିଲେ ଧ୍ୱଂସସ୍ତୁପ ମଧରେ ଓ ବର୍ତ୍ତିବାର ଆଶା ଛାଡି ଦେଇଥିଲେ। ହେଲେ ଉଦ୍ଧାରକାରୀ ଦଳ ଅନେକ ପରିଶ୍ରମ କରି, ଅତ୍ୟାଧୁନିକ ଯନ୍ତ୍ରପାତିର ସାହାଯ୍ୟ ନେଇ ତାଙ୍କୁ ଉଦ୍ଧାର କରିଥିଲେ । ସିଏ ଥିଲେ ଶେଷତମ ଜୀବନ୍ତ ମଣିଷ ଯାହାଙ୍କୁ ଏହି ଘଟଣା ଘଟିବାର ୨୭ ଘଣ୍ଟା ପରେ ଉଦ୍ଧାର କରାଯାଇଥିଲା । ମ୍ୟାକମିଲନ ଥିଲେ ପୋର୍ଟ ଅଥରିଟିର ଉଚ୍ଚ ପାହ୍ୟାର ଅଧିକାରୀ ।

ଏହି ଆକ୍ରମଣରେ ବଞ୍ଚି ଯାଇଥିବା ଜଣେ ଭାରତୀୟ ହେଉଛନ୍ତି ଷ୍ଟାନଲି ପ୍ରେମନାଥ । ଯଦିଓ ସିଏ ଭାରତୀୟ ମୂଳର, କିନ୍ତୁ ତାଙ୍କର ଜନ୍ମ ହୋଇଥିଲା ଗୁଏନା ଦେଶରେ । ସିଏ ୱାର୍ଲ୍ଡ ଟ୍ରେଡ ସେଣ୍ଟରରେ ଥିବା ଫୁଜି ବ୍ୟାଙ୍କର ଜଣେ ଅଧିକାରୀ ଭାବରେ କାର୍ଯ୍ୟ କରୁଥିଲେ । ଆକ୍ରମଣ ସମୟରେ ସିଏ ଥିଲେ ଦକ୍ଷିଣ ଟାୱାରର ୮୧ ତମ ମହଲାରେ । ବିସ୍ଫୋରଣ ପରେ ସିଏ ଗୋଟିଏ କାନ୍ଥ ପଛପଟେ ଫସି ଯାଇଥିଲେ, ଯେଉଁଥିରୁ ଏକାକୀ ବାହାରିବା ଏକରକମ ଅସମ୍ଭବ ଥିଲା କହିଲେ ଚଳେ । କିନ୍ତୁ ଏହି ଆକ୍ରମଣରୁ ବଞ୍ଚି ଯାଇଥିବା ଆଉ ଜଣେ ବ୍ୟକ୍ତି ବ୍ରାଏନ କ୍ଲାର୍କ ଯେତେବେଳେ ଜାଣିଲେ କେହି ଜଣେ ଭୁଷୁଡି ପଡିଥିବା କୋଠାର କାନ୍ଥ ସେପାଖେ ଫସି ଯାଇଛନ୍ତି ସିଏ ତାଙ୍କୁ କାଢିବାକୁ ବହୁତ ଚେଷ୍ଟା କଲେ । ଖସି ପଡିଥିବା ଇଟାସିମେଣ୍ଟ ଖଣ୍ଡକୁ ଧୀରେ ଧୀରେ ବାହାର କରି ପ୍ରେମନାଥଙ୍କୁ ଉଦ୍ଧାର କରିଥିଲେ କ୍ଲାର୍କ । ଶେଷରେ ଦୁହେଁ ସିଡି ଦେଇ ପଦାକୁ ବାହାରିଥିଲେ। ସେଇଦିନ ଠାରୁ ଷ୍ଟାନଲେ ଓ କ୍ଲାର୍କ ପରମ ବନ୍ଧୁ ହୋଇ ଯାଇଛନ୍ତି । ଦୁହେଁ ପରସ୍ପରକୁ ଭାଇ ବୋଲି ସମ୍ବୋଧନ କରନ୍ତି । ପ୍ରେମନାଥ କୁହନ୍ତି, ମୋ ଜୀବନ ହେଉଛି କ୍ଲାର୍କଙ୍କର ଦାନ। ସିଏ ମୋତେ ଉଦ୍ଧାର କରି ନ ଥିଲେ ମୁଁ ସେହି ସ୍ଥାନରୁ କେବେ ହେଲେ ବାହାରି ପାରି ନ ଥାନ୍ତି । ସେଇଥିପାଇଁ କୁହନ୍ତି ନା, "ରଖେ ହରି ମାରେ କିଏ, ମାରେ ହରି ମାରେ କିଏ ?"

ଏଇଥିରୁ ଆମେ ଆଉ ଗୋଟେ କଥା ବୁଝିଯିବା କଥା ଯେ ଆତଙ୍କବାଦୀମାନଙ୍କର ଜାତି ନାହିଁ କି ଧର୍ମ ନାହିଁ । ସେମାନେ କାହାର ନୁହନ୍ତି । ସେମାନେ କେବଳ ନିଜର କୁତ୍ସିତ ମାନସିକତାକୁ ଚରିତାର୍ଥ କରିଥାନ୍ତି । ନିରୀହ ଲୋକଙ୍କର ଯନ୍ତ୍ରଣା ଓ ଆର୍ତ୍ତଚିତ୍କାର ସେମାନଙ୍କୁ ଆନନ୍ଦ ଦେଇଥାଏ । ତେଣୁ ସେମାନଙ୍କୁ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମୂଳେ ନାଶ କରାଯିବା ଉଚିତ ।

୯/୧୧ ଆକ୍ରମଣରେ ମୃତ୍ୟୁବରଣ କରିଥିବା ସବୁ ଦେଶର ନାଗରିକଙ୍କୁ ଶ୍ରଦ୍ଧାଞ୍ଜଳି ଜଣେଇବା ପାଇଁ ସେଇ ଦେଶର ପତାକାକୁ ଅର୍ଦ୍ଧ ନିମଜ୍ଜିତ କରି ରଖାଯାଇଛି ମ୍ୟୁଜିୟମ ଭିତରେ । ଏବେ ବି ସୁରକ୍ଷିତ ରଖାଯାଇଛି ସେହି ଅଧା ଭଙ୍ଗା ପାହାଚଶ୍ରେଣୀକୁ ଯାହା ପାଇଁ ସେଦିନ ଅନେକ ଲୋକ ବଞ୍ଚି ଯାଇଥିଲେ। ଆମେ ସେଇ ହଲ ଭିତରେ ବୁଲିଲା ବେଳେ ଲାଗୁଥିଲା ଯେମିତି ଏହି ମ୍ୟୁଜିୟମରେ ସୁରକ୍ଷିତ ସମସ୍ତ ଚିଜ ଜୀବନ୍ତ । ସ୍ପର୍ଶ ମାତ୍ରକେ ଯେମିତି ସୁପ୍ତତାରୁ ଚେଇଁ ଉଠି ବଖାଣିବେ ଏବେ ନିଜନିଜର କାହାଣୀ ।


ମ୍ୟୁଜିୟମ ଭିତରେ ବୁଲିବାର ସମୟ ସମାପ୍ତ ହୋଇଥିଲା । ଆମକୁ ଏବେ ବାହାରିବାକୁ ହେବ । ଆମର ପରବର୍ତ୍ତୀ ଗନ୍ତବ୍ୟସ୍ଥଳ ହେଉଛି ଟାଇମ ସ୍କୋୟାର । ଝିଅ କିନ୍ତୁ କହୁଥିଲା ତା ପୂର୍ବରୁ ଆମେ ନିକଟରେ ଥିବା ଗୋଟେ ବହୁ ପୁରୁଣା ଚାପେଲ ଦେଖିବାକୁ ଯିବୁ ।

ଆମେ ବାହାରି ଆସିଲୁ ମ୍ୟୁଜିୟମ ଭିତରୁ । ହେଲେ ମୋତେ ଲାଗୁଥିଲା ମୁଁ ଯେମିତି ମୋର କୌଣସି ପ୍ରିୟ ମଣିଷକୁ ଛାଡିଯାଉଛି ପଛରେ ।

(ଆରଥରକୁ)

♥ ମଧୁସୂଦନ ନଗର ପୋଷ୍ଟ ଅଫିସ, ଭୁବନେଶ୍ୱର- ୭୫୧୦୨୨
(ମୋ) ୮୨୪୯୪୩୭୨୭୬

# ପରିଚର୍ଯ୍ୟାରେ ଆମ ଠାକୁରାଣୀ



**ଡ. ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି (ହାରିତସ୍)**

ଠାକୁର ଠାକୁରାଣୀମାନେ ହେଲେ ଆମ ଦେବାଦେବୀ, ଦେବତା । ମଣିଷଠାରୁ କେହି ଜଣେ ଅତି ଶକ୍ତିଶାଳୀ କ୍ଷମତା ସମ୍ପନ୍ନ ବ୍ୟକ୍ତି ହୁଅନ୍ତୁ କି ଦେବାନୁଗ୍ରହ ନ ଥାଇ ସଂସାରରେ ଆତଯାତ ହେବା ପ୍ରାୟତଃ ଅସମ୍ଭବ। ଏଇଥିପାଇଁ ସେ ଯିଏ ବି ହେଉ, ମନରେ ଠାକୁରଙ୍କ ପାଖରେ ସମର୍ପିତ ହୋଇଥାନ୍ତି ଓ ବିଶ୍ୱାସ ରଖିଥାଆନ୍ତି । ଏ ହେଲା ଜୀବନଯାତ୍ରାର କୌଶଳ । ଏଠି କେହି ବି ସବୁଠାରୁ ଓ ସମସ୍ତଙ୍କଠାରୁ ବଡ଼ ନୁହଁନ୍ତି । ସେ ଯିଏ ବି ହେଉ, ସେ ଯେତେଟା ପରାକ୍ରମୀ, ସମ୍ପତ୍ତିବାନ ବା ହେଉ ତା'ର ନିଜର ଗୋଟେ ସୀମା ରହିଛି । ନିଜ ଜୀବନ ନିର୍ବାହର ସୀମା, ପରିବେଶ, ପରିସ୍ଥିତି ସୀମାତୀତ ହେଲେ ସେହି ବ୍ୟକ୍ତିଙ୍କୁ ଅନ୍ୟ କୌଣସି ଦେବାଦେବୀଙ୍କ ବିଶ୍ୱାସରେ ନିମଗ୍ନ ଯିବାକୁ ପଡ଼େ ନତୁବା ତାଙ୍କରି କରୁଣା ପାଇଁ ସ୍ୱୟଂ ସମ୍ପୂର୍ଣ୍ଣ ଭାବେ ତାଙ୍କରି ପାଖରେ ସମର୍ପିତ ହେବାକୁ ହିଁ ହୋଇଥାଏ, ନିଜ ଜୀବନ ଯାତ୍ରାକୁ ଶାନ୍ତିରେ ସମାପନ କରିବା ପାଇଁ । କିଏ ଏହି ଦେବତାଙ୍କୁ ଈଶ୍ୱର କହନ୍ତି ତ କିଏ କହନ୍ତି ଈଶ୍ୱରୀ । ଠାକୁର, ଠାକୁରାଣୀ ସବୁ କିଛି । ନାନା ଧର୍ମ ନାନା ମତରେ ତାଙ୍କରି ନାଁ ଅଲଗା ଅଲଗା ହୋଇପାରେ କିନ୍ତୁ ବିଶ୍ୱାସ କେନ୍ଦ୍ରିତ ହୋଇଥାଏ ଏକା ଭଳି ନିଜ ଦୁଃଖ ଦୁର୍ଦ୍ଦଶାର ଅନ୍ତ ପାଇଁ । ସମ୍ଭବତଃ ଏହିଠାରୁ ଆରମ୍ଭ ହୋଇଛି ଆମ ସମସ୍ତଙ୍କର ଏହି ଈଶ୍ୱର ବିଶ୍ୱାସ । ନିଜ ଜୀବନକୁ ସ୍ୱଚ୍ଛଳ, ସୁଲଭ ଓ ସୁଖ ସାନନ୍ଦରେ ବିତାଇବା ପାଇଁ ତ ଅନ୍ୟ କେଉଁଠି ନିଜ ଜୀବାତ୍ମାକୁ ପରମାତ୍ମାଙ୍କ ସହ ମିଶାଇ ଦେବା ପାଇଁ ଅବା ଏ ଦୁଃଖ, ଯନ୍ତ୍ରଣା ଭର୍ତ୍ତି ସଂସାରରେ ଆଉ ପୁନର୍ଜନ୍ମ ନ ହୋଇ ମୋକ୍ଷ ପ୍ରାପ୍ତ କରିବା ପାଇଁ ।

ମନୁଷ୍ୟ ସବୁବେଳେ କାହାକୁ ନା କାହାକୁ ତା'ର ଗତିମୁକ୍ତି ଦାତା ଠାକୁର, ଈଶ୍ୱର ବୋଲି ମାନେ ଓ ସକାଳୁ ଉଠିଲେ ସଦାସର୍ବଦା ଠାକୁରଙ୍କୁ ପ୍ରଣାମଟିଏ କରି ତା'ର ଜୀବିକା ନିର୍ବାହ କରେ । ସବୁଧର୍ମ ସବୁ ସଂସ୍କୃତିରେ ସେୟା । ଗ୍ରୀକ୍, ରୋମ, ମିଶରୀୟ ସଂସ୍କୃତିରୁ ଆରମ୍ଭ କରି ଆମ ସର୍ବପୁରାତନ ପ୍ରାଚୀନ ଧର୍ମ ସଂସ୍କୃତିରେ ମଧ ସେଇ ଏକା କଥା ପରିଲକ୍ଷିତ ହୋଇଥାଏ । ପ୍ରକୃତି ଈଶ୍ୱର ଭାବରେ ଆମ ପାଖରେ ସଦା ପରିଚିତ ସୂର୍ଯ୍ୟ, ଚନ୍ଦ୍ର, ବାୟୁ, ଅଗ୍ନି ଜଳ ଓ ଧରିତ୍ରୀ ମାତା ହିଁ ସମସ୍ତଙ୍କର ପୂଜ୍ୟପୂଜାର ଠାକୁର, ଈଶ୍ୱର ସବୁ କିଛି । ତା' ପରେ ଈଶ୍ୱର ନିସୃତ କୃପା କରୁଣା ନେଇ ଆଉ କିଛି ଜଡ଼ଜୀବ ବସ୍ତୁ ମଧ ବିଶ୍ୱାସରୁ ପ୍ରକଟିତ ହୋଇଥାଆନ୍ତି ଆମମାନଙ୍କ ପାଖରେ । ତାଙ୍କରି ପୂଜା ଉପାସନାକୁ ଆଧାର କରି ବେଳେବେଳେ ଆମକୁ ଭେଦ କରିବାକୁ ହୋଇଥାଏ ଆମ ଆଧ୍ୟାତ୍ମିକତାର ପରିବେଶକୁ । ସେଇଠୁ ଆରମ୍ଭ ହୋଇଥାଏ ଈଶ୍ୱରଦୂତମାନଙ୍କ କଥା ଓ କାର୍ଯ୍ୟ କିନ୍ତୁ ସଭିଏଁ ନେଇ ଯାଆନ୍ତି ଆମ ନିଷ୍ପାପ ଜୀବନ ଯାତ୍ରାକୁ ସେଇ ଈଶ୍ୱର, ସନାତନ, ସବୁଠାରେ ଓ ସବୁକାଳେ ଉପାସିତ ହେଉଥିବ ଈଶ୍ୱରଙ୍କ ପାଖକୁ । ଏଇତ ଆମ ଧର୍ମ ଆଉ ଆମ ଜୀବନ।

କେଉଁଠି ଶୂନ୍ୟ ଶୂନ୍ୟ ମହାଶୂନ୍ୟକୁ ତ' କେଉଁଠି ଆକାଶରେ ଦେଖା ଯାଉଥିବା ସୂର୍ଯ୍ୟ, ଚନ୍ଦ୍ର, ତାରାକୁ ଆମେ ଈଶ୍ୱର ଜ୍ଞାନରେ ଉପାସନା କରୁ । ପୁଣି ମନକୁ ଧ୍ୟାନକେନ୍ଦ୍ରିତ କରିବା ପାଇଁ ଆବଶ୍ୟକ ହୁଏ କିଛି ଗୋଟାଏ ଈଶ୍ୱରୀୟ ଭାବନାକୁ ଚିହ୍ନ, ସେ ପଥର ହେଉ କି କାଠ କି ମାଟି ବି ହେଉ ଆମେ ଆଖିମୁଦି ମନସ୍କ ହୋଇପଡୁ ଉପସ୍ଥାପିତ କରିଥିବା ମୂର୍ତ୍ତି, ପ୍ରତିମୂର୍ତ୍ତି କିମ୍ବା କର୍ତ୍ତା, ଭାଗ୍ୟ ବିଧାତା ଜ୍ଞାନରେ । ସେଇଠି ଆରମ୍ଭ ହୋଇଥାଏ ଆମ ବିଦ୍ୟା ଆଧ୍ୟାତ୍ମିକ ସାଧନାର ଯାତ୍ରା ଆମ ଜୀବନର । ଆମେ ଆମରି ପରିଭାଷାରେ ସଜାର ଦେଉ ଆମ ଠାକୁର ଠାକୁରାଣୀଙ୍କୁ। କେଉଁଠି ସେ ଆମର ପିତା ତ କେଉଁଠି ଆମର ମାତା । ପୁଣି କେଉଁଠି ଆମେ ସେମାନଙ୍କୁ କରି ଦେଇଥାଉ ଆମ ପରିବାରର ଭାଇ, ଭଗ୍ନି, ପୁଅ ଝିଅ ଜ୍ଞାତି କୁଟୁମ୍ବ ମଧ । ଜଣାଯାଏ, ଏଥିରେ ଠାକୁର ଠାକୁରାଣୀମାନେ ବି ଆନନ୍ଦ ଅନୁଭବ କରନ୍ତି ଆମର ପାଖରେ ଭକ୍ତିର ମନକୁ ନେଇ ଆବିର୍ଭାବ ହେବା ପାଇଁ । ଆମ ଭାରତୀୟ ପରମ୍ପରାରେ ସବୁଠାରୁ ଦେବତାଙ୍କ ଉପସ୍ଥିତି ଅଛି । କେଉଁଠି ଗଛ ମୂଳରେ ସିନ୍ଦୂର ମାଖି ତ' ଅନ୍ୟ କେଉଁଠି ଦୁର୍ଗା, ଚଣ୍ଡୀ, ମହାଚଣ୍ଡୀ, ଉଗ୍ରଚଣ୍ଡୀ, ଠାକୁର ଘରଣୀ ଠାକୁରାଣୀ ଭାବରେ । ମନକୁ ନେଇ ପୂଜା, ବିଶ୍ୱାସ, ଆରାଧନା । ବେଳେବେଳେ ସେ କହି ଦେଇଥାଏ ରଥ ପଥ କିଛି ନାହିଁ ସବୁ ସେ ଜଗତ ସାଇଁ ବିଭାବନା।

ଦକ୍ଷିଣ ଓଡ଼ିଶାର ମହୁରୀ ଗଡ଼ଜାତରେ ଥିବା ବ୍ୟବସାୟିକ ସହର ବ୍ରହ୍ମପୁରଠାରେ କାହିଁ କେଉଁ ଅତୀତ କାଳରୁ ମା' ବ୍ରହ୍ମେଶ୍ୱରୀ ବୁଢ଼ୀ ଠାକୁରାଣୀଙ୍କର ଦୁଇ ବର୍ଷରେ ଥରେ ଯାତ୍ରା ଅନୁଷ୍ଠିତ ହୋଇଥାଏ । ଏଥିରେ ଆଦ୍ୟାଶକ୍ତି ମା' ଦେଶି ବେହେରାଙ୍କର ଝିଅ ରୂପେ ବାପ ଘରକୁ ଆସିଥାନ୍ତି । ବ୍ରହ୍ମପୁର ଠାକୁରାଣୀ ଯାତ୍ରାର ଅନ୍ୟ ଏକ ବିଶେଷତ୍ୱ ହେଲା ସାହି ସାହିର ରଥ ତଥା ଠାକୁର ଠାକୁରାଣୀମାନଙ୍କ ମେଢ଼ମୂର୍ତ୍ତି ପ୍ରତିଷ୍ଠା ଓ ଯାତ୍ରାସ୍ତୋବ ପାଳନ । ପ୍ରଥମେ ଆସନ୍ତୁ ଜାଣିବା କେଉଁ ସାହିର କେଉଁ ଦେବତା ବା ଠାକୁରଙ୍କ ରଥ ପ୍ରତିଷ୍ଠା ପାଇଁ ଆମନ୍ତ୍ରଣ କରାଯାଇଥାଏ । ସେଗୁଡ଼ିକ ହେଲା- ଶ୍ରୀ ଶ୍ରୀ ବିଶ୍ୱରୂପ ରଥ, ତ୍ରିନାଥ ମନ୍ଦିର ଛକ, ପୁରୁଣା ବ୍ରହ୍ମପୁର, ଶ୍ରୀ ଶ୍ରୀ ମା' କୁଠାନ୍ତୀଙ୍କ କଳାକୁଞ୍ଜ; କୁଠାରୀ ମନ୍ଦିର ସାହି ୨ ଲାଇନ, ଶ୍ରୀରାଧାଙ୍କ ଝୁଲଣ; ନୃସିଂହ ନଗର, ପୁରୁଣା ବ୍ରହ୍ମପୁର ଅଞ୍ଚଳ, ଶ୍ରୀ ଶ୍ରୀ ମା' କନକଦୁର୍ଗାଙ୍କ ରଥ: ପାଓ୍ୱାଲ ସାହି, ବ୍ରହ୍ମପୁର, ବିଞ୍ଚଣା ରଥ: ବାରୁବାରୀ ସାହି, ମା' ଜ୍ୱାଳାମୁଖୀ ରଥ: କାନୁପାତ୍ର ସାହି, ବୋଇତ ରଥ: ଚନ୍ଦ୍ରମା ସାହି, ଶିବାରୁଢ଼ା କାଳୀକା ରଥ: ଷଣ୍ଢ ମହାନ୍ତି ସାହି ଏଭଳି । ମା' ଜ୍ୱାଳାମୁଖୀ ରଥ: କେଦାରେଶ୍ୱର ମନ୍ଦିର ରାସ୍ତାରେ ଉଭା ହୁଅନ୍ତି ଲକ୍ଷ୍ମଣ ରଥ ଏବଂ ସାଆନ୍ତାଣୀ ସାହିରେ ମା'ଙ୍କର ଦୋଳି ରଥର ଆବିର୍ଭାବ ହୋଇଥାଏ । କୁମ୍ଭାର ସାହିରେ ଆବିର୍ଭାବ ହୁଅନ୍ତି ମା' ଧନଲକ୍ଷ୍ମୀଙ୍କ ରଥ । ପୁଣି ଆଗା ସାହିରେ ପ୍ରକାଶିତ ହୁଅନ୍ତି ମା' କନକ ଦୁର୍ଗାଙ୍କ ରଥ ଓ ବଡ଼ରେଡ଼ିକା ସାହିରେ ଉଭା ହୋଇଥାନ୍ତି ମା' କାମଧେନୁଙ୍କ ରଥ । ବାଲୁଙ୍କେଶ୍ୱର ମନ୍ଦିର ଛକରେ ମା' ଶ୍ୟାମାକାଳୀଙ୍କ ପ୍ରତିମୂର୍ତ୍ତି ରଥ ଉପରେ ଆବିର୍ଭାବ ହୋଇଥାନ୍ତି । ନିକଟସ୍ଥ ସୀମାଗମ ସାହିରେ ନାଗାର୍ଜୁନ ରଥ ଓ ପାଖ ଶଙ୍କରପୁର ସାହିରେ ପ୍ରତିଷ୍ଠା ହୁଅନ୍ତି ଶ୍ରୀରାମଙ୍କ ରଥ । ଏହାପରେ ମାର୍ଥ ପେଟା ସାହିରେ ଉଭା ହୁଅନ୍ତି ଶ୍ରୀ ନାରାୟଣ ରଥ ଓ ସ୍ଥାନୀୟ ଗୌଡ଼ସାହିରେ ଦେଖିବାକୁ ମିଳେ ଶ୍ରୀକୃଷ୍ଣଙ୍କ ରଥ ସମ୍ଭାର । ଏହା ବ୍ୟତୀତ ବାଲାଜୀପେଣ୍ଠ ସାହିର ମହାଦେବ ରଥ ଓ ପୁରୁଣା ବ୍ରହ୍ମପୁର ସାହିର ମହାବୀର କର୍ଣ୍ଣଙ୍କ ରଥ । ଜଗନ୍ନାଥ ରଥ ବାହାରେ ଜେମାଦେଇପେଣ୍ଠ ସାହିରୁ ଏବଂ ଲକ୍ଷ୍ମଣ ରଥର ଆବିର୍ଭାବ ହୁଏ ଶଙ୍ଖାରୀ ସାହିରୁ। ଏମାନଙ୍କ ସହ କେଉଟ ସାହି ଲୋକେ ଯାତ୍ରାକୁ ପାଳନ କରନ୍ତି, ତାଙ୍କ ସାହିରୁ ପ୍ରଭୁ ଶ୍ରୀ ରାମଙ୍କ ରଥ ପ୍ରତିଷ୍ଠା କରି । ଚନ୍ଦ୍ରଶେଖର ମନ୍ଦିର ସାହିରୁ ଯାତ୍ରା କାଳରେ ବାହାରି ଥାଏ ଶ୍ରୀ ବୀର ମହାବୀର ହନୁମାନଙ୍କ ରଥ ଓ ଏହା ସାଙ୍ଗରେ

**ଆମ ଭାରତୀୟ ପରମ୍ପରାରେ ସବୁଠାରୁ ଦେବତାଙ୍କ ଉପସ୍ଥିତି ଅଛି । କେଉଁଠି ଗଛ ମୂଳରେ ସିନ୍ଦୂର ମାଖି ତ' ଅନ୍ୟ କେଉଁଠି ଦୁର୍ଗା, ଚଣ୍ଡୀ, ମହାଚଣ୍ଡୀ, ଉଗ୍ରଚଣ୍ଡୀ, ଠାକୁର ଘରଣୀ ଠାକୁରାଣୀ ଭାବରେ । ମନକୁ ନେଇ ପୂଜା, ବିଶ୍ୱାସ, ଆରାଧନା । ବେଳେବେଳେ ସେ କହି ଦେଇଥାଏ ରଥ ପଥ କିଛି ନାହିଁ ସବୁ ସେ ଜଗତ ସାଇଁ ବିଭାବନା।**

ଖାପ୍ପା ସାହି ମଣ୍ଡନ କରନ୍ତି ଆମ ହିନ୍ଦୁ ଧର୍ମ ସଂସ୍କୃତିର ଦୁଇ ନିୟାମକ ପ୍ରଭୁ ହରିଅର୍ଜ୍ଜୁନ ରଥ। ଏଭଳି ୨୮ ଗୋଟି ରଥର ମଣ୍ଡଣି ଦେଖିବାକୁ ମିଳେ, ଆମର ଏହି ବ୍ରହ୍ମପୁର ଠାକୁରାଣୀଙ୍କ ଯାତ୍ରା କାଳରେ । ଜନଗହଳି ବୃଦ୍ଧି ପାଏ ବହୁ ସଂଖ୍ୟାରେ ଓ ବହୁମାତ୍ରାରେ ଦିନକୁ ଦିନ । ରଥ ପ୍ରଜ୍ଞାପନ ଓ ବେଶ ପଟୁଆର ତଥା ବାଘ, ବୁଦ୍ଧ ଶିଷ୍ୟ ଲଣ୍ଡାବେଶାଦି ମୁଖ୍ୟ ।

ଆମ ସଂସ୍କୃତିରେ ପ୍ରତିଟି ଗ୍ରାମ ସହର, ପୁରପଲ୍ଲୀ କିମ୍ବା ପ୍ରତ୍ୟେକ ଜନବସତିରେ ଏହି ଦିବ୍ୟଚେତନା ସୃଷ୍ଟ । ଠାକୁର ବା ଠାକୁରାଣୀମାନଙ୍କର ପୂଜାଉପାସନା ସହ ମନ୍ଦିର ତଥା ଠାକୁରାଣୀ ଘର ନିର୍ମିତ ହୋଇଥାଏ । ଲୋକଙ୍କ ଗୁହାରୀ ଶୁଣିବା ପାଇଁ ଓ ମନସ୍କାମନା ସହ ମନ୍ଦିର ତଥା ଠାକୁରାଣୀ ଘର ନିର୍ମିତ ହୋଇଥାଏ । କେହି ମାନସିକ କରିଥାଏ ମା' ଠାକୁରାଣୀଙ୍କ ଯାତ୍ରା କରାଇ ନ ପାରିଲେ ନିଜେ ମା'ଙ୍କ ଯାତ୍ରାରେ ଭାଗ ନେଇ ନିଜକୁ ଗୌରାବାନ୍ୱିତ କରିବା ପାଇଁ । ତେଣୁ ଦେଖିବେ, ଆମ ଓଡ଼ିଶାରେ ମା'ଙ୍କର ସମସ୍ତ ଗ୍ରାମରେ କିଛି ନା କିଛି ଠାକୁର ଠାକୁରାଣୀମାନଙ୍କର ଯାତ୍ରା ଉତ୍ସବ ପାଳନ କରାଯାଇଥାଏ । ଯାତ୍ରା, ପଟୁଆରରେ ଦେବୀ ଭୂମି ପ୍ରକମ୍ପିତ ହୋଇଥାଏ ଜୟ ମା' ଠାକୁରାଣୀଙ୍କ ଜୟ ନାମର ଉଚ୍ଚାରଣରେ । କେଉଁଠି କେଉଁ ମାନସିକଧାରୀ ସଜେଇ ଦେଇଥାଏ ନିଜକୁ କାଳୀମା ବିକରାଳୀ କରି ତ ଆଉ କିଏ ପିଶାଚୁଣୀ, ଚଣ୍ଡୀ ମା' ଦୁର୍ଗାବେଶରେ । ଆଉ କେହି ଭୂତ, ପ୍ରେତ, ଡାହାଣୀ ବେଶରେ ମା'ଙ୍କ ଯାତ୍ରାକୁ ଭାବ ଉତ୍ତୀର୍ଣ୍ଣ କରିବା ପାଇଁ । ଓଡ଼ିଶା ତଥା ଆମ ଦକ୍ଷିଣ ଓଡ଼ିଶା ଥିଲା ବୀର କଳିଙ୍ଗ ଓ କଙ୍ଗୋଡ଼ର ମିଳନ ସ୍ଥଳ । ଅତୀତରେ ଆମ ନଦୀ ସମୁଦ୍ର, କଳିଙ୍ଗ ସାଗର ସମୁଦ୍ରକୂଳ ଥିଲା ବିଶେଷରେ ସାରା ବିଶ୍ୱ ବାଣିଜ୍ୟର ପେଣ୍ଠସ୍ଥଳୀ। ବୋଇତ ବାଣିଜ୍ୟର ମୁଖ୍ୟକେନ୍ଦ୍ର । ବିଶେଷରେ ଆମ ତନ୍ତ, ତନ୍ତୀ, ରଙ୍ଗୁଣୀ, ଦେବାଂଗୁଲୁ ଓ ପାଟରାମାନଙ୍କ ଦ୍ୱାରା ନିର୍ମିତ ଲୁଗା ଓ ପଟ୍ଟବସ୍ତ୍ର ସାରା ବିଶ୍ୱକୁ ବସ୍ତ୍ର ପ୍ରଦାନ କରୁଥିଲା । ପୁଣି ଏହି କଳିଙ୍ଗରୁ ବସ୍ତ୍ର ସହ ଅନ୍ୟାନ୍ୟ ଦ୍ରବ୍ୟ ରପ୍ତାନୀ ପାଇଁ ଆରମ୍ଭ ହୋଇଥିଲା ଖ୍ରୀ.ପୂ ସମୟରୁ ଅର୍ନ୍ତଦେଶୀୟ ସିଲ୍କ ରୁଟ୍ ତଥା ରେଶମପଥ । କଟକ ବାଲିଯାତ୍ରାର ପ୍ରତୀକ ଭଳି ଆମ ଗଞ୍ଜାମ ବ୍ରହ୍ମପୁରର ଠାକୁରାଣୀ ଯାତ୍ରା ମଧ ନୌବାଣିଜ୍ୟ ତଥା 'ବାଣିଜ୍ୟେ ବସତେ ଲକ୍ଷ୍ମୀ'ର ତାତ୍ପର୍ଯ୍ୟକୁ ଉତ୍ସାହିତ କରୁଛି । ଅତୀତକାଳରୁ ଆଜିଯାଏ ବାଣିଜ୍ୟ ବ୍ୟବସାୟକୁ ଉତ୍ସାହିତ କରି ଆସୁଅଛି । ଏହିଭଳି ଅନୁଷ୍ଠିତ ଯାତ୍ରାମାନଙ୍କରେ ବୋଇତ ରଥର ଉପସ୍ଥିତି ଅତୀତର ଜନଯାତ୍ରା ତଥା ନୌବାଣିଜ୍ୟର ସ୍ଥିତି ଓ ସମୃଦ୍ଧିକୁ ସ୍ୱୀକୃତି ଜଣାଉଛି। ଜୟ ଜଗନ୍ନାଥ ।

ସଂସ୍କୃତି ସଦନ, ବୟାଳୀ, ମନ୍ତ୍ରିଡି
ମୋ: ୯୩୩୭୯୬୦୬୮୮

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୧୧ ମଇ ୨୦୨୫

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର

email : rabibarachayan2015@gmail.com



ଦୃଷ୍ଟିକୋଣ-୧୩

# ଯୁଦ୍ଧ ଥିଲା ଓ ଯୁଦ୍ଧ ରହିବ



♥ ଡ. କାଳୀପଦ ପଣ୍ଡା

'ଯୁଦ୍ଧ' ଏମିତି ଏକ ଶବ୍ଦ ଯାହାର ନାଁ ଶୁଣିଲେ ମାନବ ସମାଜ ଭିତରେ ତଡ଼ିତ ବେଗରେ ଖେଳିଯାଏ ଏକ ଭୟର ତରଙ୍ଗ। ଏହା ଯେ କେବେ ଆନନ୍ଦ ବା ଶାନ୍ତିର ଦ୍ୟୋତକ ନୁହେଁ, ଏହି କଥାଟି ସବୁକାଳରେ ମର୍ମେମର୍ମେ ସମସ୍ତେ ଅନୁଭବ କରୁଥିଲେ ମଧ ସେଥିରୁ କିନ୍ତୁ କେହି ନିସ୍ତାର ପାଇନଥାନ୍ତି। ଏହା କେତେ ସହସ୍ରବର୍ଷ ପୂର୍ବେ କେଉଁ ପରିସ୍ଥିତିରେ ମାନବ ସମାଜରେ ସଂଘଟିତ ହୋଇଥିଲା ତାହାର ସଠିକ୍ ବିବରଣୀ ମିଳିନଥିଲେ ବି ପୁରାଣଯୁଗରୁ ଯୁଦ୍ଧ ଯେ ବିଭିନ୍ନ ସମୟରେ ବିଭିନ୍ନ ଭୂଖଣ୍ଡରେ ବହୁବାର ହୋଇଛି ତାର ପ୍ରମାଣ ପୁରାଣପୃଷ୍ଠାରୁ ମାନବ ସମାଜକୁ ମିଳିଥାଏ। ସେହି ଆଧାରରେ ଦେଖିବାକୁ ଗଲେ ପୁରାକାଳରେ ଯୁଦ୍ଧ ଥିଲା, ପରବର୍ତ୍ତୀକାଳରେ ତାହା ସମୟ କ୍ରମରେ ବିଭିନ୍ନ ଭୂ-ଭାଗରେ ସଂଘଟିତ ହୋଇଆସିଛି।

ଦ୍ୱାପର ହେଉ କିମ୍ବା ତ୍ରେତୟା ଅଥବା ସତ୍ୟଯୁଗ, ସବୁ କାଳରେ ଯୁଦ୍ଧର କାରଣ ଓ ତାର ପରିଣତିକୁ ଆମେ ପୁରୁଷାନୁକ୍ରମରେ ସହସ୍ରବର୍ଷ ଧରି ଶୁଣିଆସୁଛୁ ଏବଂ ପୁରାଣପୃଷ୍ଠାରୁ ପଢ଼ି ଅବଗତ ହେଉଛୁ। ତେବେ ସେହିସବୁ ଯୁଦ୍ଧର କାରଣଗୁଡ଼ିକୁ ଅନ୍ୱେଷଣ କଲେ ଯାହା ଆମ ଦୃଷ୍ଟିକୁ ଆସେ, ତାହାହେଲା ଅନ୍ୟାୟ, ଅନୀତି, ଭ୍ରଷ୍ଟାଚାର ଓ ଅହଂକାରର ପରିଣତି ଯୁଦ୍ଧର ସ୍ଥିତିକୁ ନିର୍ମାଣ କରାଇଥାଏ। ଯୁଦ୍ଧ ବିନା ସେଇ ଅହଂକାରୀ ପାପୀଷ୍ଠମାନଙ୍କର ନିଧନ ହୁଏ ନାହିଁ ଏବଂ ସଂସାରରେ ସୁଖଶାନ୍ତି ବିରାଜମାନ କରେନାହିଁ। ସମସ୍ତେ ନ୍ୟାୟ ପାଆନ୍ତି। ରାମାୟଣ ଯୁଗରେ ଯେତେଯେତେ ଯୁଦ୍ଧ ହୋଇଥିଲା ସେସବୁରେ ଦେଖାଯାଇଛି ଗୋଟିଏ କ୍ଷମତା ଓ ପଦପଦବିର ଏକଛତ୍ରବାଦୀ ବ୍ୟବସ୍ଥାକୁ ପ୍ରତିହତ କରିବା ସହ ଜଣେଜଣେ ବ୍ୟକ୍ତି ସାରା ଭୂଖଣ୍ଡର ଅଧୀଶ୍ୱର ହେବା ସହ ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ ତିନି ଭୁବନର ରାଜଚକ୍ରବର୍ତ୍ତୀ ସାଜିବାର ମୋହରେ ତିନିପୁରକୁ ଥରହର କରିଦେଉଥିଲେ। ସେକାଳରେ କଠୋର ତପସ୍ୟା କରି ଦେବଦେବୀଙ୍କର ବରଦାନ ନେଇ ଆସୁରିକଶକ୍ତିଗଣ ତିନି ଭୁବନକୁ ବିଚଳିତ କରାଇଦେଉଥିଲେ। ପାପ ଓ ପାପୀର ମାତ୍ରା ଏତେ ବଢ଼ିଯାଉଥିଲା ଯେ, ଯେଉଁଥିପାଇଁ ସ୍ୱୟଂ ଜଗତମାତା ବି ଧରାବତରଣ କରି ଦୁଷ୍ଟ ନିବାରଣ କରୁଥିଲେ। କେବେ ଦୁର୍ଗା ରୂପରେ ତ ପୁଣି କେବେ କାଳୀ ରୂପରେ, କେବେ ପୁଣି ପାର୍ବତୀ ରୂପରେ, ଏମିତି କେତେକଣ ରୂପରେ ଜଗଦମ୍ବା, ଜଗତ୍‌ମାତା, ଜଗତରକ୍ଷାକାରୀ ସକଳସୃଷ୍ଟିର ରକ୍ଷାକାରିଣୀ ମା' ଆବିର୍ଭୂତା ହେଉଥିଲେ। ସ୍ୱୟଂ ସୃଷ୍ଟିକର୍ତ୍ତା ତ୍ରିଭୁବନର ରଚୟିତା, ଜଗଦୀଶ୍ୱର ଶ୍ରୀକୃଷ୍ଣ ଧରାବତରଣ କରିଥାନ୍ତି ନାନା ରୂପରେ। ସେ ତ ମହାଭାରତର କୁରୁକ୍ଷେତ୍ର ପଡ଼ିଆରେ ଯୁଦ୍ଧବିମୁଖ ସବ୍ୟସାଚୀ, ତୃତୀୟ ପାଣ୍ଡବ ଅର୍ଜୁନଙ୍କୁ କ୍ଷତ୍ରିୟର ଧର୍ମ ବୁଝାଇବାକୁ ଯାଇ ଯେଉଁ ବକ୍ତବ୍ୟ ପ୍ରଦାନ କରିଥିଲେ ତାହା ତ ସମଗ୍ର ବସୁଧାର ମାନବଜାତି ପାଇଁ କାଳେକାଳେ ଦିଗ୍‌ବାରେଣୀ ଭଳି କାର୍ଯ୍ୟ କରିଆସୁଛି।

"ଯଦାଯଦା ହି ଧର୍ମସ୍ୟ ଗ୍ଲାନିର୍ଭବତି ଭାରତ/ ଅଭ୍ୟୁର୍ଥାନଂମଧର୍ମସ୍ୟ ତଦାତ୍ମାନଂ ସୃଜାମ୍ୟହମ୍
ପରିତ୍ରାଣାୟ ସାଧୁନାଂ ବିନାଶାୟଚ ଦୁଷ୍କୃତାମ୍।"

ଏଥିରୁ ସୁସ୍ପଷ୍ଟ ଯେତେବେଳେ ଦୁଷ୍ଟଶକ୍ତିଙ୍କର ପ୍ରାଦୁର୍ଭାବ ଜଗତରେ ବଢ଼ିଯାଏ ବା ଅନ୍ୟାୟ ଓ ଅନୀତିର ପ୍ରାବଲ୍ୟରେ ସାଧାରଣ ସନ୍ତାନଗଣ ଅତିଷ୍ଠ ହୋଇପଡ଼ନ୍ତି, ସେତେବେଳେ ସ୍ୱୟଂ ସକଳସୃଷ୍ଟିର ଆଧାର, ଜଳ, ସ୍ଥଳ, ଅଗ୍ନି, ବାୟୁ ସବୁଥିର ଯିଏ ମୂଳାଧାର, ଦୂବରୁ ଦାରୁ ପର୍ଯ୍ୟନ୍ତ, କୀଟରୁ ପଶୁପକ୍ଷୀ ପର୍ଯ୍ୟନ୍ତ ସବୁର ଯିଏ ହେଉଛନ୍ତି ନିଅନ୍ତା, ସେହି ପରମେଶ୍ୱର ଧରାବତରଣ କରନ୍ତି କୌଣସି ନା କୌଣସି ରୂପ ଗ୍ରହଣ କରି ତାର ପରିସମାପ୍ତି ପାଇଁ।

ମହାଭାରତ ଯୁଦ୍ଧର ପ୍ରେକ୍ଷାପଟ କାହାକୁ ବା ଅଜଣା ? ଯେତେବେଳେ ନ୍ୟାୟୋଚିତ ଅଧିକାରରୁ ପାଣ୍ଡବମାନଙ୍କୁ ବଞ୍ଚିତ କରିବାର କପଟତା ପ୍ରୟୋଗ କରାଗଲା, ସେତେବେଳେ ସ୍ୱୟଂ ମହାପ୍ରଭୁ ଶ୍ରୀକୃଷ୍ଣ ରକ୍ଷକ ସାଜି ତାର ପରିଣତିର ମହାନାୟକ ରୂପେ ଦଣ୍ଡାୟମାନ ହୋଇଥିଲେ କୁରୁକ୍ଷେତ୍ର ରଣାଙ୍ଗନରେ। ବିଶ୍ୱରୂପଦର୍ଶନ ଜରିଆରେ ସେଦିନ କୁରୁକ୍ଷେତ୍ର ପଡ଼ିଆରେ ତୃତୀୟ ପାଣ୍ଡବ ଧନୁର୍ଦ୍ଧାରୀ ଅର୍ଜୁନଙ୍କୁ ବୁଝାଇଦେଇଥିଲେ ଏ ସକଳ ଯୁଦ୍ଧର ନାୟକ ଜଣେ, ତମେ ନିମିତ୍ତ ମାତ୍ର। ଯାହାକୁ କୁହାଗଲା ନିମିତ୍ତମାତ୍ର ସବ୍ୟସାଚୀ....।

ସେହିଭଳି ଭାବରେ ତ୍ରେତୟାର ମହାପରାକ୍ରମୀ ରାବଣ ସମେତ କେତେକେତେ ଅସୁରକୁଳ ଯେଉଭଳି ଭାବରେ ଜଗତକୁ ଥରହର କରିଦେଉଥିଲେ ଏବଂ ନୀତିହୀନ, ଅନ୍ୟାୟ ଓ ବ୍ୟଭିଚାରରେ ଜଗତକୁ ଶାନ୍ତିରେ ରହିବାକୁ ଦେଉନଥିଲେ, ସେହି ସମୟରେ ମହାପ୍ରଭୁ ଶ୍ରୀରାମଚନ୍ଦ୍ର ନିଜେ ତାର ପରିଣତି ପାଇଁ ଯୁଦ୍ଧ କ୍ଷେତ୍ରରେ ଅବତୀର୍ଣ୍ଣ ହୋଇଥିଲେ।

ଏଥିରୁ ଆମକୁ ସବୁବେଳେ ଶିକ୍ଷାମିଳେ ଯେ, ଯୁଦ୍ଧ ଗୋଟିଏ ପରିଣତି ପାଇଁ ଅବଶ୍ୟମ୍ଭାବି। ଯୁଦ୍ଧ ବିନା ଶାନ୍ତି କିମ୍ବା ସଂହତି ପ୍ରତିଷ୍ଠା ହୋଇନଥାଏ। ଏହା ସତ୍ୟ ଯେ, ଯୁଦ୍ଧର ପରିଣତି ଭୟାବହ ସ୍ଥିତି ନିର୍ମାଣ କରେ। କେତେକେତେ ଅଗଣନ ଜନତା ଅକାଳରେ ସେମାନଙ୍କର ଜୀବନଦୀପକୁ ନିର୍ବାପିତ କରିଥାନ୍ତି। ଅସମୟରେ ଧନଜୀବନର ବିନାଶ ଘଟେ, ଦୋହଲି ଯାଏ ଜଗତର ସ୍ଥିତାବସ୍ଥା। କିନ୍ତୁ ଉପାୟ ବା କ'ଣ ଅଛି ? ଯଦି ଆମେ ଐତିହାସିକ ଯୁଗକୁ ଅବଲମ୍ବନ କରିବା ତେବେ ସାରା ପୃଥିବୀର ବିଭିନ୍ନ ଭୂଖଣ୍ଡରେ (ଭାରତ ସମେତ) ଯେଉଭଳି ଏକଛତ୍ରବାଦୀ ଶାସକ ଗୋଷ୍ଠୀର ସାମ୍ରାଜ୍ୟବାଦୀ ଶାସନକଳକୁ ପ୍ରଲମ୍ବିତ କରିବାର ଅଭୀପ୍ସାକୁ ଚରିତାର୍ଥ ପାଇଁ ଯୁଦ୍ଧ ସବୁ କରିଆସିଛନ୍ତି ତାହା ଆଜିବି ଆମ ସମସ୍ତଙ୍କର ଅଧ୍ୟୟନର ବିଷୟ ହୋଇ ରହିଛି। ଭାରତବର୍ଷ ଏକ ଶାନ୍ତି ସଂହତିର ଦେଶ। ବିଶ୍ୱହିତର ବାର୍ତ୍ତା କେଉଁ ହଜାରବର୍ଷ ତଳୁ ଆମ ଭୂମିରୁ ଝଙ୍କୃତ ହୋଇଛି। ଯାହାକି 'ବସୁଧୈବ କୁଟୁମ୍ବକମ୍' ମନ୍ତ୍ର ଉଚ୍ଚାରଣ କରିଆସିଛୁ। ତେବେ ଏହି ଦେଶକୁ ଯେବେ କରାୟତ୍ତ କରିବାକୁ ଉଦ୍ୟମ ହୋଇଛି, ତାହାକୁ ଭାରତମାତାର ସନ୍ତାନଗଣ ରାଷ୍ଟ୍ରରୂପିଣୀ ଦେବୀ ଭାରତମାତାକୁ ସୁରକ୍ଷିତ ରଖିବା ପାଇଁ ଯୁଦ୍ଧରୂପୀ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇ ପ୍ରତିହତ ପୂର୍ବକ ଜୀବନକୁ ବଳିଦାନ ଦେଇଛନ୍ତି। ସେ ସବୁର ଏକ ପ୍ରଲମ୍ବିତ ଇତିହାସ ସମସ୍ତଙ୍କୁ ଜଣା।

ଆଜି ଯେବେ ଭାରତ ଏକ ଅଘୋଷିତ ଯୁଦ୍ଧର ସାମ୍ନା କରୁଛି, ସେତେବେଳେ ଯୁଦ୍ଧକୁ ନେଇ ସମସ୍ତଙ୍କ ଭିତରେ ଚର୍ଚ୍ଚା ବଢ଼ିଛି। ଏହି ଯୁଦ୍ଧକୁ କ'ଣ ଏଡ଼ାଇ ଦେଇ ହୋଇନଥାନ୍ତା ? କିଛି କ'ଣ ସନ୍ଧି ବା ସମାଧାନର ସୂତ୍ର ବାହାର କରାଯାଇପାରିନଥାନ୍ତା ? କିନ୍ତୁ ଏହା କେମିତି ସମ୍ଭବ ଯେ ? ଶହ ଶହ ବର୍ଷର ପରାଧୀନତାରୁ ମୁକ୍ତ ହେବାପାଇଁ ଆମେ ଯେଉଁ ଶହ ଶହ ବର୍ଷର ସଂଗ୍ରାମ କରିଥିଲୁ ତାର ଫଳ ଆମକୁ ଓଲଟା ମିଳିଥିଲା। ସେଦିନ ସେହି ଚକ୍ରାନ୍ତକାରୀ ବିଦେଶୀ ବ୍ରିଟିଶ ଶାସକ ନିଜର କୂଟ ଭିଆଇ ଆମ ଭିତରେ ଏକ ଧର୍ମଭିତ୍ତିକ ସ୍ୱଧୀନତାକୁ ରୋପଣ କରି ସମଗ୍ର ଭାରତକୁ ହିନ୍ଦୁ ଓ ମୁସଲମାନ ନାମରେ ଭାଗ କରିଦେଇ ପାକିସ୍ଥାନ ନାମକ ଦେଶଟିଏ ସୃଷ୍ଟିକରି ଚାଲିଯାଇଥିଲେ। ଫଳସ୍ୱରୂପ ଆଜି ସ୍ୱାଧୀନତାର ଏତେବର୍ଷ ପରେ ବି ଆମକୁ ପ୍ରତ୍ୟହ ଦେଶର ନାଗରିକଙ୍କୁ ସୁରକ୍ଷିତ ରଖିବା ପାଇଁ ଅଘୋଷିତ ଯୁଦ୍ଧରେ ଅବତୀର୍ଣ୍ଣ ହେବାକୁ ପଡୁଛି। ତାହା ପୁଣି ଆମ ଭୂମିରୁ ସୃଷ୍ଟି ହୋଇଥିବା ଆମର ଏକଦା ଭାଇ ଥିବା ପଡ଼ୋଶୀ ପାକିସ୍ଥାନବାସୀଙ୍କ ହୀନଚକ୍ରାନ୍ତ ପାଇଁ। ଭାରତବର୍ଷକୁ ସେମାନେ ଶାନ୍ତିରେ ଶୁଆଇ ନଦେବା ପାଇଁ ଆତଙ୍କବାଦ ଭଳି ପନ୍ଥାକୁ ଆପଣେଇ ଭାରତବର୍ଷ ମଧ୍ୟରେ ବିଭିନ୍ନ ସମୟରେ ନିରୀହ ଜନତାଙ୍କୁ ହତ୍ୟା କରୁଛନ୍ତି। ଆଜି ଆମର ସବୁଠୁ ବଡ଼ ଶତ୍ରୁ ରୂପେ ଦଣ୍ଡାୟମାନ ହୋଇଛି ଆମର ପଡ଼ୋଶୀ ପାକିସ୍ଥାନ ଦେଶ। ଆଉ ଧର୍ମଭିତ୍ତିକ ଅଳ୍ପକେତୋଟି ମୁସଲମାନ ଦେଶ ଗୁପ୍ତରେ ଏବଂ ଆଉ ଏକ ପଡ଼ୋଶୀ ଦେଶ ଚୀନ୍ ଭାରତର ଭୂଭାଗର ଐଶ୍ୱର୍ଯ୍ୟ ପ୍ରତି ଲୋଲୁପ ଦୃଷ୍ଟି ରଖି ପାକିସ୍ଥାନ ସହ ହାତମିଳାଇ ଆମକୁ ସବୁ ସମୟରେ ଯୁଦ୍ଧସ୍ଥିତିରେ ସମ୍ମୁଖୀନ ହେବାକୁ ପରୋକ୍ଷରେ ଆହ୍ୱାନ ଦେଉଛି। ୧୯୪୭ ଅଗଷ୍ଟ ୧୪ ତାରିଖ ମଧ୍ୟରାତ୍ରରେ ଭାରତ ଖଣ୍ଡବିଖଣ୍ଡ ହୋଇ ଦୁଇ ଦେଶରେ ପରିଣତ ହେବାଠାରୁ ପାକିସ୍ଥାନ ଯେଉଭଳି ଭାବରେ ହିନ୍ଦୁମାରଣ ଯଜ୍ଞ ଆରମ୍ଭ କରିଥିଲା, ଗୋଟିଏ ଟ୍ରେନ୍‌ରେ ହିନ୍ଦୁ ନାରୀଙ୍କର ସ୍ତନ ଓ ପୁରୁଷଙ୍କର କଟାମୁଣ୍ଡ ସହ ଗୋଟିଏ ଟ୍ରେନ୍ ସେସମୟରେ ପ୍ରେରଣକରି ଗିଫ୍ଟ ଟୁ ଇଣ୍ଡିଆ ଲେଖିଥିଲା, ସେହି ବୀଭତ୍ସ ଘଟଣାର ଅନ୍ତ ଆଜିଯାଏଁ ଘଟିନାହିଁ। ସେହି ଦେଶ ସବୁବେଳେ ଭାରତକୁ ନିଜର ଭାଇ ବା ବନ୍ଧୁଦେଶ ଭାବରେ ଗ୍ରହଣ କରିପାରିଥିଲେ ଆଜି ହୁଏତ ଯେଉଁ ପରିସ୍ଥିତି ସୃଷ୍ଟି ହେବାକୁ ବସିଛି ତାହା ହୋଇନଥାନ୍ତା। କିନ୍ତୁ ସେମାନେ ସେମାନଙ୍କର ଏକମାତ୍ର ହୀନ ମାନସିକତାରେ ଭାରତର ହୃତ୍‌ପିଣ୍ଡ ଦିଲ୍ଲୀ ମସନଦ୍‌କୁ ଦିନେ କରାୟତ୍ତ କରିବାର ଯେଉଁ ଦିବାସ୍ୱପ୍ନ ଦେଖିଚାଲିଛନ୍ତି ତାର ଫଳସ୍ୱରୂପ ତାଙ୍କ ଭୂମିରେ ସୃଷ୍ଟି କରିଛନ୍ତି ଆତଙ୍କୀମାନଙ୍କ ଆଡ୍ଡା। ଯାହାର ପ୍ରମାଣ ବିଶ୍ୱ ସମୁଦାୟ ଆଗରେ ଭାରତ ସବୁ ସମୟରେ ଦେଇ ଆସିଛି। ଆମ ଦେଶରେ ଆମେ ସେହିଦିନରୁ ହିନ୍ଦୁ ମୁସ୍‌ଲିମ୍ ଭାଇ ଭାଇ ହୋଇ ଶାନ୍ତିରେ ସହାବସ୍ଥାନ କରି ବିଶ୍ୱବାସୀଙ୍କୁ ଆମର ସର୍ବଧର୍ମ ସମନ୍ୱୟର ବାର୍ତ୍ତା ଦେଇଆସିଛୁ। ଅଥଚ ଏବେ ଏବେ ଏପ୍ରିଲ ୨୨ରେ ଜାମ୍ମୁ-କାଶ୍ମୀରର ପହେଲଗାମ ପର୍ଯ୍ୟଟନସ୍ଥଳରେ ୨୬ଜଣ ସାଧାରଣ ପର୍ଯ୍ୟଟକଙ୍କୁ ସେନା ପୋଷାକରେ ଆସି ଆତଙ୍କବାଦୀମାନେ ଯେଉଭଳି କେଉଁ ଧର୍ମର ଲୋକ ବୋଲି ପଚାରି କେବଳ ପୁରୁଷ ଲୋକଙ୍କୁ ହତ୍ୟା କରି ରକ୍ତର ନଦୀ ବୁହାଇଦେଲେ ତାହା ବିଶ୍ୱ ଜନତାକୁ ପାକିସ୍ଥାନୀ ଆତଙ୍କିର ସଦ୍ୟ ପ୍ରମାଣ ମିଳିଗଲା। ଏତେବେଳେ କେଉଁ ଦେଶର ଶାସକ ତାର ନିରୀହ ଜନତାଙ୍କୁ ଏଭଳି ବୀଭତ୍ସ ହତ୍ୟାର ପ୍ରତିଶୋଧ ନନେଇ ଚୁପ୍ ହୋଇ ବସିପାରିବ ଯେ? ଆଜି ଯୁଦ୍ଧ ତ ଅବଶ୍ୟମ୍ଭାବୀ ହୋଇଛି, ଏହା ଆବଶ୍ୟକ ମଧ ଥିଲା। ଏଠାରେ ସ୍ମରଣ କରାଯାଇପାରେ ଯେ, ଆମର ଭୂତପୂର୍ବ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ଦିନେ ଲାହୋର ଗସ୍ତରେ ଯାଇ ସେଠାରୁ ଯେଉଁ ଆହ୍ୱାନ ଦେଇଥିଲେ, ତାହାକୁ ଏଭଳି ଭାବେ କୁହାଯାଇପାରେ -

ଭାଇ ବୋଲି ଭାବି ସହିଲୁ ଅନେକ / ପ୍ରତାରଣା କରି ବିଶ୍ୱାସରେ ଭରିଦେଲ ବିଷ,
ସହିବାର ସୀମା ଅତିକ୍ରମି ଅଛି / ପ୍ରତିଶୋଧ ଏବେ ଆମ ଶପଥ,
ଭାରତ ନୁହଁଇ ଜଡ଼ ଭୂଖଣ୍ଡ / ଜୀବନ୍ତ ତାର ପ୍ରତିଟି ଅଣୁରେ ଜୀବନ ତୂର୍ଯ୍ୟନାଦ।

ଯଦିଓ ଯୁଦ୍ଧ ସବୁ ଦୃଷ୍ଟିରୁ ଏକ ସଂହାରଲୀଳା ରଚିଥାଏ, ମାତ୍ର ତା' ବିନା ବି ସ୍ଥିତାବସ୍ଥା ସ୍ଥିର ହୁଏନା କିମ୍ବା ଘାତକକୁ କେବେ ସମୁଚିତ ଜବାବ ଦିଆଯାଇପାରେନା। ଯୁଦ୍ଧ ପୃଥିବୀ ପୃଷ୍ଠରେ ସବୁକାଳରେ ଥିଲା ଓ ରହିଥିବ, ଏହାକୁ କେବେ କେହି ଅସ୍ୱୀକାର କରିପାରିବେ ନାହିଁ। କାରଣ ଆତ୍ମସୁରକ୍ଷା ଓ ଜାତୀୟଜୀବନର ସୁରକ୍ଷା କେବଳ ଏହାଦ୍ୱାରା ସମ୍ଭବ ହୋଇଥାଏ।

♥ ସୁନାରୁଇ, ବି.କଟିସାହି, ସିଂଲା
ବାଲିଆପାଳ, ବାଲେଶ୍ୱର-୭୫୬୦୨୩, (ମୋ).:୯୪୩୭୦୮୯୨୪୧

ସ୍ମରଣୀୟେଷୁ...

♥ ସୁଷମା ପରିଜା

# ଗୌତମରୁ ସିଦ୍ଧାଚାର୍ଯ୍ୟ ଗୌତମ ବୁଦ୍ଧ ଯାଏଁ



ହିନ୍ଦୁ ଧର୍ମ ଶାସ୍ତ୍ର ଅନୁଯାୟୀ ପରମପିତା ମହାବିଷ୍ଣୁଙ୍କର ନବମ ଅବତାରଟି ହେଉଛି ବୌଦ୍ଧ ଅବତାର। କଳିଯୁଗ ଆରମ୍ଭ ହେବା ପୂର୍ବରୁ କଳିର କଳୁଷ ନାଶ କରିବା ପାଇଁ ସ୍ୱୟଂ ମହାବିଷ୍ଣୁ ବୁଦ୍ଧ ବା ବୌଦ୍ଧ ଅବତାର ଗ୍ରହଣ କରି ମନୁଷ୍ୟ ସମାଜକୁ ଅହିଂସା ସତ୍ୟ ଧର୍ମ ଦୟା କ୍ଷମା ଇତ୍ୟାଦି ମହତ ଗୁଣ ଗ୍ରହଣ କରି ମୋକ୍ଷ ପ୍ରାପ୍ତି କରିବାର ପଥ ଦେଖାଇଥିଲେ। ତାଙ୍କର ପ୍ରଦର୍ଶିତ ମାର୍ଗକୁ ଆତ୍ମଜାଗୃତିର ଅଷ୍ଟାଙ୍ଗ ମାର୍ଗ କୁହାଯାଇଥାଏ। ଏଗୁଡିକ ହେଲା ଉତ୍ତମ ଦୃଷ୍ଟି, ଉତ୍ତମ ଆକାଂକ୍ଷା, ଉତ୍ତମ କଥନ, ଉତ୍ତମ କର୍ମ, ଉତ୍ତମ ଜୀବିକା, ଉତ୍ତମ ପ୍ରୟାସ, ଉତ୍ତମ ସ୍ମୃତି ଉତ୍ତମ ଧ୍ୟାନ ବା ସମାଧି। ଏହି ସୁମାର୍ଗରେ ପରିଚାଳିତ ହେଉଥିବା ମନୁଷ୍ୟ ସର୍ବଦା ମୋକ୍ଷ ବା ନିର୍ବାଣ ପ୍ରାପ୍ତ ହୋଇଥାନ୍ତି।

ଗୌତମ ବୁଦ୍ଧଙ୍କର ଜନ୍ମ ଖ୍ରୀଷ୍ଟପୂର୍ବ ୬୨୩ରେ ଭାରତୀୟ ଉପମହାଦ୍ୱୀପର ହିମାଳୟ ପର୍ବତ ପାଦଦେଶରେ ଥିବା ଲୁମ୍ବିନୀ ପ୍ରଦେଶର କପିଳବାସ୍ତୁ ନାମକ ନଗରରେ ରାଜୁତି କରୁଥିବା ଶାକ୍ୟ ରାଜବଂଶ ରେ ହୋଇଥିଲା । ତାଙ୍କର ପିତାଙ୍କ ନାମ ଥିଲା ଶୁଦ୍ଧୋଦନ ଏବଂ ମାତାଙ୍କ ନାମ ଥିଲା ମହାମାୟା। ବାଲ୍ୟକାଳରେ ତାଙ୍କର ନାମକରଣ ହୋଇଥିଲା ଗୌତମ। ତାଙ୍କର ଜନ୍ମ ଜାତକ ଗଣନା କରି ଦରବାରର ଜ୍ୟୋତିଷୀମାନେ କହିଥିଲେ ଯେ "ଏହି ବାଳକ ଜଣେ ମହା ଜ୍ଞାନୀ ହେବେ କିନ୍ତୁ ସେ ରାଜଭୋଗ ତ୍ୟାଗକରି ସନ୍ୟାସୀ ହେବେ ।" ଏହି କଥା ଶୁଣି ତାଙ୍କର ବାପା ମାଆ ଖୁବ୍ ବିଚଳିତ ହୋଇ ପଡ଼ିଥିଲେ ଏବଂ ତାଙ୍କୁ ଅତ୍ୟନ୍ତ ଯତ୍ନର ସହିତ ପାଳିଥିଲେ। ରାଜପ୍ରାସାଦ ବାହାରକୁ ଯିବାପାଇଁ ତାଙ୍କୁ ଅନୁମତି ନଥିଲା। ବାହାର ଦୁନିଆଁ ର ସୁଖ ଦୁଃଖ ସମ୍ବନ୍ଧରେ ସମ୍ପୂର୍ଣ୍ଣ ଅଜ୍ଞ ଥାଇ ବିରାଟ ରାଜପ୍ରାସାଦରେ ଶ୍ରେଷ୍ଠ ଐଶ୍ୱର୍ଯ୍ୟ ଏବଂ ବିଭବ ମଧ୍ୟରେ ଜୀବନ ବିତାଉଥିଲେ ଗୌତମ। ଏହି ଭଳି ଭାବରେ ବିତିଗଲା ବେଶ୍ କିଛି ବର୍ଷ। ଶୈଶବରୁ କୈଶୋର ଦେଇ ଯୁବକ ଅବସ୍ଥାରେ ପାଦ ଦେଲେ ଗୌତମ ।

ଦିନେ ସାରଥୀ ସହ ରଥରେ ବସି ନଗର ପରିକ୍ରମା କରି ନଗରୀର ଶୋଭା ଦର୍ଶନ କରିବା ପାଇଁ ମନ ବଳାଇ ରାଜପ୍ରାସାଦରୁ ବାହାରିଗଲେ ସେ। ବାଟରେ ଯାଉ ଯାଉ ପ୍ରଥମେ ଦେଖିଲେ ଜଣେ ଅଶୀତିପର ବୃଦ୍ଧଙ୍କୁ। ସେ ଶୀର୍ଣ୍ଣକାୟ ବୃଦ୍ଧ ଜଣକ ନିଜର ଦୁର୍ବଳ ଶରୀର ନେଇ ମୁଣ୍ଡରେ ଗାମୁଛା ପକାଇ ବାଡି ଖଣ୍ଡିଏ ଧରି ନଇଁ ନଇଁ ବହୁ କଷ୍ଟରେ ବାଟ ଚାଲୁଥାନ୍ତି। ରାଜକୁମାର ଗୌତମ ଏମିତି ମଣିଷ ଟିଏ ତାଙ୍କର ଜୀବନ କାଳରେ ଦେଖି ନଥିଲେ। ସେ ସାରଥୀଙ୍କୁ ପ୍ରଶ୍ନ କଲେ – ସାରଥୀ!

ଇଏ କେଉଁ ଜୀବ? ସେ ଏମିତି ଚାଲୁଛି କାହିଁକି??

ସାରଥୀ ସସମ୍ମାନେ ଉତ୍ତର ଦେଲେ- ରାଜକୁମାର ! ଇଏ ମଧ ଆମରି ଭଳି ଜଣେ ମଣିଷ। ବୟସ ବଢିବାରୁ ବୁଢ଼ା ହୋଇ ଆଜି ଏଇ ଅବସ୍ଥାରେ ପହଞ୍ଚିଛନ୍ତି। ମଣିଷ ମାତ୍ରକେ ସେଇଆ, ଆଜି ଜନ୍ମ ହେଲେ କାଲିକି ନିଶ୍ଚୟ ବୁଢ଼ା ହେବ। ଏ ଯୁବା ଶରୀର, ସାମର୍ଥ୍ୟ, ସୌନ୍ଦର୍ଯ୍ୟ ଧୀରେ ଧୀରେ ଉଭାନ୍ ହୋଇଯିବ। ଏପରିକି ନିଜେ ଚଳପ୍ରଚଳ ହେବା ମଧ କଷ୍ଟକର ହୋଇଯିବ।

ରାଜକୁମାର ଗୌତମ ବିସ୍ମିତ ହେଲେ... "ତେବେ ମନୁଷ୍ୟ ଜନ୍ମ ନେଲେ ଜରାବସ୍ଥା ନିଶ୍ଚୟ ଭୋଗିବ?"

-ହଁ, ଏହା ତ' ନିଶ୍ଚିତ।

ରଥ ଆଗକୁ ଆଗକୁ ଚାଲିଥାଏ। ଦେଖାଗଲା ଆଉ ଏକ ଦୃଶ୍ୟ। ଗଛ ଛାଇରେ ମଣିଷଟିଏ ବସିଛି। ଗଳିତ କୁଷ୍ଠ ରୋଗରେ ତା'ର ହାତ ପାଦ ନଷ୍ଟ ହୋଇଯାଇଛି। ପ୍ରବଳ ଗ୍ରୀଷ୍ମପ୍ରବାହ ହେତୁ ରୋଗର ଅସହ୍ୟ ଯନ୍ତ୍ରଣାରେ ସେ ଛଟ ପଟ ହେଉଛି। ସେଇ ବାଟ ଦେଇ ଅନେକ ଲୋକ ଯାତାୟତ କରୁଥିଲେ ମଧ କେହିହେଲେ ତା' ପାଖକୁ ଯାଉନାହାଁନ୍ତି । ଏହା ଦେଖି ରାଜକୁମାର ଗୌତମ ଆଶ୍ଚର୍ଯ୍ୟ ହେଲେ। ସାରଥୀଙ୍କୁ ପଚାରିଲେ – "ୟାଙ୍କର କ'ଣ ହୋଇଛି?"

ସାରଥୀ ଉତ୍ତର ଦେଲେ – ରାଜକୁମାର ! ଇଏ ଜଣେ କୁଷ୍ଠ ରୋଗୀ । ରୋଗର ପ୍ରକୋପ ଅଧିକ ହେବାରୁ ୟାଙ୍କର ହାତ ପାଦ ନଷ୍ଟ ହୋଇଯାଇଛି। ତେଣୁ ତାଙ୍କୁ ଘୃଣା କରି କେହି ତାଙ୍କର ପାଖକୁ ଯାଉ ନାହାଁନ୍ତି । ରାଜ କୁମାର ଦୁଃଖିତ ହେଲେ। ପୁଣି ସାରଥୀଙ୍କୁ ପଚାରିଲେ

- ମଣିଷ କୁ ରୋଗ କାହିଁକି ହୁଏ ?

- ଇଏ ତ' ସାଧାରଣ କଥା ରାଜକୁମାର! ମଣିଷର ଶରୀର ତ' ଅସଂଖ୍ୟ ରୋଗର ଗନ୍ତାଘର। କିଏ ଜାଣେ କାହାକୁ କେତେବେଳେ କେଉଁ ରୋଗ ଗ୍ରାସିବ? ଆହୁରି ଦୁଃଖିତ ହେଲେ ରାଜକୁମାର ଗୌତମ।

ରଥ ଆଗକୁ ଆଗକୁ ଚାଲିଥାଏ। ବାଟରେ ଦେଖାଗଲା ଗୋଟିଏ ଶବ ଶୋଭାଯାତ୍ରା। ରାଜକୁମାର ଦେଖିଲେ କିଛି ଗୋଟିଏ ଜିନିଷକୁ ଚାରିଜଣ ମଣିଷ କାନ୍ଧରେ ବୋହି ନେଉଛନ୍ତି। ତାଙ୍କର ଆଗରେ ପଛରେ ଆହୁରି କିଛି ମଣିଷ ଚାଲିଛନ୍ତି। ଶୋକାକୁଳ ହୋଇ ସମସ୍ତେ ରୋଦନ କରୁଛନ୍ତି।

ରାଜ କୁମାର ଦୁଃଖିତ ହେଲେ। ପୁଣି ପଚାରିଲେ ....

- ଇଏ କ'ଣ ସାରଥୀ? କାହିଁକି ଏମାନେ ଏଭଳି କ୍ରନ୍ଦନ କରୁଛନ୍ତି?? ସେ ମଣିଷମାନେ କାନ୍ଧରେ କ'ଣ ବୁହାଇ ନେଉଛନ୍ତି ଆଉ କୁଆଡ଼େ ଯାଉଛନ୍ତି ସମସ୍ତେ ???

- ସିଏ ଗୋଟିଏ ଶବ ରାଜକୁମାର ! ଏ ଜୀବଜଗତ ମରଣଶୀଳ। ମଣିଷ ଜନ୍ମ ମାତ୍ରେ ତ' ମୃତ୍ୟୁ ସୁନିଶ୍ଚିତ। ତା'ର ଆତ୍ମୀୟ ସ୍ୱଜନମାନେ ତା'କୁ କୋକେଇରେ ରଖି ଶ୍ମଶାନକୁ ନେଉଛନ୍ତି ତା'ର ଦାହ ସଂସ୍କାର ଏବଂ ଅନ୍ତିମ କ୍ରିୟାକର୍ମ କରିବା ପାଇଁ। ମୃତକଙ୍କ ଉପରେ ସେମାନଙ୍କର ସ୍ନେହ ଶ୍ରଦ୍ଧା ଥିବାରୁ ତାଙ୍କର ଗୁଣ ସ୍ମରଣ କରି କ୍ରନ୍ଦନ କରୁଛନ୍ତି।

ରାଜକୁମାରଙ୍କ ହୃଦୟ ଦୁଃଖରେ ଭରିଗଲା। ସେ ଭାବୁଥିଲେ ..ସତରେ ଏ ମଣିଷ ଜୀବନ କ'ଣ ଏତେ ଦୁଃଖରେ ପରିପୂର୍ଣ୍ଣ ! ଜରା, ରୋଗ, ମୃତ୍ୟୁ ଏ ସବୁକୁ ଭୋଗିବାକୁ ପଡିବ ଏଇ ଜୀବନରେ !! ଅଥଚ ଆମେ ଜୀବନକୁ କେତେ ସହଜ ଭାବୁଛେ !!! ଯଦି ଏ ସୁନ୍ଦର ଶରୀର ଦିନେ ଅଗ୍ନିରେ ଦଗ୍ଧ ହୋଇ ପଞ୍ଚଭୂତରେ ଲୀନ ହେବ, ତେବେ ଏ ଶରୀର ପ୍ରତି ଏତେ ମୋହ କାହିଁକି ? ପାର୍ଥିବ ସୁଖ ଭୋଗ ପାଇଁ ଏତେ ଲାଳସା କାହିଁକି?

ରାଜକୁମାର ଚିନ୍ତାରେ ନିମଗ୍ନ ହେଲେ। ଏଇ ସମୟରେ ଦୃଷ୍ଟି ରଥାରୂଢ଼ ହେଲା ଆଉ ଗୋଟିଏ ଚମତ୍କାର ଦୃଶ୍ୟ ।

କୌପୀନ ପରିହିତ ଜଣେ ସାଧୁ ଆନନ୍ଦରେ ଖଞ୍ଜଣି ବାଜା ବଜାଇ ଗୀତ ଗାଇ ଗାଇ ନୃତ୍ୟ କରି କରି ଚାଲିଛନ୍ତି ଆଗକୁ। କେଉଁ ଆଡ଼କୁ ତାଙ୍କର ନଜର ନାହିଁ କି ଖରା ଧାସକୁ ଖାତର ନାହିଁ। ରାଜକୁମାର ଗୌତମ ଚମତ୍କୃତ ହେଲେ। ସେ ବିସ୍ମିତ ସ୍ୱର ରେ ପୁଚ୍ଛାକଲେ ସାରଥୀ ଙ୍କୁ...

ଆଚ୍ଛା, ଇଏବି' ତ' ଜଣେ ମଣିଷ ! ୟାଙ୍କୁ ବି' ତ ଦିନେ ଜରା ବ୍ୟାଧି ମୃତ୍ୟୁ ଗ୍ରାସିବ! ସେ କଥା ତ' ସିଏ ନିଶ୍ଚୟ ଜାଣିଥିବେ! ହେଲେ ସେଥିପ୍ରତି ସେ ଭୟ ନକରି ଏତେ ଆନନ୍ଦ ରେ ଅଛନ୍ତି କେମିତି?

ସାରଥୀ ଉତ୍ତର ଦେଲେ.. ରାଜକୁମାର, ଇଏ ପରା ଜଣେ ସନ୍ନ୍ୟାସୀ। ୟାଙ୍କର ଘର ନାହିଁ କି ଘାଟ ନାହିଁ, କିଛି ସମ୍ପତ୍ତିବାଡ଼ି ନାହିଁ କି କେହି ଆତ୍ମୀୟ ସ୍ୱଜନ ନାହାଁନ୍ତି, ତେଣୁ ତାଙ୍କର କାହା ପ୍ରତି ଆସକ୍ତି, ଅନୁରାଗ ନାହିଁ, କେବଳ ପରମାତ୍ମାଙ୍କ ଠାରେ ହିଁ ୟାଙ୍କର ଲୟ, ସେଥିପାଇଁ ସେଇ ପରମାତ୍ମାଙ୍କୁ ଧ୍ୟାନ କରି, ତାଙ୍କରି ଗୁଣ କୀର୍ତ୍ତନ କରି ସେ ସର୍ବଦା ଆନନ୍ଦରେ ରହିଥାନ୍ତି । ସେ କେବେବି' ସୁଖରେ ଅଧୀର ହୁଅନ୍ତି ନାହିଁ, କି ଦୁଃଖରେ କାତର ହୁଅନ୍ତି ନାହିଁ । ରାଜକୁମାରଙ୍କର ସ୍ଥିର ଦୃଷ୍ଟି ନିବଦ୍ଧ ହେଲା ସେହି ସନ୍ୟାସୀଙ୍କ ଉପରେ। ସେମିତି ଭାବରେ ତାଙ୍କୁ ଚାହିଁ ରହି କିଛି ଚିନ୍ତା କରୁଥିଲେ ଯେମିତି। ଆଉ ଆଗକୁ ନ ଯାଇ କିଛି ସମୟପରେ ସାରଥୀଙ୍କୁ ନିର୍ଦ୍ଦେଶ ଦେଲେ ରାଜପ୍ରାସାଦକୁ ଫେରିଯିବା ପାଇଁ ।

ତା' ପରେ ଦିନ ରାତି ତାଙ୍କୁ ନିଦ ହେଲାନାହିଁ। ସେ ଅହରହ ମଣିଷ ଜୀବନର ଦୁଃଖ ବିଷୟରେ ଚିନ୍ତା କଲେ। କ୍ରମେ କ୍ରମେ ତାଙ୍କର ମନ ସେହି ଭାବଲେଶହୀନ ସନ୍ୟାସୀଙ୍କ ଆଡ଼କୁ ଢଳିଲା। ସେ ନିଶ୍ଚିତ ହେଲେ ଯେ ଗୃହତ୍ୟାଗୀ ସନ୍ୟାସୀ ହୋଇ ଜୀବନ ବିତାଇବା ସହଜ। ସମସ୍ତ ପ୍ରକାର ରାଜଭୋଗ ନିକଟରୁ ସେ ଦୂରେଇ ରହିବାକୁ ଲାଗିଲେ। ତାଙ୍କର ବୀତସ୍ପୃହତା ଲକ୍ଷ୍ୟ କରି ତାଙ୍କର ପିତାମାତାଙ୍କର ଦୁଃଖ ବଢ଼ିଗଲା। ସେମାନେ ଯଶୋଧାରା ନାମ୍ନୀ ଗୋଟିଏ ଅନିନ୍ଦ୍ୟ ସୁନ୍ଦରୀ ରାଜକନ୍ୟା ସହିତ ଗୌତମଙ୍କୁ ବିବାହ କରାଇଦେଲେ, କାଳେ ଏହାଙ୍କର ରୂପ ଗୁଣ ଦେଖି ପୁଅର ସଂସାର ପ୍ରତି ମୋହ ଆସିଯିବ। ବର୍ଷେ ଗଲା, ଦୁଇବର୍ଷ ଗଲା, ଗୌତମଙ୍କ ଔରସରୁ ପୁତ୍ର ସନ୍ତାନ ଜାତ ହେଲା କିନ୍ତୁ ସଂସାର ପ୍ରତି ଗୌତମଙ୍କର ବୀତସ୍ପୃହତା ତିଳେ ହେଲେ କମିଲା ନାହିଁ।

ସନ୍ୟାସୀ ହୋଇ ପରମାତ୍ମାଙ୍କ ସହିତ ଏକାତ୍ମ ହୋଇ ନିର୍ବାଣ ପ୍ରାପ୍ତି କରିବା ଲାଗି ସେ ଦିନେ ମଧ୍ୟରାତ୍ରରେ ଗୃହତ୍ୟାଗୀ ହେଲେ। ଅନାହାର ଅନିଦ୍ରାରେ ରହି ପଦବ୍ରଜରେ ଅନେକ ସ୍ଥାନ ଭ୍ରମଣ କରି ସେ ମୁକ୍ତିର ମାର୍ଗ ଅନ୍ୱେଷଣ କରିବାକୁ ଲାଗିଲେ। ଲୋକକଥା ଶୁଣାଯାଏ ଯେ ଇତି ମଧ୍ୟରେ ଗୌତମଙ୍କର "ଅଲାରା କଲାମା" ଏବଂ "ଉଦ୍ରକ ରାମପୁତ୍ର" ନାମକ ଦୁଇଜଣ ଶିକ୍ଷକଙ୍କ ସହ ଭେଟ ହୋଇଥିଲା। କଥା ଛଳରେ "ଅଲାରା କଲାମା" ଙ୍କ ପାଖରୁ ସେ ଶିଖିଥିଲେ ନିଜ ମନକୁ ଆୟତ୍ତ କରି ପରମାତ୍ମାଙ୍କ ସହିତ ଶୂନ୍ୟ ମଣ୍ଡଳରେ ବିଚରଣ କରିବାର କଳା ଏବଂ "ଉଦ୍ରକ ରାମପୁତ୍ର" ଙ୍କ ନିକଟରୁ ଶିଖିଥିଲେ ମନକୁ ଚେତନ, ଅବଚେତନ ଦୁଇଟି ଯାକ ଅବସ୍ଥାରୁ ମୁକ୍ତ କରି ଏକାଗ୍ର ଚିତ୍ତରେ ଧ୍ୟାନ କରିବାର ରହସ୍ୟ। ସମୟାନୁକ୍ରମେ ଏହି ଦୁଇଜଣ ଗୁରୁଙ୍କ ପାଖରୁ ମଧ ସେ ଦୂରେଇ ଯାଇଥିଲେ। ଏମିତି ପ୍ରାୟ ଇତସ୍ତତଃ ହୋଇ ସାତ ବର୍ଷ ଭ୍ରମଣ କରିବା ପରେ ଦିନେ ସେ ପହଞ୍ଚିଥିଲେ ବିହାରର ଗୟାସ୍ଥିତ ନୀରଞ୍ଜନା ନଦୀ ତଟରେ। ସେଠାରେ ନଦୀରେ ସ୍ନାନ କରିବା ପରେ ତଟରେ ସ୍ଥିତ ଏକ ଝଙ୍କା ବରଗଛ ମୂଳେ ଧ୍ୟାନରତ ହେଲେ। କେଜାଣି କେତେ ସମୟ ବିତିଗଲା ପରେ ସେ ନିଜ ଭିତରେ ଅନୁଭବ କଲେ ଏକ ଅପୂର୍ବ ଆନନ୍ଦ। ଏକ ଅପୂର୍ବ ପୁଲକ ଏବଂ ଅପୂର୍ବ ଜ୍ୟୋତିରେ ଉଦ୍‌ଭାସିତ ହୋଇ ଉଠିଲା ତାଙ୍କର ସମଗ୍ର ସତ୍ତା । ଦେଖଣାହାରୀଏ ଚମତ୍କୃତ ହେଲେ। ତାଙ୍କର ଶ୍ରୀମୁଖରୁ ନିଃସୃତ ହେଲା ଅପୂର୍ବ ବାଣୀ । ସମବେତ ଜନତା ତାଙ୍କୁ "ବୁଦ୍ଧ" ବା "ବୋଧିସତ୍ତ୍ୱ" ବୋଲି ସମ୍ବୋଧନ କରି ସାଷ୍ଟାଙ୍ଗ ପ୍ରଣିପାତ କଲେ। ତାଙ୍କର ଐଶ୍ୱରିକ ଶକ୍ତିର ପରିପ୍ରକାଶ ହୋଇ ସାରିଥିଲା। ଅନେକ ଅନେକ ସାଧାରଣ ଲୋକ "ବୋଧିସତ୍ତ୍ୱ" ଙ୍କୁ ଅନୁସରଣ କରି ତାଙ୍କର ଶିଷ୍ୟତ୍ୱ ଗ୍ରହଣ କରି ନିର୍ବାଣ ପ୍ରାପ୍ତି ପାଇଁ ଅନୁପ୍ରେରିତ ହୋଇ ସାରିଥିଲେ। ବୁଦ୍ଧଙ୍କ ନୀତି ଆଦର୍ଶର ବାଣୀକୁ କୁହାଗଲା "ବୌଦ୍ଧ ଧର୍ମ"। ତହିଁରେ ଅନୁପ୍ରାଣୀତ ହୋଇ ଯେଉଁ ବୌଦ୍ଧ ଭିକ୍ଷୁଗଣ ଏକତ୍ରିତ ହେଲେ ତାହାକୁ "ସଙ୍ଘ" କୁହାଗଲା । ସେମାନଙ୍କ ଧର୍ମଗ୍ରନ୍ଥର ନାମ ହେଲା "ତ୍ରିପିଟକ"। ଶିଷ୍ୟମାନଙ୍କୁ ଅଷ୍ଟାଙ୍ଗ ମାର୍ଗ ପାଳନ କରି ସଂଘର ଶରଣାପନ୍ନ ହୋଇ ମୁକ୍ତି ମାର୍ଗରେ ପରିଚାଳିତ କରିବା ଥିଲା ବୋଧିସତ୍ତ୍ୱଙ୍କର ପରମ ଲକ୍ଷ୍ୟ। ତାଙ୍କର ବାର୍ତ୍ତା ଥିଲା "ବୁଦ୍ଧମ୍ ଶରଣମ୍ ଗଚ୍ଛାମି, ସଙ୍ଘମ୍ ଶରଣମ୍ ଗଚ୍ଛାମି, ଧର୍ମମ୍ ଶରଣମ୍ ଗଚ୍ଛାମି"। ବୋଧିସତ୍ତ୍ୱ ତାଙ୍କର ଶିଷ୍ୟଙ୍କ ଗହଣରେ ଅଣଚାଶ ବର୍ଷ ଧରି ଭଗବାନ ବୁଦ୍ଧ ଭାବରେ ଭାରତ ଏବଂ ଭାରତ ବାହାରର ( ନେପାଳ, ବ୍ରହ୍ମ ଦେଶ,ଚୀନ୍, ସିଂହଳ, ଥାଇଲାଣ୍ଡ ଇତ୍ୟାଦି) ଅନେକ ଦେଶ ବୁଲି ବୁଲି "ବୌଦ୍ଧ ଧର୍ମ" ର ପ୍ରଚାର ପ୍ରସାର କରିବା ପରେ ଅଶୀ ବର୍ଷ ବୟସରେ ବିହାରର ସାରନାଥ ଠାରେ ଦେହ ତ୍ୟାଗ କରିଥିଲେ। ତାଙ୍କରି ସ୍ମୃତିରେ ସେଠାରେ ଗଢ଼ି ଉଠିଥିଲା ଏକ ସୁଉଚ୍ଚ ସ୍ତୁପ ଯାହା ଅଦ୍ୟାବଧି ବିଦ୍ୟମାନ।


ଏହି ମହାଯାତ୍ରା ଘଟଣା ଇତିହାସରେ ଲିପିବଦ୍ଧ ହୋଇ ରହିଛି। ଜନଚେତନାରେ "ବୋଧିସତ୍ତ୍ୱ" "ଭଗବାନ ବୁଦ୍ଧ" ରୂପରେ ଉପାସିତ ହେଉଛନ୍ତି କାହିଁ କେଉଁ ଆବାହମାନ କାଳରୁ। ହିନ୍ଦୁ ଶାସ୍ତ୍ର ପୁରାଣରେ ବିଷ୍ଣୁଙ୍କ ଦଶାବତାର ମଧ୍ୟରୁ ବୁଦ୍ଧ ଅବତାର ଅନ୍ୟତମ ଅବତାର ଭାବରେ ପରିଗଣିତ ହେଉଛନ୍ତି।



ଶାରଳା ଭବନ, ପୋଡା ପୋଖରୀ
କଟକ-୪
ମୋ:୯୩୩୭୨୭୨୬୪୭

ପଢ଼ିବା ପରେ...

# ସମର୍ପିତ ବିଭୁପ୍ରେମ: ଭାବର ବନ୍ଧନ




ଶବ୍ଦ ଓ ଭାବର ମନୋଜ୍ଞ କୋଲାଜ୍ ଲକ୍ଷ୍ମୀପ୍ରିୟା ମହାରଣାଙ୍କ 'ଭାବର ବନ୍ଧନ', ଯାହାର ପ୍ରକାଶକ ହେଲେ କଟକର କ୍ରିଏଟିଭ। ଗୋଟେରୁ ଦେଢ଼ ପୃଷ୍ଠାର କ୍ଷୁଦ୍ର କଳେବର ଭିତରେ ସୀମିତ ପ୍ରତିଟି କବିତା ରାସେଶ୍ୱର ଶ୍ରୀକୃଷ୍ଣଙ୍କୁ ସମର୍ପିତ। ଅଧିକାଂଶ କବିତାରେ ରହିଛି ଶ୍ରଦ୍ଧା, ପ୍ରେମ ଆଉ ଭକ୍ତିର ଚମତ୍କାର ଚିତ୍ର।

ନିଜକୁ ପ୍ରେମିକା ରାଧା ସଜେଇ ବେଳେ ବେଳେ ସେ ଭିଜିଛନ୍ତି ପ୍ରେମରେ।

ତୁମେ ମୋ ଆକାଶର ଝର ଝର ବର୍ଷା / ମୁଁ ତୁମ ବତୁରା ମାଟି / ତୁମରି ଛୁଆଁରେ ମତୁଆଲା ହୋଇ / ବିତାଉଛି ଦିନରାତି।
. (ପ୍ରେମିକ, ପୃ : ୮୩)

ଯାହାଙ୍କ ନାମ ସ୍ମରଣରେ ମନ ପୁଲକିତ ହୋଇ ଉଠେ, ଦେହ ଶିହରି ଉଠେ, ଯାହାଙ୍କ ବାଙ୍କ ଚାହାଣିରେ ଶହେ ଜନ୍ମର ପାପ ଧୋଇ ହୋଇ ଯାଏଁ ସେ ହିଁ ଭାବ ବିନୋଦିଆ ଶ୍ରୀ କୃଷ୍ଣ।

ତୋ ମିଠା ହସ ତୋ ବାଙ୍କ ଚାହାଣି/ ସବୁ କିଛି ମନଲୋଭା/ ପାଶୋରି ହେବନି ଜୀବନରୁ ତତେ/ ଦେଖି ରୂପକାନ୍ତି ଶୋଭା
. ( ଶିହରଣ, ପୃ: ୧୧୬)

ତାଙ୍କର ଅନୁପସ୍ଥିତି ବୋଲି କିଛି ନଥାଏ। ଅତ୍ର, ତତ୍ର, ସର୍ବତ୍ର ବିଦ୍ୟମାନ ସେ। ତଥାପି ଯେ ବିରହିଣୀ ତାଙ୍କର ଅଭାବ ସେ ଅନୁଭବ କରେ। ଅନାବନା ଭାବନାରେ ହଜେ।

ହୃଦୟକୁ ମୋର ନେଲ ଯେ କିଣି/ କିପରି ବଞ୍ଚିବି ପାରୁନି ଜାଣି/ ଅଜଣା ଚମକ ଦେହରେ ମୋର/ ହୃଦୟକୁ ରଖି ପାରୁନି ସ୍ଥିର।
( ଭାବନା, ପୃ : ୨୨)

ଶ୍ରୀକୃଷ୍ଣଙ୍କ ପ୍ରେମରୁ ମୁକୁଳି ଆସିବା ଏତେ ସହଜ ନୁହେଁ। ତାଙ୍କ ଅପାର୍ଥିବ ପ୍ରେମରେ ହଜି ଯାଇ ମଜି ଯାଇ ନିଜର ପାର୍ଥିବ ସୁଖକୁ ଜଳାଞ୍ଜଳି ଦେଇ ଦେବାରେ ହିଁ ଆନନ୍ଦ। ଅନୁଭବୀ କବୀ ବିଷ୍ଣୁପ୍ରିୟା କୃଷ୍ଣ ପ୍ରେମରେ ନିଜକୁ ସମର୍ପି ତାଙ୍କ ପାଦପଦ୍ମରେ ହୋଇ ଯାଇଛନ୍ତି ଏକାତ୍ମ।

ନାହିଁ କିଛି ସ୍ଥିତି ନାହିଁ ଯେ ପ୍ରଗତି/ ଆଉ କିଛି ସତ୍ତା ନାହିଁ ମୋର/ ତୁମେମୟ ମୋର ହୃଦୟ କନ୍ଦରେ/ ନିଜ ଠୁଁ ଦୂର/ ଅନେକ ଦୂର।
. ( ଅନ୍ତରଙ୍ଗ, ପୃ : ୪୮)

ତାଙ୍କ ସହ ସମ୍ପର୍କ ଯୋଡ଼ି ହୋଇ ଗଲେ ଆଉ ସବୁ ସମ୍ପର୍କ ତୁଚ୍ଛ ଲାଗେ। ମନରେ ଡେଣା କଅଁଳେ। କାହା ଅଦୃଶ୍ୟ ସ୍ପର୍ଶରେ କଣ୍ଟା ସବୁ ଫୁଲ ପାଲଟେ।

ନୀଳ ଆକାଶର ଛାତିଟାରେ/ ଆଜି ସୃଜନର କଅଁଳ ଛାପ ଓ ବିଶ୍ୱାସ,/ କୋକିଳର କୁହୁତାନରେ/ ଜୀବନ ଆଜି ଅନନ୍ତ ଉଲ୍ଲାସ।
. ( ସମ୍ପର୍କ, ପୃ: ୭୮)

ସମଗ୍ର ଆୟୁଷକୁ ତାଙ୍କ ଭାବର ବନ୍ଧନରେ ବାନ୍ଧି କବୀ ନିଜକୁ କୃତାର୍ଥ ମଣିଛନ୍ତି। ଭୟଭ୍ରାନ୍ତିରୁ ମୁକ୍ତି ପାଇଛନ୍ତି।

ସମୟର ଏଇ ଭରା ନଇକୂଳେ/ ଥିଲି କେତେ ଭୀତତ୍ରସ୍ତ/ ଆଲିଙ୍ଗନ କରି ଦେଲ ଆଶ୍ୱାସନା/ ବିଶ୍ୱାସ ଯେ ପ୍ରସ୍ତ ପ୍ରସ୍ତ।
(ଭାବର ବନ୍ଧନ, ପୃ: ୧୫)

ଭାବ ଓ ଭାଷାର ଜଟିଳତା ଠୁଁ ବହୁ ଦୂରରେ ତାଙ୍କର କବିତା ସବୁ। କବିତା ଗୁଡ଼ିକର ଆଂଶିକ ଦିଗ ଠାରୁ ଆତ୍ମିକ ଦିଗଟି ଅଧିକ ଗ୍ରହଣୀୟ, ପାଠକ ସ୍ୱୀକାର



କରିବେ। ବିଶିଷ୍ଟ କବି ଓ ସମାଲୋଚକ ସୌଭାଗ୍ୟବନ୍ତ ମହାରଣାଙ୍କର ଭାବଗର୍ଭକ ମୁଖବନ୍ଧ ପାଠକଙ୍କ ଆକର୍ଷଣର ଅନ୍ୟତମ କେନ୍ଦ୍ରବିନ୍ଦୁ। ସଂକଳନଟି ଆଦୃତ ହେବାର ଆଶା କରାଯାଏ।



ସମୀକ୍ଷା : ବିପ୍ଳବ
ମକୁନ୍ଦପୁର, ବାଙ୍କୀ
ମୋ : ୯୪୩୭୪୬୮୦୧୬

# ଓଡ଼ିଆ ଭାଷା ବିକାଶ ଆନ୍ଦୋଳନର ଭାଷାପକ୍ଷ ପାଳନର ଚତୁର୍ଦ୍ଦଶ ଦିବସ

## ଜ୍ଞାନରୂପକ ପଦ୍ମ ମଧ୍ୟରେ କେଶର ସଦୃଶ ଶ୍ରୀଧରସ୍ୱାମୀ ଓ ବଳଦେବ ବିଦ୍ୟାଭୂଷଣ




ବାଲେଶ୍ୱର, ୧୦/୫ (ନି.ପ୍ର): ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ତରଫରୁ ପାଳନ କରାଯାଉଥିବା ଭାଷାପକ୍ଷର ଚତୁର୍ଦ୍ଦଶ ଦିବସରେ ସମଗ୍ର ପୃଥିବୀରେ ଚର୍ଚ୍ଚିତ ଦୁଇଜଣ ବାଲେଶ୍ୱରୀ ବିଦ୍ୱାନ ଶ୍ରୀଧର ସ୍ୱାମୀ ଓ ବଳଦେବ ବିଦ୍ୟାଭୂଷଣଙ୍କ ଭାଗବତ ଓ ଗୋବିନ୍ଦ ଭାଷ୍ୟ ସଂପର୍କରେ ନିରଂଜନ ରାଉତଙ୍କ ପୌରୋହିତ୍ୟରେ ଚର୍ଚ୍ଚା ହୋଇଯାଇଛି। ଶ୍ରୀଧରସ୍ୱାମୀଙ୍କ ସଂପର୍କରେ ପ୍ରଥମେ ଚନ୍ଦ୍ରମୋହନ ମହାଣଣା ପ୍ରବନ୍ଧ ରଚନା ଆରମ୍ଭ କରିଥିଲେ ଓ ଫକୀରମୋହନ ତାଙ୍କ ସଂପର୍କରେ ଜାଣିବାପାଇଁ ଇଚ୍ଛୁକ ହୋଇଥିଲେ। ମାତ୍ର ଡ. ଭାଗବତ ପ୍ରସାଦ ଦାସ ଶ୍ରୀଧରସ୍ୱାମୀଙ୍କ ସଂସ୍କୃତ ରଚନା ଉପରେ ଏକ ପ୍ରବନ୍ଧ ସଂକଳନ ପ୍ରକାଶ କରିବା ସଙ୍ଗେସଙ୍ଗେ ସାହିତ୍ୟ ଏକାଡେମୀଦ୍ୱାରା ରେମୁଣାଠାରେ ତାଙ୍କର ଜୟନ୍ତୀ ଉତ୍ସବ ପାଳନ କରାଇବାରୁ ତାଙ୍କ ସଂପର୍କରେ ଚର୍ଚ୍ଚାର ପରିସର ବ୍ୟାପକ ହୋଇଥିଲା। ଡ. ଦାସ ବଳଦେବ ବିଦ୍ୟାଭୂଷଣଙ୍କ ସଂପର୍କରେ ସଂକଳନ ପ୍ରକାଶ କରିବା ସଙ୍ଗେସଙ୍ଗେ ସାହିତ୍ୟ ଏକାଡେମୀଦ୍ୱାରା ରେମୁଣାଠାରେ ତାଙ୍କର ଜୟନ୍ତୀ ପାଳନ କରାଇବାରେ ମଧ୍ୟ ସଫଳ ହୋଇଥିଲେ। ଆଲୋଚନାରେ ସେ ଶ୍ରୀଧରସ୍ୱାମୀଙ୍କ ସଂପର୍କରେ ବକ୍ତବ୍ୟ ରଖିବା ସଙ୍ଗେସଙ୍ଗେ ତାଙ୍କ ସଂପର୍କିତ ଚର୍ଚ୍ଚାର ଧାରାକୁ ଉପସ୍ଥାପନ କରିଥିଲେ। ବଳଦେବ ବିଦ୍ୟାଭୂଷଣଙ୍କ ସଂପର୍କରେ ତାତ୍ତ୍ୱିକ ଆଲୋଚନା କରିଥିଲେ ପଣ୍ଡିତ ନିରଂଜନ ସାହୁ। ପ୍ରମେୟ ରତ୍ନାବଳୀ ଓ ଅଚିନ୍ତ୍ୟ ଭେଦାଭେଦ ତତ୍ତ୍ୱ ଉପରେ ବିସ୍ତୃତ ଆଲୋଚନା କରି ସେ ପାଠକମାନଙ୍କୁ ରସାସ୍ୱାଦନ କରାଇଥିଲେ। ପ୍ରାକ୍ତନ ଅଧ୍ୟକ୍ଷ ଡ. ଲକ୍ଷ୍ମଣ ଚରଣ ବିଶ୍ୱାଳ ଶ୍ରୀଧର ସ୍ୱାମୀ ଓ ବଳଦେବ ବିଦ୍ୟାଭୂଷଣଙ୍କ ସଂପର୍କରେ ବହୁ ତଥ୍ୟ ଓ ତତ୍ତ୍ୱ ଉଦାହରଣ ମାଧ୍ୟମରେ ପ୍ରକାଶ କରିଥିଲେ। ଶ୍ରୀଧର ସ୍ୱାମୀଙ୍କର ମୟୂର ଗ୍ରାମସ୍ଥିତ ବଂଶଧର ଗିରିଜା ଶଙ୍କର ପତି ସେ ପୂର୍ବଜମାନଙ୍କଠାରୁ ଶୁଣିଥିବା କେତେକ କଥାକୁ ପ୍ରକାଶ କରିବା ସଙ୍ଗେସଙ୍ଗେ ଉଭୟ ପଣ୍ଡିତଙ୍କୁ ଶ୍ରଦ୍ଧା ନିବେଦନ କରିଥିଲେ। ସଂପାଦକ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ଉଭୟ ବିଦ୍ୱାନଙ୍କ ପାଇଁ ବାଲେଶ୍ୱର ଗର୍ବିତ ବୋଲି ପ୍ରକାଶ କରିଥିଲେ। ଜୁମରନାଥ ପାତ୍ର ଅତିଥିମାନଙ୍କୁ ମଞ୍ଚକୁ ଆବାହନ କରିଥିବାବେଳେ ଶାନ୍ତିଲତା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କମଳାକାନ୍ତ ଦାଶ, ପ୍ରଫୁଲ୍ଲ କୁମାର ଦାସ, ରାଜେନ୍ଦ୍ରନାଥ ରାଉତ, ଶାନ୍ତି ବିଶି, କୃଷ୍ଣା ପ୍ରଧାନ, ଅରୁଣା ରାୟ, ଡ. କ୍ଷିତୀଶ୍ୱର ଦାଶ, ପଣ୍ଡିତ ସଂଜୟ କୁମାର ପଣ୍ଡା, ଶରତ କୁମାର ମହାପାତ୍ର, ହେମେନ୍ଦ୍ର ମହାପାତ୍ର, ଡ. ଶିରୀଶ ଚନ୍ଦ୍ର ଜେନା, ନିବାରଣ ଜେନା, ଦୀପକ ଦାସ, ଡ. ସାରଙ୍ଗଧର ତ୍ରିପାଠୀ, ପ୍ରଭାକର ସାହୁ, ମନ୍ମଥ କୁମାର ସାହୁ, ସୁନାମଣି ଜେନା, ତୃପ୍ତିରାଣୀ ପାତ୍ର, ଦେବାଶିଷ ସିଂହ, କରୁଣାକର ସ, ମଧୁସୂଦନ ମାଝୀ, ନିତ୍ୟାନନ୍ଦ ରାଉତ ଅବନ୍ତୀ ପ୍ରଧାନ, ସଙ୍ଗୀତା ରଥ, କଲ୍ୟାଣୀ ନନ୍ଦ, କବିତା ଜେନା, ଉର୍ମିଳା ନାୟକ, ଲମ୍ବୋଦର ନାୟକ, ଅନାଦି ଚରଣ ଜେନା, ପ୍ରମୁଖ ଉପସ୍ଥିତ ଥିଲେ।

## ମହାବୀର ହନୁମାନ ଦେବଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ

ଧର୍ମଶାଳା, ୧୦/୫ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅରାବଳ ପଂଚାୟତ ନିକଟସ୍ଥ ଜନକ ଗ୍ରାମରେ ମହାବୀର ହନୁମାନ ଦେବଙ୍କ ମନ୍ଦିର ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇ ଯାଇଛି। ବିଜେପି ଯୁବନେତା ଅରବିନ୍ଦ ଜେନାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ପ୍ରତିଷ୍ଠା ଦିବସରେ ବଡ଼ଚଣା ବିଧାୟକ ଅମର କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହାବୀର ହନୁମାନ ମନ୍ଦିରରେ ପୁଷ୍ପାଞ୍ଜଳି ଅର୍ପଣ କରି ବିଭୁକୃପା ଲାଭ କରିଥିଲେ। ଆଜି ସକାଳେ କଳସ ଶୋଭାଯାତ୍ରା ସହ ସୂର୍ଯ୍ୟପୂଜା କରାଯାଇଥିଲା। ରିତିନୀତି ଅନୁଯାୟୀ ମହାବୀର ହନୁମାନ ଦେବଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ସହ ବିଗ୍ରହ ସ୍ଥାପନ କରାଯାଇଥିଲା।ଏହି ଉତ୍ସବରେ ବହୁ ସାଧୁସନ୍ଥ ଯୋଗଦେଇଥିଲେ। ସମାଜସେବୀ ସତ୍ୟବ୍ରତ ଜେନା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି ଉତ୍ସବରେ ସ୍ଥାନୀୟ ପଂଚାୟତରୁ ହଜାର ହଜାର ଶ୍ରଦ୍ଧାଳୁମାନେ ଯୋଗ ଦେଇ ହନୁମାନ ଦେବଙ୍କ ଦର୍ଶନ କରିବା ସହ କୃପାଲାଭ କରିଥିଲେ। ସଂଧ୍ୟାରେ ମନ୍ଦିର ପରିସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ସେଲ୍ ରାଉରକେଲା ଇସ୍ପାତ କାରଖାନାର ସାମଗ୍ରୀ ପୁନରୁଦ୍ଧାର ବିଭାଗ ଦ୍ୱାରା

## ଉଲ୍ଲେଖନୀୟ ରାଜସ୍ୱ ଅର୍ଜନ ସହିତ ସ୍ଥାୟୀ ଇସ୍ପାତ ନିର୍ମାଣ ପ୍ରୟାସରେ ମହତ୍ତ୍ୱପୂର୍ଣ୍ଣ ଅବଦାନ




ରାଉରକେଲା, ୧୦/୫ (ନି.ପ୍ର): ସେଲ୍ ରାଉରକେଲା ଇସ୍ପାତ କାରଖାନା (ଆର ଏସ ପି ) ର ସାମଗ୍ରୀ ପୁନରୁଦ୍ଧାର ବିଭାଗ (ଏମ ଆର ଡି), ଗତ ୨୦୨୪-୨୫ ଆର୍ଥିକ ବର୍ଷରେ ଉଭୟ ଉଲ୍ଲେଖନୀୟ ରାଜସ୍ୱ ସୃଷ୍ଟି ସହ ଦୀର୍ଘ ସ୍ଥାୟୀ ପଦକ୍ଷେପ ନେବାରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି । ଦକ୍ଷ ନିଷ୍କାସନ ଏବଂ ପୁନଃଚକ୍ରଣ କାର୍ଯ୍ୟ ମାଧ୍ୟମରେ, ଏମ୍ ଆର ଡି ବିଭାଗ ସବୁଜ ଇସ୍ପାତ ନିର୍ମାଣରେ ମହତ୍ତ୍ୱପୂର୍ଣ୍ଣ ସହଯୋଗ ପ୍ରଦାନ ସହିତ ସମ୍ବଳର ସୁବିନିଯୋଗ ରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଗତ ୨୦୨୪ -୨୫ ଆର୍ଥିକ ବର୍ଷରେ, ଏମ୍ ଆର ଡି ବିଭାଗ ବାହ୍ୟ ଏଜେନ୍ସିଗୁଡ଼ିକୁ ପ୍ରାୟ ୮.୬ ଲକ୍ଷ ଟନ୍ 'ବିଓଏଫ ବର୍ଜ୍ୟ ସ୍ଲାଗ୍' ସଫଳତାର ସହିତ ନିଷ୍କାସନ କରିଛି। ଏହି ପଦକ୍ଷେପ ନା କେବଳ ଉପ-ଉତ୍ପାଦଗୁଡ଼ିକର ସ୍ଥାୟୀ ପରିଚାଳନାକୁ ସୁନିଶ୍ଚିତ କରିଛି ବରଂ ପ୍ରାୟ ୩୦ କୋଟି ଟଙ୍କାର ବହୁମୂଲ୍ୟ ରାଜସ୍ୱ ମଧ୍ୟ ହାସଲ ହୋଇଛି। ଏହି ନିଷ୍କାସନ ପ୍ରକ୍ରିୟା ପରିବେଶଗତ ଭାର ହ୍ରାସ କରିବାରେ ସହାୟକ ହେବା ସହିତ କାରଖାନାର ସ୍ଥାୟୀତ୍ୱ ପ୍ରୟାସରେ ଅବଦାନ ଦେଇଛି । ଅନୁମୋଦିତ ଏଜେନ୍ସିଗୁଡ଼ିକୁ ଏମ୍ ଆର ଡି ବିଭାଗ ପ୍ରାୟ ୨,୩୦୦ ଟନ୍ 'ବ୍ୟବହୃତ/ ଅଗ୍ରାହ୍ୟ ବର୍ଜ୍ୟ ରିଫ୍ରାକ୍ଟରି ଇଟା' ଚାଲାଣ କରିଥିଲା, ଯାହା ବର୍ଜ୍ୟହ୍ରାସ ପ୍ରୟାସରେ ଆଉ ଏକ ଉଲ୍ଲେଖନୀୟ ସଫଳତା ଅଟେ । ଏହି କାର୍ଯ୍ୟ ଦ୍ୱାରା ୨୦୨୪-୨୫ ଆର୍ଥିକ ବର୍ଷରେ ୧.୨୨ କୋଟି ଟଙ୍କା ଅତିରିକ୍ତ ରାଜସ୍ୱ ଅର୍ଜନ କରାଯାଇପାରିଛି ଯାହା ସମ୍ବଳର ପୁନରୁଦ୍ଧାର ଏବଂ ବୃତ୍ତାକାର ଅର୍ଥନୀତି ନୀତି ଉପରେ ଏମ୍ ଆର ଡି ର ଦାୟିତ୍ୱ କୁ ଦର୍ଶାଉଛି । ରାଜସ୍ୱ ଅର୍ଜନ ବ୍ୟତୀତ, ଏମ୍ ଆର ଡି ନିଭାଗ , ଏସ ଏମ୍ ଏସ -୧ ଏବଂ ଏସ ଏମ୍ ଏସ -୨ ବିଭାଗ କୁ ମୂଲ୍ୟବାନ ସ୍କ୍ରାପ୍ ସାମଗ୍ରୀ ଯୋଗାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି, ଯାହା ଦକ୍ଷ ଏବଂ କମ ଖର୍ଚ୍ଚରେ ଇସ୍ପାତ ଉତ୍ପାଦନକୁ ପ୍ରୋତ୍ସାହିତ କରିଛି । ଏହି ପ୍ରୟାସଗୁଡ଼ିକ ଆର ଏସ ପି ର ସ୍ଥାୟୀ ଇସ୍ପାତ ନିର୍ମାଣ ପ୍ରୟାସରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେଇଛି । ଏମ୍ ଆର ଡି ବିଭାଗ ର ଏଭଳି ରଣନୈତିକ ପଦକ୍ଷେପଗୁଡ଼ିକ ନା କେବଳ ପରିବେଶଗତ ପରିଚାଳନା ପ୍ରତି ଆର ଏସ ପି ର ପ୍ରତିବଦ୍ଧତାକୁ ସୁଦୃଢ଼ କରିଛି ବରଂ କାର୍ଯ୍ୟଦକ୍ଷତା ଓ ଆର୍ଥିକ ମୂଲ୍ୟର ଏକ ପ୍ରମୁଖ ବାହକ ଭାବରେ ସମ୍ବଳ ର ପୁନରୁଦ୍ଧାରର ସାମର୍ଥ୍ୟକୁ ମଧ୍ୟ ବୃଦ୍ଧି କରିଛି ।

## ରାଜଧାନୀରେ ଗୁଳିକାଣ୍ଡ

ଭୁବନେଶ୍ୱର, ୧୦/୫ (ନି.ପ୍ର): ରାଜଧାନୀରେ ଗୁଳିକାଣ୍ଡ । ଡ଼ମଣା ଛକ କସମସ୍ ବାର୍ ଉପରକୁ ଗୁଳି ଓ ବୋମା ମାଡ ହୋଇଛି । ଗୁଳିମାଡ କରି ଦୃର୍ବୃତ୍ତ ମାନେ ଫେରାର ହୋଇଯାଇଛନ୍ତି । ଗୁଳିମାଡ଼ରେ ଜଣେ ବ୍ୟକ୍ତି ଗୁରୁତର ଆହତ ହୋଇଛନ୍ତି । ବିଳମ୍ବିତ ରାତି ପର୍ଯ୍ୟନ୍ତ ଚାଲିଥିଲା ବାର୍ । ଘଟଣାସ୍ଥଳରେ ଚନ୍ଦ୍ରଶେଖରପୁର ଥାନା ପୋଲିସ ପହଂଚି ସିସିଟିଭି ଯାଂଚ୍ ଆରମ୍ଭ କରିଛି ।

# ଅପରେସନ ଚକ୍ର-୫: ୮ଟି ରାଜ୍ୟର ୪୨ଟି ସ୍ଥାନରେ ସିବିଆଇର ଚଢାଉ, ୫ ଜଣଙ୍କୁ ଗିରଫ

ନୂଆଦିଲ୍ଲୀ, ୧୦/୫ : ସାଇବର ଅପରାଧୀଙ୍କୁ ବେଆଇନ ଭାବରେ ସିମ୍ କାର୍ଡ ଯୋଗାଇବାରେ ସମ୍ପୃକ୍ତ ଏକ ଗ୍ୟାଙ୍ଗ ବିରୋଧରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଏହି କାର୍ଯ୍ୟାନୁଷ୍ଠାନ ଟ୍ରାନ୍ସନ୍ୟାସନାଲ୍ ସାଇବର କ୍ରାଇମ୍ ନେଟୱାର୍କ ଏବଂ 'ଡିଜିଟାଲ୍ ଗିରଫ' ଭଳି ଅପରାଧ ସହିତ ଜଡିତ। 'ଅପରେସନ୍ ଚକ୍ର-୫' ଅଧୀନରେ, ଶନିବାର ୮ଟି ରାଜ୍ୟରେ ବିସ୍ତାରିତ ଏହି ଅପରାଧୀଙ୍କ ୪୨ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରାଯାଇଥିଲା। ଏହି କାର୍ଯ୍ୟାନୁଷ୍ଠାନରେ ୫ ଜଣଙ୍କୁ ଗିରଫ କରାଯାଇଛି। ଆସାମ, ପଶ୍ଚିମବଙ୍ଗ, ବିହାର, ଉତର ପ୍ରଦେଶ, ମହାରାଷ୍ଟ୍ର, ତେଲେଙ୍ଗାନା, କର୍ଣ୍ଣାଟକ ଏବଂ ତାମିଲନାଡୁରେ ଟେଲିକମ୍ ଅପରେଟରମାନଙ୍କ ପଏଂଟ ଅଫ୍ ସେଲ୍ ଏଜେଂଟ ମାନଙ୍କ କାର୍ଯ୍ୟାଳୟରେ ସିବିଆଇ ଚଢାଉ କରିଛି। ଅଭିଯୋଗ ହେଉଛି ଯେ ଏହି ଏଜେଂଟ ମାନେ ସାଇବର ଅପରାଧୀଙ୍କ ସହ ମିଶି ନକଲି ଡକ୍ୟୁମେଂଟ ଆଧାରରେ ସିମ୍ କାର୍ଡ ପ୍ରଦାନ କରୁଥିଲେ। ଏଗୁଡ଼ିକୁ ଡିଜିଟାଲ୍ ଗିରଫ, ନକଲି ବିଜ୍ଞାପନ, ନିବେଶ ଠକେଇ ମାମଲାରେ ବ୍ୟବହାର କରାଯାଉଥିଲା। ଚଢାଉ ସମୟରେ, ସିବିଆଇ ମୋବାଇଲ୍ ଫୋନ୍, ଇଲେକ୍ଟ୍ରୋନିକ୍ ଡିଭାଇସ୍, ସନ୍ଦିଗ୍ଧ କଣଉ ଡକ୍ୟୁମେଂଟ ଏବଂ ଅପରାଧରୁ କିଣାଯାଇଥିବା ସମ୍ପତ୍ତି ସହିତ ଜଡିତ କାଗଜପତ୍ର ଜବତ କରିଛି। ଗିରଫ ହୋଇଥିବା ପାଂଚ ଜଣ ଅଭିଯୁକ୍ତ ଚାରୋଟି ଭିନ୍ନ ଭିନ୍ନ ରାଜ୍ୟର ଏବଂ ସେମାନଙ୍କ ବିରୁଦ୍ଧରେ ଟେଲିକମ୍ ନିୟମ ଉଲ୍ଲଂଘନ କରି ସିମ୍ କାର୍ଡ ବିକ୍ରି କରିବାର ଅଭିଯୋଗ ରହିଛି।

B-116

OFFICE OF THE SUPERINTENDING ENGINEER
BALASORE (ROADS & BUILDINGS ) DIVISION-II
AT/PO- BHASKARGANJ , BALASORE
CONTACT NO :- 06782-263149
E Mail ID :- eepwdbls2@gmail.com

SHORT TENDER CALL NOTICE

BID INVITATION NO. EE (R and B) BLS-II- 04/ 2025-26

No. ୩୦୪୮ dt. ୯.୫.୨୫

| | | | |
|---|---|---|---|
| 1 | The Superintending Engineer , Balasore (R & B) Division-II , Balasore on behalf of the Governor of Odisha invites Percentage rate bids to be received in **ONLINE MODE** only for Roads & Buildings works . | | |
| 2 | No. of Work | : | 1 No |
| 3 | Nature of work : | : | Road Work |
| 4 | Class of Contractor : | : | "C" and "B" |
| 5 | Approx. value of work | : | Rs.27.34 Lakhs |
| 6 | Tender Cost. : . | : | Rs.6000.00 |
| 7 | Availability of Bid Documents in the website : | : | From 10.00 AM of 16.05.2025 to 1.00 PM of 28.05.2025 |
| 8 | Date of Opening of Bid : | : | Dt. 28.05.2025 at 1.30 PM. |
| 9 | Other details can be seen in the Bidding documents from the website : https://tendersorissa.gov.in. | | |

OIPR:34155/11/0020/2526

Superintending Engineer,
Balasore (R&B) Division-II

# ନୂତନ ଥାନାଧିକାରୀ ଭାବେ ରମାକାନ୍ତ ମୁଦୁଲିଙ୍କ ଯୋଗଦାନ

ଚମ୍ପୁଆ, ୧୦/୫ (ନି.ପ୍ର): ଚମ୍ପୁଆ ଥାନା ରେ ନୂତନ ଥାନାଧିକାରୀ ଭାବେ ରମାକାନ୍ତ ମୁଦୁଲି ଯୋଗ ଦେଇଛନ୍ତି । ଚମ୍ପୁଆ ଥାନାଧିକାରୀ ଦେବକୀ ନାଏକ ଙ୍କ କେନ୍ଦୁଝର ସଦର କୁ ବଦଳି ହେବା ପରେ କେନ୍ଦୁଝର ରେ ଥିବା ରମାକାନ୍ତ ମୁଦୁଲି ଙ୍କ ଚମ୍ପୁଆ ବଦଳି ହୋଇଛି । ଆଜି ସେ ଚମ୍ପୁଆ ଥାନାଧିକାରୀ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ଜଣେ ଦକ୍ଷ ଅଧିକାରୀ ଭାବେ କୋରାପୁଟ, ଯାଜପୁର ଓ କେନ୍ଦୁଝର ଜିଲ୍ଲା ରେ କାର ?ୟ କରିଥିବା ଶ୍ରୀ ମୁଦୁଲିଙ୍କୁ ଆଜି ଦାୟିତ୍ୱ ଗ୍ରହଣ କରିବା ପରେ ଥାନା କର୍ମଚାରୀ ଓ ବ୍ୟକ୍ତିବିଶେଷଙ୍କ ପକ୍ଷରୁ ଅଭ୍ୟର୍ଥନା ଦିଆଯାଇଥିଲା । ଆମ ପୁଲିସ୍ ସମିତି ବୈଠକ କୁ ନିୟମିତ କରିବା ସହ ଜନସାଧାରଣ ଓ ପୁଲିସ୍ ମଧ୍ୟରେ ଥିବା ବ୍ୟବଧାନକୁ କମାଇ ଲୋକ ମାନଙ୍କୁ ଉଚିତ୍ ସେବା ପ୍ରଦାନ କରିବାକୁ ପ୍ରାଥମିକତା ଦେବାକୁ ଶ୍ରୀ ମୁଦୁଲି ସୂଚନା ଦେଇଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ବିଦେଶ ସଚିବଙ୍କ...

ଅସ୍ତ୍ରବିରତି ସମ୍ପର୍କରେ ୩ ବାହିନୀକୁ ଉଭୟ ଦେଶ ପକ୍ଷରୁ ଜଣାଇ ଦିଆଯାଇଛି। ଆସନ୍ତା ୧୨ ତାରିଖ ଦିନ ୧୨ଟାରେ ଦୁଇ ଦେଶ ମଧ୍ୟରେ ଡିଜିଏମଓ ସ୍ତରୀୟ ଆଲୋଚନା ହେବ। ଭାରତ ଓ ପାକିସ୍ତାନ ମଧ୍ୟରେ ବିବାଦ ଚରମସୀମାରେ ପହଞ୍ଚିଥିବା ବେଳେ ଆମେରିକା ବୈଦେଶିକ ମନ୍ତ୍ରୀ ମାର୍କୋ ରୁବିଓ ଉଭୟ ଦେଶ ସହ ଯୋଗାଯୋଗ କରିଥିଲେ। ଭାରତର ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କର, ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ ଓ ସେନାଧ୍ୟକ୍ଷ ମୁନିରଙ୍କ ସହ ରୁବିଓ କଥା ହୋଇଥିଲେ। ସେ ଉଭୟ ଦେଶକୁ ଉତ୍ତେଜନା ହ୍ରାସ କରିବାକୁ ଅନୁରୋଧ କରିଥିଲେ। ଏବେ ଟ୍ରମ୍ପ ନିଜେ ଏକ୍ସରେ ଅସ୍ତ୍ରବିରତି ସମ୍ପର୍କରେ ସୂଚନା ଦେଇଛନ୍ତି। ଭାରତ ଦୀର୍ଘ ବର୍ଷ ହେଲାଣି ସୀମା ପାର ଆତଙ୍କବାଦର ଶିକାର ହୋଇ ଆସୁଛି। ନିକଟରେ ଏହାର ଜ୍ୱଳନ୍ତ ଉଦାହରଣ କଶ୍ମୀରର ପହଲଗାମରେ ଦେଖିବାକୁ ମିଳିଥିଲା। ଏଠାରେ ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦୀମାନେ ଭାରତର ୨୬ ଜଣ ନିରୀହ ଲୋକଙ୍କୁ ଗୁଳି କରି ହତ୍ୟା କରିଥିଲେ। ଏହାର ଜବାବରେ ଭାରତୀୟ ସେନା ପାକିସ୍ତାନ ଓ ପାକିସ୍ତାନ ଅଧିକୃତ କଶ୍ମୀରରେ ୯ଟି ଆତଙ୍କୀ ଆଡ୍ଡା ଉପରେ ମିସାଇଲ ମାଡ଼ କରିଥିଲା। ଭାରତୀୟ ସେନା ପକ୍ଷରୁ ପାକିସ୍ତାନର ସାମରିକ ପ୍ରତିଷ୍ଠାନକୁ ଆଦୌ ଟାର୍ଗେଟ କରି ନଥିଲା। ହେଲେ ପାକିସ୍ତାନ ସେନା ଆତଙ୍କୀ ଆଡ୍ଡାରେ ହୋଇଥିବା ଆକ୍ରମଣର ବଦଳା ନେବାକୁ ଭାରତ ଉପରେ ହମଲା କରି ସ୍ଥିତିକୁ ଉତ୍ତେଜନାପୂର୍ଣ୍ଣ କରିଛି। ଏଥିରୁ ପାକିସ୍ତାନ ସେନା ସମର୍ଥନରେ ଆତଙ୍କବାଦୀମାନେ ଭାରତରେ ହମଲା କରୁଥିବା ପ୍ରମାଣିତ ହୋଇଛି। ପାକିସ୍ତାନ ସରକାର ଓ ସେନା ସେମାନଙ୍କୁ ସବୁ ପ୍ରକାରର ସହାୟତା ଯୋଗାଇ ଦେଉଥିବା ସ୍ପଷ୍ଟ ଭାବେ ସାମ୍ନାକୁ ଆସିଛି। ଖାସ ସେଥିପାଇଁ ଭାରତ ଆତଙ୍କୀ ଆଡ୍ଡା ଧ୍ୱଂସ କରିଥିବାରୁ ପାକିସ୍ତାନ ସେନା ପ୍ରତିଶୋଧ ନେବାକୁ ଭାରତକୁ ଟାର୍ଗେଟ କରୁଛି। ଭାରତୀୟ ସେନା ଓ ଗୁଇନ୍ଦା ସଂସ୍ଥା ଜାଣିବାକୁ ପାଇଛି ଯେ ପାକିସ୍ତାନ ଆର୍ମି ବିଶେଷ କରି ପାକିସ୍ତାନ ଗୁଇନ୍ଦା ସଂସ୍ଥା ଆଇଏସଆଇ ସବୁବେଳେ ପିଓକରେ ଆତଙ୍କବାଦୀଙ୍କୁ ସବୁ ପ୍ରକାରର ସହାୟତା କରୁଛି। ସେମାନଙ୍କ ଟ୍ରେନିଂ ଠାରୁ ପାଣ୍ଠି ଯୋଗାଣ ଦାୟିତ୍ୱ ଆଇଏସଆଇ ବୁଝୁଛି। ଭାରତ ଆକ୍ରମଣରୁ ବର୍ତ୍ତିବା ପାଇଁ ଆତଙ୍କବାଦୀମାନେ ପାକିସ୍ତାନ ସେନାର ଭିତ୍ତିଭୂମିକୁ ମଧ୍ୟ ବ୍ୟବହାର କରୁଥିବାର ନଜିର ରହିଛି। କିନ୍ତୁ ଏଣିକି ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦୀ ଯଦି ଭାରତରେ ହମଲା କରିବେ କିମ୍ବା ଭାରତକୁ କ୍ଷତି ପହଞ୍ଚାଇବାକୁ ଚେଷ୍ଟା କରିବେ, ତା'ହେଲେ ଏହାକୁ ଯୁଦ୍ଧ ଭାବେ ବିବେଚନା କରାଯିବ। ଭାରତ ସରକାରଙ୍କ ଏପରି ନିଷ୍ପତ୍ତି ପରେ ଟ୍ରମ୍ପଙ୍କ ଏକ୍ସ ପୋଷ୍ଟ ସାମ୍ନାକୁ ଆସିଛି। ଅର୍ଥାତ ଭାରତ ସରକାର ଭବିଷ୍ୟତରେ ଆତଙ୍କବାଦ କାର୍ଯ୍ୟକଳାପକୁ ବରଦାସ୍ତ କରିବ ନାହିଁ ବୋଲି ସର୍ତ୍ତ ରଖି ଅସ୍ତ୍ରବିରତି ପାଇଁ ରାଜି ହୋଇଥିବା ଚର୍ଚ୍ଚା ହେଉଛି।

### ଭାରତ ସରକାରଙ୍କ...

ଯୁଦ୍ଧ ବୋଲି ମନେ କରାଯିବ । ଏଭଳି ସ୍ଥିତିରେ ପାକିସ୍ତାନ ଦ୍ୱାରା ପ୍ରାୟୋଜିତ ଆତଙ୍କବାଦ ବିରୋଧରେ କଡ଼ା ପଦକ୍ଷେପ ନେବାକୁ ନିଷ୍ପତ୍ତି କରିସାରିଛି ଭାରତ । ଯଦି ପାକିସ୍ତାନ ପାଳୁଥିବା ଆତଙ୍କୀଙ୍କ ତରଫରୁ କୌଣସି ଆକ୍ରମଣ ହୁଏ ତେବେ ଭାରତ ଏହାକୁ ପାକିସ୍ତାନ ସରକାର ଏବଂ ସେନା ପକ୍ଷରୁ ଯୁଦ୍ଧ ବୋଲି ମାନିବ । ପହଲଗାମ୍ ଆତଙ୍କୀ ଆକ୍ରମଣରେ ୨୬ ଜଣ ହିନ୍ଦୁଙ୍କ ନରସଂହାର ଘଟଣା ପରେ ଭାରତ ସରକାର ନିଜ ନୀତିରେ ବଡ଼ ପରିବର୍ତ୍ତନ କରିଛନ୍ତି । ଏହାର ଜବାବରେ ଭାରତୀୟ ସେନା ପାକିସ୍ତାନ ଏବଂ ପିଓକେରେ ଆତଙ୍କୀଙ୍କ ୯ ଠିକଣାକୁ ଉଡ଼ାଇ ଦେଇଥିଲେ । ଯେଉଁଥିରେ ଅନେକ ଆତଙ୍କବାଦୀଙ୍କ ମୁଣ୍ଡ ଗଡ଼ିଥିଲା । ଭାରତର ଏହି ଉତ୍ତରରେ ବିଲିବିଲେଇ ଯାଇଛି ଆତଙ୍କୀସ୍ତାନ ଏବଂ ବାରମ୍ବାର ଭାରତରେ ସେନା ଠିକଣା ଓ ଅନ୍ୟ ଜାଗାରେ ମିସାଇଲ୍ ମାଡ଼ କରିବାକୁ ଚେଷ୍ଟା କରୁଛି । କିନ୍ତୁ ଭାରତର ରକ୍ଷାକବଚ ପାକିସ୍ତାନର ସବୁ ମିସାଇଲକୁ ଫୁସ୍ କରିଦେଉଛି । ଏଲଓସିରେ ବି ପ୍ରବଳ ଗୁଳିବର୍ଷା କରୁଛି ଆତଙ୍କୀସ୍ତାନ ।

### ଭାରତ ବିରୋଧରେ ଫେକ୍ ...

ଫେକ୍ ନ୍ୟୁଜ ନମ୍ବର-୨ । ପାକିସ୍ତାନ କହିଥିଲା ଆଦମପୁରରେ ଏସ-୪୦୦ ଏୟାର ଡିଫେନ୍ସ ସିଷ୍ଟମକୁ ବରବାଦ କରିଛି । ଭାରତ ଏହାକୁ ଖଣ୍ଡନ କରି କହିଛି, ଆଦମପୁର ବେସରେ କ୍ଷତି ବିଲକୁଲ୍ ମିଛ । ପୂରା ସୁରକ୍ଷିତ ଅଛି ଏସ-୪୦୦ ସିଷ୍ଟମ । ଫେକ୍ ନ୍ୟୁଜ୍ ନମ୍ବର-୩ । ପାକିସ୍ତାନ କହିଥିଲା ନଗରୋଟାରେ ବ୍ରହ୍ମୋସ ମିସାଇଲ୍ ସିଷ୍ଟମକୁ କ୍ଷତି ପହଞ୍ଚାଇଛି। ତାହା ବି ମିଛ ପ୍ରମାଣିତ ହୋଇଛି। ପାକିସ୍ତାନ ଓ ପାକ୍ ଅଧିକୃତ କାଶ୍ମୀରରେ ଆତଙ୍କୀ ଆଡ୍ଡାକୁ ଭାରତ ଧ୍ୱଂସ କରିବା ପରେ ରକ୍ତ ଚାଉଳ ଚୋବାଉଛି ପାକିସ୍ତାନ । ଭାରତର ସାମରିକ ପ୍ରତିଷ୍ଠାନ, ଧାର୍ମିକ ସ୍ଥଳ ଓ ବସତିକୁ ଟାର୍ଗେଟ କରି ଛାଡୁଛି ମାଳମାଳ ମିସାଇଲ୍। ଡ୍ରୋନ୍ ଯୋଗେ ହମଲା ଉଦ୍ୟମ କରୁଛି । ଭାରତର ଛବିକୁ ମଳିନ କରିବାକୁ ସୋସିଆଲ୍ ମିଡିଆରେ କରୁଛି ହୀନ ଚକ୍ରାନ୍ତ । ଏମିତି ଅନେକ ମିଛ ଖବର ପ୍ରସାରଣ କରୁଛି । ବାୟୁସେନା ପାଇଲଟ ଶିବାନୀ ସିଂଙ୍କୁ ପାକିସ୍ତାନ ଧରିଥିବାର ମିଛ ଖବର ଭାଇରାଲ୍ କରିଥିଲା । ସେହିପରି ଭଟିଣ୍ଡା ଏୟାରଫିଲ୍ଡକୁ ଉଡ଼ାଇ ଦେଇଥିବା ହେଉ କି ଦିଲ୍ଲୀ ଏୟାରପୋର୍ଟରେ ବିସ୍ଫୋରଣ ଖବର ସବୁ ମିଛ ଆଉ ଗୁଜବ ପାକିସ୍ତାନ ତିଆରି କରୁଛି । ସୋସିଆଲ୍ ମିଡିଆରେ ସେୟାର କରୁଛି ବିସ୍ଫୋରଣର ବହୁ ପୁରୁଣା ଭିଡ଼ିଓ । କାଉଣ୍ଟର ଆଟାକରୁ ବର୍ତ୍ତିବାକୁ ପାକିସ୍ତାନ କିଭଳି ଯାତ୍ରୀବାହୀ ବିମାନକୁ ଢାଲ କରୁଛି ଓ ଆକ୍ରମଣ ବେଳେ ନିଜ ଏୟାରସ୍ପେସକୁ ଖୋଲା ରଖିଥିଲା ଗତକାଲି ତାର ପ୍ରମାଣ ଦେଇଥିଲା ଭାରତ । ବୈଦେଶିକ ସଚିବ ବିକ୍ରମ ମିଶ୍ରି କହିଛନ୍ତି, ପାକିସ୍ତାନର ମିଛ କହିବା ଜନ୍ମଗତ ଅଭ୍ୟାସ ।

### ଭାରତ ଆମ ଉପରେ ...

ତାଲିବାନ ପ୍ରତିରକ୍ଷା ମନ୍ତ୍ରାଳୟର ମୁଖପାତ୍ର ଏନାତୁଲ୍ଲା ଖାୱାରଜାମି କହିଛନ୍ତି ଯେ ଆଫଗାନ ମାଟିରେ ଭାରତର କ୍ଷେପଣାସ୍ତ୍ର ପଡ଼ିବା ନେଇ ପାକିସ୍ତାନ ଯେଉଁ ଅଭିଯୋଗ କରୁଛି ତାହା ସମ୍ପୂର୍ଣ୍ଣ ମିଥ୍ୟା। ସେହିପରି ଆଜି ଏକ ଆଫଗାନିସ୍ତାନ ଗଣମାଧ୍ୟମ ସଂଗଠନ ହୁରିୟତ ରେଡିଓ ଇଂରାଜୀ କହିଛି ଯେ ଆଫଗାନିସ୍ତାନ ପ୍ରତିରକ୍ଷା ମନ୍ତ୍ରଣାଳୟ ପାକିସ୍ତାନର ମିଛର ପର୍ଦ୍ଦାଫାସ କରିଛି। ଏପରି ମିଛ କହି ପାକିସ୍ତାନ ଭାରତ ଓ ଆଫଗାନିସ୍ଥାନ ମଧ୍ୟରେ ଥିବା ସଂପର୍କକୁ ଖରାପ କରିବାକୁ ଚେଷ୍ଟା କରୁଥିବାବେଳେ ତାଲିବାନ ହିଁ ଏହି ମିଛର ପର୍ଦ୍ଦାଫାଶ କରିଛି । ସୂଚନାଯୋଗ୍ୟ ଯେ, ଭାରତ ପରି ଆଫଗାନିସ୍ତାନ ସହ ମଧ୍ୟ ପାକିସ୍ତାନର ସୀମା ବିବାଦ ରହିଛି । ଏହାକୁ ନେଇ ତାଲିବାନ ଓ ପାକିସ୍ତାନ ମଧ୍ୟରେ ମତଭେଦ ବଢିବାରେ ଲାଗିଛି ।

### ରେଡ ଜୋନରେ...

ଏବେ ପୂରା ଓଡ଼ିଶାକୁ ହାଇଆର୍ଲଟରେ ରଖାଯାଇଛି ଓ ବୈଠକରେ ସମସ୍ତ ଏସ୍‌ପି ମାନଙ୍କୁ କିଛି ଗୁପ୍ତ ତଥ୍ୟ ବି ଦିଆଯାଇଛି ଓ ପରିସ୍ଥିତି ଅନୁସାରେ ଆକ୍ସନ ନିଆଯିବ । ଉପକୂଳ ଅଞ୍ଚଳ ଉପରେ ନଜରରେ ରଖାଯାଇଛି ଓ ସୁରକ୍ଷା ବ୍ୟବସ୍ଥାକୁ ଆହୁରି କଡ଼ାକଡ଼ି କରାଯାଇଛି । ବେଆଇନ ଭାବରେ କିମ୍ବା ବିନା ଲାଇସେନ୍ସରେ କେହି ଡ୍ରୋନ୍ ଉଡ଼ାଇ ପାରିବେ ନାହିଁ । ରେଡ୍ ଜୋନ୍‌ରେ ଡ୍ରୋନ୍ ଦେଖାଗଲେ ଡାଉନ୍ କରିଦେବ ପୁଲିସ । ଅର୍ଥାତ ଟିକେ ବି ସନ୍ଦେହ ହେଲେ, ଡ୍ରୋନ୍ ତଳକୁ ଖସାଇବା ବ୍ୟବସ୍ଥା କରାଯିବ ।

### ସମ୍ବଲପୁରରେ ଆଜି ...

ରାଜ୍ୟରେ ଆଜି ପୂର୍ବଦିନଗୁଡ଼ିକର ତୁଳନାରେ ପ୍ରବଳ ଖରା ହୋଇଛି। ସକାଳ ୮ଟା ପରେ ସ୍ଥିତି ଅସମ୍ଭାଳ ହୋଇଛି। ଅପରାହ୍ଣ ୪ଟା ପର୍ଯ୍ୟନ୍ତ ଘରୁ ବାହାରିବା ଅସହଜ ଥିଲା। ରାସ୍ତାଘାଟଗୁଡ଼ିକ ଖାଁଖାଁ ଲାଗୁଥିଲା। ପଶ୍ଚିମଓଡ଼ିଶାର ସହରଗୁଡ଼ିକରେ ଅଧିକ ଖରା ଅନୁଭୂତ ହୋଇଥିଲା। ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି ଯେ, ଚଳିତ ବର୍ଷ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଶୀଘ୍ର ଛୁଇଁ କେରଳ ଛୁଇଁପାରେ। ଏହା ଆସନ୍ତା ୨୭ ତାରିଖରେ କେରଳ ପହଞ୍ଚିପାରେ ବୋଲି ଅନୁମାନ କରାଯାଉଛି। ସାଧାରଣତଃ ମୌସମୀ ବାୟୁ ଜୁନ୍ ୧ ପର୍ଯ୍ୟନ୍ତ କେରଳରେ ପହଞ୍ଚିଥାଏ। କିନ୍ତୁ ଚଳିତ ଥର ମୌସୁମୀ ଶୀଘ୍ର କେରଳ ପହଞ୍ଚିବ ବୋଲି ଅନୁମାନ ହୋଇଛି। ଯଦି ମୌସୁମୀ ୨୭ ମେ' ସୁଦ୍ଧା କେରଳରେ ପହଞ୍ଚିଯାଏ, ତେବେ ଏହା ୨୦୦୯ ପରଠାରୁ ପ୍ରଥମ ଥର ହେବ। କାରଣ ୨୦୦୯ରେ ମୌସୁମୀ କେରଳରେ ୨୩ ମେ'ରେ ପହଞ୍ଚିଥିଲା। ସାଧାରଣତଃ ଦକ୍ଷିଣ-ପଶ୍ଚିମ ମୌସୁମୀ ଜୁନ୍ ୧ରେ କେରଳରେ ପହଞ୍ଚିବା ପରେ ଜୁଲାଇ ୮ ପର୍ଯ୍ୟନ୍ତ ସାରା ଭାରତରେ ବର୍ଷା ହୋଇଯାଇଥାଏ। ୧୭ ସେପ୍ଟେମ୍ବରରେ ମୌସୁମୀ ଭାରତର ଉତ୍ତର ପଶ୍ଚିମ ଅଞ୍ଚଳରୁ ହଟି ଯାଇଥାଏ। ଅକ୍ଟୋବର ୧୫ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଭାବେ ଭାରତର ଉତ୍ତର ପଶ୍ଚିମ ଅଞ୍ଚଳରୁ ଫେରିଯାଇଥାଏ।

### ମିଳୁଛି ପାକିସ୍ତାନ ଛାଡ଼ିଥିବା ....

ପାକିସ୍ତାନର ରାୱଲପିଣ୍ଡି ଓ ଲାହୋର ପରି ସହର, କରାଚୀ ବନ୍ଦର ଭଳି ସ୍ଥାନରେ ଭାରତ ଘନଘନ ଆକ୍ରମଣ ଜାରି ରଖିଛି। ଦୁଃଖର କଥା ହେଉଛି ଗତକାଲି ପାକିସ୍ତାନର ଡ୍ରୋନ୍ ଆକ୍ରମଣରେ ଗୋଟିଏ ପରିବାର ୨ ଜଣ ମୃତ ଓ ୩ ଆହତ ହୋଇଛନ୍ତି। ସଂଧ୍ୟାପରେ ପଠାନ୍‌କୋଟ, ଅମୃତସର, ଜମ୍ମୁ ଆଦି ଅଞ୍ଚଳରେ ପୂରା ବ୍ଲାକ୍‌ଆଉଟ୍ କରିଦିଆଯାଉଛି। ଏଥିପାଇଁ ବିଦ୍ୟୁତ୍ ସଂଯୋଗକୁ ବିଚ୍ଛିନ୍ନ କରିଦିଆଯାଉଛି। ଜେନେରେଟର ଓ ଇନ୍‌ଭର୍ଟର ଆଦି ଚଳାଇବାକୁ ବାରଣ କରିଛି ପ୍ରଶାସନ। ଯେଉଁଭଳି ଭାବେ ମକ୍‌ଡ୍ରିଲ୍ ଓ ବ୍ଲାକ୍‌ଆଉଟ୍ ଆଦି ହେଉଛି, ତାହା ୧୯୭୧ ମସିହା ଯୁଦ୍ଧପରେ ପ୍ରଥମ। ଏଥିପାଇଁ ସୁରକ୍ଷା ବ୍ୟବସ୍ଥାକୁ ପୂରା କଡ଼ା କରାଯାଇଛି। ପାକିସ୍ତାନକୁ ମୁହଁତୋଡ ଜବାବ ଦେବାକୁ ସମସ୍ତେ ପ୍ରସ୍ତୁତ ହୋଇ ରହିଛନ୍ତି।

### ବଢ଼ିଲା ସତର୍କତା: ପାକ୍ ...

ଅଞ୍ଚଳ, ଯେପରିକି ଅମୃତସର, ଜମ୍ମୁ ଏବଂ ଫିରୋଜପୁରରେ ପହଞ୍ଚୁ ଥିଲା ସେଗୁଡ଼ିକ ସକାଳେ ଗନ୍ତବ୍ୟସ୍ଥଳରେ ପହଞ୍ଚିବ। ଏହି ନିଷ୍ପତ୍ତି ଯୋଗୁ ୧୫ରୁ ଅଧିକ ଟ୍ରେନ ପ୍ରଭାବିତ ହେବ। ତଥାପି, ଯାତ୍ରୀମାନଙ୍କୁ ଆଣିବା ପାଇଁ, ରେଳ ବିଭାଗ ଦିନରେ ସ୍ୱତନ୍ତ୍ର ଟ୍ରେନ ଚଳାଇବାକୁ ନିଷ୍ପତ୍ତି ନେଇଛି। ଏପରିକି ଦିନରେ ଚାଲୁଥିବା ସମସ୍ତ ଟ୍ରେନ ଯଥାରୀତି ଚାଲିବ। ପହଲଗାମ ଆକ୍ରମଣ ପରେ ଭାରତ-ପାକିସ୍ତାନ ମଧ୍ୟରେ ଉତ୍ତେଜନା ଲଗାତାର ବୃଦ୍ଧି ପାଇବାରେ ଲାଗିଛି। ଏପରି ପରିସ୍ଥିତିରେ ଭାରତ ପାକିସ୍ତାନ ଉପରେ କଠୋର କଟକଣା ଲଗାଇଥିଲା। ହେଲେ ପାକିସ୍ତାନ ତାର କାର୍ଯ୍ୟକଳାପରୁ ନିବୃତ୍ତ ହେଉନାହିଁ ଏବଂ ବାରମ୍ବାର ସୀମା ଉଲ୍ଲଂଘନ କରୁଛି। ଏହା ଉପରେ ଭାରତୀୟ ସେନା ପାକିସ୍ତାନକୁ ଉଚିତ ଜବାବ ଦେଉଛି। ଏହି ସମୟରେ, ସୀମାରେ ସତର୍କତା ବୃଦ୍ଧି କରାଯାଇଛି। ଏହାକୁ ଦୃଷ୍ଟିରେ ରଖି, ଭାରତୀୟ ରେଳ ବିଭାଗ ସୀମାନ୍ତ ଅଞ୍ଚଳକୁ ଯାଉଥିବା ଟ୍ରେନଗୁଡ଼ିକ ପାଇଁ କଟକଣା ଜାରି କରିଛି।

ରବିବାର, ମଇ ୧୧, ୨୦୨୫

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ: ୨୦ ୟୁନିଟ ରକ୍ତ ସଂଗ୍ରହ

ବାରିପଦା , ୧୦/୫ (ନି.ପ୍ର): ସ୍ଥାନୀୟ ଓଡିଶା ରକ୍ତ କେନ୍ଦ୍ର, ବାରିପଦା ପରିସରରେ ଓଡିଶା ରକ୍ତଦାତା ମହାସଂଘ, ବାରିପଦା ଶାଖା ଆନୁକୂଲ୍ୟରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି ଓ ଏହି ଶିବିରକୁ ବରିଷ୍ଠ ସଦସ୍ୟ ସର୍ଦ୍ଦାର ହରିଚରଣ ସିଂହ ଓ ରକ୍ତ ଭଣ୍ଡାର ଅଧିକାରୀ ଡଃ ସୌମ୍ୟ ରଞ୍ଜନ ନାୟକ ଉଦଘାଟନ କରିଥିଲେ ଓ ଏହି ଶିବିରରେ ୨ ଜଣ ମହିଳା ସମେତ ମୋଟ ୨୦ ଜଣ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ ଓ ରକ୍ତଭଣ୍ଡାରର ରୁଚିକା ଖୁରାନା, ଶକୁନ୍ତଳା ମହାନ୍ତ, କରୁଣାକର ଜେନା ଓ ପ୍ରଭାସିନୀ ସାହୁ ରକ୍ତ ସଂଗ୍ରହ କରିଥିଲେ ଓ ସଂସ୍ଥା ତରଫରୁ ସୀତା ମାର୍ଣ୍ଡି, ପଦ୍ମିନୀ ଦାସ, ବସନ୍ତ କୁମାର ହାଁସଦା, ଦିପୁନ ବିନ୍ଧାଣି, ପ୍ରଦୀପ କୁମାର ଭଞ୍ଜଦେଓ ରକ୍ତଦାନ କରିଥିବା ବେଳେ ଡଃ ନିରୋଜ କୁମାର ପୋଥାଳ, ବିଦ୍ୟାଧର ସାହୁ, ବସନ୍ତ ମହାପାତ୍ର, ଅରବିନ୍ଦ ମୁଖି, ଲୋକନାଥ ମହାନ୍ତ, ଇନ୍ଦ୍ରଜିତ ମହାନ୍ତ, ଅନିଲ କୁମାର ନାୟକ, ପ୍ରତାପେଶ୍ୱର ଦାଶ, ସନତ କୁମାର ଦାସ, ତାପସ ସିଂ, ରଂଜିତା ଦଳେଇ ଓ ନମିତା ନାୟକ ଶିବିର ପରିଚାଳନାରେ ସହାୟତା ପ୍ରଦାନ କରିଥିଲେ ଓ ଅତ୍ୟଧିକ ଗରମକୁ ଖାତିର ନକରି ଅନ୍ୟର ଜୀବନ ବଞ୍ଚାଇବା ପାଇଁ ରକ୍ତଦାନ କରିଥିବା ରକ୍ତଦାତାଙ୍କୁ ରକ୍ତଭଣ୍ଡାର ଓ ସଂସ୍ଥା ତରଫରୁ ମାନପତ୍ର ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା ।




# ମିକ୍ସଚର ଅପରେଟରଙ୍କ ଅବହେଳା ପାଇଁ ଚାଲିଗଲା ଶ୍ରମିକଙ୍କ ଜୀବନ

ନୀଳଗିରି , ୧୦/୫ (ନି.ପ୍ର): ମିକ୍ସଚର ମେସିନ ଅପରେଟରଙ୍କ ବେପରୁଆ ଗାଡ଼ି ଚାଳନାପାଇଁ ଚାଲିଗଲା ଜଣେ ଶ୍ରମିକଙ୍କ ଜୀବନ। ଏଭଳି ଅଘଟଣ ଦେଖିବାକୁ ମିଳିଛି ନୀଳଗିରି ରାଇଗାଁ ଅଞ୍ଚଳରେ। ହଦଗଡ଼ ସାଳନ୍ଦୀ କେନାଲର ବାମପର୍ଶ୍ୱ କାମ ଚାଲିଥିବା ବେଳେ ଝାଡ଼ଖଣ୍ଡ ଅଞ୍ଚଳର ମିକ୍ସଚର ମେସିନ ହେଲପର ଭାବେ କାର୍ଯ୍ୟରତ ନୟନ କିସ୍କୁ (୨୯) ମେସିନ ଓଲଟି ପଡ଼ିବା ଫଳରେ ମୃତ୍ୟୁବରଣ କରିଛନ୍ତି। ସୂଚନା ଅନୁଯାୟୀ ଝାଡ଼ଖଣ୍ଡ ରାଜ୍ୟ ପୂର୍ବ ସିଂଭୂମ ଜିଲ୍ଲା ଚାକୁଲିଆ ଥାନା ମାଟିଆବନ୍ଧ ଗ୍ରାମର ସ୍ୱର୍ଗତ ଖୁଦିରାମ କିସ୍କୁଙ୍କ ପୁଅ ନୟନ କିସ୍କୁ ଲର୍ଡ୍ସ ଇମ୍ପାକନ ପ୍ରାଃ ଲିମିଟେଡରେ ମିକ୍ସଚର ମେସିନ ହେଲପର ଭାବରେ କାର୍ଯ୍ୟକରୁଥିଲେ। ଶନିବାର ଅପରାହ୍ନ ପ୍ରାୟ ୫ଟା ସମୟରେ ଜେଏଚ- ୦୫ଡିଏସ -୩୫୩୩ ନଂ ମିକ୍ସଚର ମେସିନର ଡ୍ରାଇଭର ମାଲ ଲୋଡକରି ଯାଉଥିବା ସମୟରେ ହଠାତ୍ ମେସିନଟି ଓଲଟିପଡ଼ିବା ଫଳରେ ହେଲ୍ପର ନୟନ ମେସିନ ତଳେ ଚାପି ହୋଇଯାଇଥିଲେ। ଗୁରୁତର ଅବସ୍ଥାରେ ନୟନଙ୍କୁ କମ୍ପାନୀ କର୍ତ୍ତୃପକ୍ଷ ଏବଂ ଉପସ୍ଥିତ ଶ୍ରମିକମାନେ ତାଙ୍କୁ ତୁରନ୍ତ ନୀଳଗିରି ମେଡିକାଲ ଆଣିଥିଲେ। ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି।ଏନେଇ ନୟନଙ୍କ ସାନଭାଇ ଶଙ୍କର କିସ୍କୁ ନୀଳଗିରି ଥାନାରେ ଲିଖିତ ଅଭିଯୋଗ କରି ଡ୍ରାଇଭରଙ୍କ ବେପରୁଆ ଗାଡି ଚାଳନା ପାଇଁ ତାଙ୍କ ଭାଇଙ୍କର ଜୀବନ ଯାଇଥିବା ଅଭିଯୋଗ କରିଛନ୍ତି। ତୁରନ୍ତ କମ୍ପାନୀ କର୍ତ୍ତୃପକ୍ଷ ନୟନଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ଦାବୀ ହୋଇଛି।



## ଡିଜି କ୍ୟାମ୍ପ ଅଫିସରେ ଉଚ୍ଚସ୍ତରୀୟ ବୈଠକ

ଭୁବନେଶ୍ୱର, ୧୦/୫ (ନି.ପ୍ର): ଡିଜି କ୍ୟାମ୍ପ ଅଫିସରେ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । କୋଷ୍ଟାଲ ସିକ୍ୟୁରିଟିକୁ ନେଇ ଡିଜିଙ୍କ ନେତୃତ୍ୱରେ ବସିଛି ବୈଠକ । କୋଷ୍ଟାଲ ସିକ୍ୟୁରିଟି ଏଡିଜି ଅରୁଣ ବୋଥ୍ରା, ଆଇନ ଶୃଙ୍ଖଳା ଏଡିଜି ସଞ୍ଜୟ କୁମାର, କେନ୍ଦ୍ରାଂଚଳ ଆଇଜି ପ୍ରବୀଣ କୁମାର, ଟ୍ୱିନସିଟି ପୋଲିସ କମିସନର ଏସ ଦେବଦତ୍ତ ସିଂ ଉପସ୍ଥିତ ଅଛନ୍ତି । ବିଶେଷ କରି ତଟବର୍ତ୍ତୀ ଅଂଚଳରେ ରହୁଥିବା ଲୋକମାନଙ୍କୁ ସୁରକ୍ଷା ଯୋଗାଇ ଦେବା ବାବଦରେ ଚାଲିଛି ଆଲୋଚନା । ତଟ ସୁରକ୍ଷା ପାଇଁ ସିକ୍ୟୁରିଟି ସିଷ୍ଟମକୁ କଡାକଡି କରାଯାଇଛି । କୋଷ୍ଟ ଗାର୍ଡଙ୍କ ସଂଖ୍ୟା ବୃଦ୍ଧି କରାଯାଇଛି ।

# ମୁଁ ଓଡ଼ିଆ ମଞ୍ଚର ପ୍ରସ୍ତୁତି ବୈଠକ

ବାଲେଶ୍ୱର , ୧୦/୫ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ମାଣିଖୟରେ ଝରଣା ମଲ୍ଲିକ ଙ୍କ ସଭାପତିତ୍ୱରେ ମୁଁ ଓଡ଼ିଆ ମଞ୍ଚର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଓଡ଼ିଶାର ମୁଖ୍ୟ ଓ ମୁଁ ଓଡ଼ିଆ ର ମୁଖ୍ୟ ସଭାପତି ପଣ୍ଡିତ ଦୈତାରୀ ମହାପାତ୍ର, ସମ୍ମାନୀୟ ଅତିଥି ଭାବେ ଭଦ୍ରକ ର ମୁଁ ଓଡ଼ିଆ ସଭାପତି ବିଭୂତି ଭୂଷଣ ସେନାପତି , ସମ୍ମାନୀୟ ଅତିଥି ଭାବେ କବି ପ୍ରବଚକ , ଶିକ୍ଷକ ଶାନ୍ତି ସ୍ୱରୂପ ମିଶ୍ର , ଶ୍ରଦ୍ଧାଞ୍ଜଳି ରାୟ, କାଉନସିଲର ପଦ୍ମ ଲୋଚନ ଲେଙ୍କା ଫକିର ମୋହନ ସାହିତ୍ୟ ସଂସଦର ପୂର୍ବତନ ସଭାପତି ଶିଶିର କୁମାର ଜେନା , ପ୍ରଜାତନ୍ତ୍ର ସାମ୍ବାଦିକ ମନୋରଞ୍ଜନ ବାରିକ ପ୍ରମୁଖ ମଞ୍ଚରେ ଉପସ୍ଥିତ ଥିଲେ। କବି ମଧୁସୁଦନ ମିଶ୍ର ମଞ୍ଚ ପରିଚାଳନା କରିଥିଲେ । ଅତିଥି ମାନଙ୍କୁ ଅଳିଭା ପୁଥାଳ ଫୁଲତୋଡ଼ା ଉତ୍ତାରି ଦେଇଥିଲେ । ମୁଁ ଓଡ଼ିଆର ସଭାପତି ଦୈତାରୀ ମହାପାତ୍ର କହିଥିଲେ , ଓଡ଼ିଆ ସଂସ୍କୃତି ଅତି ପ୍ରାଚୀନ ଏହାର ମହାନତା ଯୁଗେ ଯୁଗେ ରହି ଆସିଚି । ତେଣୁ ଆମେ ସମସ୍ତେ ଓଡ଼ିଆ ବୋଲି ଗର୍ବ କରିବା ଉଚିତ୍ ।ଓଡ଼ିଶାର ଏହାର ପ୍ରଭାବ କିପରି ଘରେ ଘରେ ପହଞ୍ଚିବ ଓ ଓଡ଼ିଆ ସଂସ୍କୃତି ବଞ୍ଚାଇ ରଖିବା ଆମେ ସମସ୍ତେ ଚେଷ୍ଟା କରିବା ଉଚିତ। ଆମେ ସମସ୍ତେ ନିଜକୁ ଓଡ଼ିଆ ବୋଲି ପରିଚୟ ଦେବା , ଓଡ଼ିଆ ଲେଖିବା କହିବା । ତେଣୁ ମୁଁ ଓଡ଼ିଆ ମଞ୍ଚର ପ୍ରସ୍ତୁତି ବୈଠକ କିପରି ପ୍ରଚାର ପ୍ରସାର ବହୁଳ ଭାବରେ ବାଲେଶ୍ୱର ଜିଲ୍ଲାର ହେବ ଏବଂ କେଉଁ କେଉଁ ଜାଗାରେ ବଡ ସମାବେଶ ହେବ ସ୍ଥିର କରିବା ଉଚିତ୍ । ବାଲେଶ୍ୱର ଜିଲ୍ଲା ଫକୀର ମୋହନ ମାଟି ତେଣୁ ବାଲେଶ୍ୱର ମୁଁ ଓଡ଼ିଆ ମଞ୍ଚ ସର ଓଡ଼ିଶା କୁ ନୂଆ ଦିଗ ଦେଖାଇବ ବୋଲି କହିଥିଲେ । ସମସ୍ତ ଅତିଥି ମାନେ ମୁଁ ଓଡ଼ିଆ ଉତ୍ତରା ଉତ୍ତର ଉନ୍ନତି କାମନା କରିଥିଲେ । ଶେଷ ରେ ମଣ୍ଟୁ ଭାଇ ମୁଁ ଓଡ଼ିଆ ମଞ୍ଚର ସମସ୍ତ ଙ୍କୁ ଧନ୍ୟବାଦ୍ ଦେଇଥିଲେ ଏହାକୁ ଶାନ୍ତନୁ କୁମାର ପଟ୍ଟନାୟକ , ରଞ୍ଜିତ କୁମାର ବେହେରା , ଅଶୋକ ଦାସ , ଶ୍ରଦ୍ଧାଞ୍ଜଳି ମିଶ୍ର , ଦିପାଳି ନାୟକ , ତୃପ୍ତି ରାଣୀ ପାତ୍ର , ପ୍ରତିମା ପଣ୍ଡା , ମୋନାଲିସା ପ୍ରଧାନ , ପୂର୍ଣ୍ଣ ଚନ୍ଦ୍ର ବେହେରା, ଦିଲ୍ଲୀପ କୁମାର ବେହେରା , ଦେବାଶିଷ ସିଂହ, ନିରୋଦ କୁମାର ସାହୁ , ରଣଜିତ କୁମାର ବେହେରା , ସୁବାସ ସ୍ୱାଇଁ , କଳ୍ପନା ପୃଥାଳ , ଅରୂପା ନନ୍ଦ ଦାସ ଗୋସ୍ୱାମୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।



# ସିଦ୍ଧେଶ୍ୱର ବୁଢା ମହାଦେବଙ୍କଠାରେ ୧୪୦ ବାଜା ସମାହାରରେ ସମ୍ପନ୍ନ ହେଲା ଶିବ-କାମିନୀ ବିବାହ

ଜଳେଶ୍ୱର, ୧୦/୫ (ନି.ପ୍ର): ଜଳେଶ୍ୱର ମ୍ୟୁନିସିପାଲିଟି ଅଧିନସ୍ଥ ଶାସନବାଡ ଓ ପଞ୍ଚୁଘଣ୍ଟା ଗ୍ରାମବାସୀଙ୍କ ଆରାଧ ଦେବତା ବାବା ସିଦ୍ଧେଶ୍ୱର ବୁଢା ମହାଦେବଙ୍କ ଚଡ଼କ ଯାତ୍ରା ଅବସରରେ ଘଟୋତ୍ତୋଳନ କାର୍ଯ୍ୟକ୍ରମ ଗତ ୬ ତାରିଖ ମଙ୍ଗଳବାର ନିଶାର୍ଦ୍ଧରେ ଅନୁଷ୍ଠିତ ହୋଇ ଯାଇଛି।ଏହି ଅବସରରେ ୧୪୦ ବାଜାର ସମାହାରରେ ଗୋପନୀୟ ଭାବେ ଶିବ-କାମିନାଙ୍କ ବିବାହ ମଧ ସମ୍ପନ୍ନ ହୋଇଛି । ନିଶାର୍ଦ୍ଧ ରାତିରେ ସୁବର୍ଣ୍ଣରେଖା ନଦୀର ହାକାଣ୍ଡ ଘାଟରୁ କାମିନୀ ଦେବୀଙ୍କ ଘଟ ଉତ୍ତୋଳନ କରାଯାଇଥିଲା।ମୁଖ୍ୟ ପୂଜକ ସରୋଜ କୁମାର ପାଣିଗ୍ରାହୀଙ୍କ ତତ୍ୱାବଧାନରେ ଓ ପଣ୍ଡିତ ଶ୍ୟାମା ଶଙ୍କର ଧର, ସତ୍ୟବ୍ରତ ପାହାଡି ସହଯୋଗରେ ଏହି ଘଟକୁ ପୂଜାର୍ଚ୍ଚନା କରାଯାଇଥିଲା। ପୂଜା ସରିବା ପରେ କାମିନୀଙ୍କ ଘଟକୁ ଏକ ବିରାଟ ପଟୁଆରରେ ଚିତ୍ତାକର୍ଷକ ଆତସବାଜି, ସୁସଜ୍ଜିତ ଆଲୋକମାଳା, ମଶାଲ ଶୋଭାଯାତ୍ରାରେ ସିଦ୍ଧେଶ୍ୱର ମହାଦେବଙ୍କ ମନ୍ଦିର ଯାଏଁ ଅଣାଯାଇଥିଲା। ତେବେ ଶୋଭାଯାତ୍ରା ଆସୁଥିବା ରାସ୍ତାରେ ପ୍ରତି ଛକ ମାନଙ୍କରେ ନିମା ଭଙ୍ଗା ଯାଇଥିବା ବେଳେ ଏହା ଶ୍ରଦ୍ଧାଳୁଙ୍କ ମୁଖ୍ୟ ଆକର୍ଷଣର କେନ୍ଦ୍ରବିନ୍ଦୁ ଥିଲା। ଭୋର ୫ ଟା ସମୟରେ ମନ୍ଦିରରେ ଶୋଭାଯାତ୍ରା ପହଞ୍ଚିବା ପରେ ଘଟୋକୁ ସେଠାରେ ବନ୍ଦାପନା କରାଯାଇ ମନ୍ଦିର ଭିତରକୁ ପାଛୋଟି ନିଆଯାଇଥିଲା। ଆଉ ରୀତିନୀତି ଅନୁଯାୟୀ ଶିବ ଓ କାମିନାଙ୍କ ବିବାହ ସମ୍ପନ୍ନ ହୋଇଥିଲା। ଶୋଭାଯାତ୍ରା ଓ ବିବାହ କାର୍ଯ୍ୟରେ ସିଦ୍ଧେଶ୍ୱର ମହାଦେବ ମନ୍ଦିର ସମସ୍ତ ଉପବୀତଧାରୀ ଭକ୍ତାଙ୍କ ସହ ଆଖପାଖ ୫ ଟି ଶିବ ମନ୍ଦିରର ଉପବୀତଧାରୀ ଭକ୍ତା ତଥା ୧୦ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ସାମିଲ ଥିଲେ। ଏହି କାର୍ଯ୍ୟକ୍ରମକୁ ଚଡକ ମେଳା କମିଟିର ସଭାପତି ଦୁର୍ଜୟ କୁମାର ପାଣିଗ୍ରାହୀ, ଉପସଭାପତି ଚିତ୍ତରଞ୍ଜନ ମହାନ୍ତି,ସମ୍ପାଦକ ଗୋରୀ ଶଙ୍କର ମହାନ୍ତି,ସହ ସମ୍ପାଦକ ସଂଜୟ ବେରା, କୋଷାଧକ୍ଷ ହରିହର ମହାପାତ୍ର, ସଦସ୍ୟ ସର୍ବଶ୍ରୀ ଅଶ୍ୱିନୀ କର, ଅରୁଣ ପ୍ରଧାନ, ଦେବ ଦୁଲାଲ କୋୟାଲ, ସଙ୍ଗ୍ରାମ ପଟ୍ଟନାୟକ, ଅଶୋକ ପ୍ରଧାନ, ଉମାକାନ୍ତ ଜେନା, ବଲ୍ଲଭ ଘୋଷ,ଅଜିତ ରାୟ, ହରିଶଙ୍କର ପଣ୍ଡା,ରାଜୁ ପାଣିଗ୍ରାହୀ, ମନମୋହନ ମହାନ୍ତି, ମଦନ ମହାନ୍ତି, ଜହର ଲାଲ ଦାସ, ଗୋବିନ୍ଦ ଦାସ, ଅଜୟ ସାହୁ, ଅଶ୍ୱିନୀ ବେହେରା ପ୍ରମୁଖ ପରିଚାଳନା କରିଥିଲେ।



## ଖରା ଛୁଟିରେ ପାଠପଢା: ଘରୋଇ ସ୍କୁଲକୁ ନୋଟିସ୍

ଗଞ୍ଜାମ, ୧୦/୫ (ନି.ପ୍ର): ରାଜ୍ୟ ସରକାରଙ୍କର ନିର୍ଦ୍ଦେଶନାମାକୁ ଖୋଲାଖୋଲି ଉଲଂଘନ କରିଛନ୍ତି ବ୍ରହ୍ମପୁର ସହରରେ ଥିା ଏକାଧିକ ଘରୋଇ ସ୍କୁଲ। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ସମୟରେ ଛାତ୍ରଛାତ୍ରୀଙ୍କୁ ଡାକି ପାଠ ପଢ଼ାଯାଉଛି । ଯେଉଁ ଛାତ୍ରଛାତ୍ରୀମାନେ ଅଭିଯୋଗ କରୁଛନ୍ତି, ସେମାନଙ୍କୁ ଦଣ୍ଡ ଦିଆଯାଉ ଥିବା ଅଭିଯୋଗ ହେଉଛି । ଏନେଇ ବାରମ୍ବାର ଅଭିଯୋଗ ପରେ ଶିକ୍ଷା ବିଭାଗ ଓ ସ୍ଥାନୀୟ ପ୍ରଶାସନର ମିଳିତ ଟିମ୍ ବିଭିନ୍ନ ବିଦ୍ୟାଳୟକୁ ବୁଲି ଯାଂଚ୍ କରିଛନ୍ତି ।

# ନୀଳମଣି କଲେଜରେ ବିଶ୍ୱ ରେଡକ୍ରସ ଦିବସ ପାଳିତ

ବସ୍ତା, ୧୦/୫ (ନି.ପ୍ର): ସଦର ବ୍ଲକ ଅନ୍ତର୍ଗତ ରୂପସାସ୍ଥିତ ନୀଳମଣି ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ବିଶ୍ୱ ରେଡକ୍ରସର ପ୍ରତିଷ୍ଠାତା ଜନ ହେନରୀ ଡୁନାଣ୍ଟଙ୍କ ଜୟନ୍ତୀ ପାଳନ ଅବସରରେ ବିଶ୍ୱ ରେଡକ୍ରସ ଦିବସ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ତପନ କୁମାର ବେହେରା ଅଧ୍ୟକ୍ଷତା କରିବା ସହ ଯୁବ ରେଡକ୍ରସର ସୃଷ୍ଟି କ୍ଷେତ୍ରରେ ହେନେରୀ ଡୁନାଣ୍ଟଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ । ଯୁବ ରେଡକ୍ରସ କାଉନସେଲର ଅଧ୍ୟାପକ ସୁଧାଂଶୁ ଶେଖର ଜେନା ଓ ଅଧ୍ୟାପକ ହରେନ୍ଦ୍ର ଗାଣ ବିଷୟ ବିଶେଷଜ୍ଞ ଭାବେ ଯୋଗଦେଇ ସମାଜ ସେବା କ୍ଷେତ୍ରରେ ଯୁବ ରେଡକ୍ରସର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ । ବୀଣାପାଣି ଗିରି, ସେବତୀ ବର, ସୋହମ୍ ସାହୁ, ରେଶମା ଖାତୁନ ଓ ତାପସ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଛାତ୍ରୀ ଛାତ୍ର ଯୋଗ ଦେଇଥିଲେ । ବୀଣାପାଣି ଗିରି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।




# ଭଦ୍ରକରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

ଭଦ୍ରକ, ୧୦/୫ (ନି.ପ୍ର): ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଜାତୀୟ ଆଇନ ସେବା ପ୍ରାଧିକାରଣ ଏବଂ ଓଡିଶା ରାଜ୍ୟ ଆଇନ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶ କ୍ରମେ ଭଦ୍ରକ ଜ୍ଲିଲ୍ଲାକୋର୍ଟ, ନଳାଙ୍ଗ ପରିସର ରେ ଅନୁଷ୍ଠିତ ହୋଇ ଯାଇଛି । ଆଇନ ସେବା ପ୍ରାଧିକରଣର ଅଧକ୍ଷ ସଂଗ୍ରାମ କେଶରୀ ପଟ୍ଟନାୟକ ଏଥିରେ ଅଧକ୍ଷତା କରିଥିବା ବେଳେ ଜ୍ଲିଲ୍ଲା ଆଇନ ସେବା ପ୍ରାଧିକାରଣର ଭାରପ୍ରାପ୍ତ ସଚିବ ଶ୍ରୀମତୀ ଅରୋଲିପି ପରିଜା ଏହି ଲୋକ ଅଦାଲତକୁ ପରିଚାଳନା କରିଥିଲେ । ମୋଟ ୨୧୫୪୭୪୩୩ ଟଙ୍କାରେ ୧୧୦୬ ଟି ମୋକଦ୍ଦମାର ଆପୋଷ ସମଧାନ ହୋଇ ଥିଲା । ସେଗୁଡିକ ମଧରେ ବିଭିନ୍ନ ମୋଟର ଯାନ ଦୁର୍ଘଟଣା ଦାବି, ଟ୍ରିବୁନାଲର ବିଚାରାଧୀନ ଥିବା ୧୭ ଟି ମାମଲାର ୧୨୮୨୫୦୦୦ ଟଙ୍କାରେ, ୨୩ଟି ଚେକ ବାଉନ୍ସ, ପୁନଃରୁଦ୍ଧାର ମାମଲା ୩୫୫୬୮୬୪ ଟଙ୍କାରେ, ୧୮ଟି ବୈବାହିକ ବିବାଦ, ୭୦୫ଟି ରାଜସ୍ୱ ମୋକଦ୍ଦମା ୧୩୪୫୬୮ ଟଙ୍କାରେ, ୪୮ଟି ଅନ୍ୟାନ୍ୟ ଦେୱାନୀ ମାମଲା, ପ୍ରାକ ମୋକଦ୍ଦମା ମଧରେ ବିଭିନ୍ନ ବ୍ୟାଙ୍କ ର ୩୪୬୭ଟି ବ୍ୟାଙ୍କ ଋଣ ମାମଲା, ୧୫୩୭୧୯୦ଟଙ୍କାରେ ଭାରତ ସଂଚାର ନିଗମ ଲିମିଟେଡ଼ର ଟେଲିଫୋନ ବିଲ ସମ୍ବନ୍ଧୟ ୧୪ ଟି ମାମଲା ୩୨୯୭୮ ଏବଂ ଟି ପି ଏନ ଓ ଡି ଏଲ (ବିଦ୍ୟୁତ) ୩୦ ଟି ମାମଲାରେ ୩୬୪୮୧୩ ଟଙ୍କାରେ ଆପୋଷ ବୁଝାମଣା ମାଧମରେ ସମାଧାନ କରାଯାଇ ଅଛି ।




# ହିମାଚଳ ପ୍ରଦେଶର ଉନାରେ ମିଳିଛି ମିସାଇଲ ଖଣ୍ଡ: ସମଗ୍ର ଜିଲ୍ଲାରେ ହାଇଆର୍ଲଟ

ଶିମଳା , ୧୦/୫ : ହିମାଚଳ ପ୍ରଦେଶର ଉନା ଜିଲ୍ଲାର ଚିନ୍ତାପୁର୍ଣ୍ଣି ଉପବିଭାଗ ଅନ୍ତର୍ଗତ ବେହଡ ଭଟେଡ ଗ୍ରାମୀଣ ଅଂଚଳର କ୍ଷେତ ନିକଟରେ ଏକ ଖାଲି ସ୍ଥାନରେ ଶନିବାର ସକାଳେ ଗାଁ ଲୋକେ ଏକ କ୍ଷେପଣାସ୍ତ୍ର ଖଣ୍ଡ ସଦୃଶ ସନ୍ଦେହଜନକ ଭଗ୍ନାବଶେଷ ଦେଖିଥିଲେ।ଏହି ଖଣ୍ଡଟି ପଡିଥିବା ପିରଥୀପୁର -ଜୋଡବଡ ସଂଯୋଗୀକରଣ ରାସ୍ତାରେ ମଝିରେ ଥିବା ଖାଲି ସ୍ଥାନରେ ପଡିଥିବା ଦେଖିବାକୁ ମିଳିଥିଲା।ଏହି ଭୟ କରି ଏହି ଖଣ୍ଡଟି କୌଣସି କ୍ଷେପଣାସ୍ତ୍ରର ଅଂଶ ହୋଇପାରେ ବୋଲି ଗାଁ ଲୋକେ ତୁରନ୍ତ ସ୍ଥାନୀୟ ଚିନ୍ତପୁର୍ଣ୍ଣୀ ପୋଲିସକୁ ଖବର ଦେଇଥିଲେ।

# ହାଇଡ୍ରା ଧକ୍କାରେ ଯୁବକ ଗୁରୁତର

ବସ୍ତା, ୧୦/୫ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବସ୍ତା ରେଳ ଷ୍ଟେସନ ସମ୍ମୁଖରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା, ଜଣେ ଗୁରୁତର। ସୂଚନା ଅନୁସାରେ ଆଜି ଦିନ ଦଶଟା ତିରିଶ ମିନିଟ ସମୟ ବସ୍ତା ବଜାର ରେଳ ଷ୍ଟେସନ ସମ୍ମୁଖରେ ଏକ ହାଇଡ୍ରା ଗାଡି (ଓଡି ୦୧ଏଆର୮୩୭୪) ଷ୍ଟେସନ ତଳ ରାସ୍ତା ରେ ଯାଉଥିବା ସମୟ ରେ ବିପରୀତ ଦିଗରୁ ବାଇକରେ ଆସୁଥିବା ଯୁବକ ସହ ମୁହାଁ ମୁହିଁ ଧକ୍କା ହୋଇଥିଲା। ଘଟଣା ସ୍ଥଳ ରେ ଯୁବକ ଜଣକ ଗୁରୁତର ହୋଇ ପଡି ଥିବା ବେଳେ, ସ୍ଥାନୀୟ ଲୋକ ଙ୍କ ସହାୟତା କ୍ରମେ ଯୁବକଙ୍କୁ ପ୍ରଥମେ ବସ୍ତା ମେଡିକାଲ ପରେ ବାଲେଶ୍ୱର ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଗୁରୁତର ଯୁବକ ହେଲେ ପଶ୍ଚିମବଙ୍ଗର ଭଗବାନଗୋଲା ଥାନା, ମୁରସିଦାବାଦ ଅଞ୍ଚଳର ଅଲେମ ଶେଖ ଙ୍କ ୨୯ ବର୍ଷ ର ପୁତ୍ର ଶେଜନୁଲ ଶେଖ ବୋଲି ଜଣାପଡିଛି। ଶେଜନୁଲ ଶେଖ ତାର ବନ୍ଧୁ ଇସ୍ମାଇଲ ଶେଖ ସହିତ ମିଶି ରେଳ ବିଭାଗର ଠିକାଦାର ଭାବେ କାମ କରୁଥିବା ବେଳେ, ଦୁର୍ଘଟଣା ଘଟଇଥିବା ହାଇଡ୍ରା ମଧ ରେଳବିଭାଗ କାର୍ଯ୍ୟ ରେ ଥିବା ଦେଖିବାକୁ ମିଳିଛି, ତେବେ ଦୁର୍ଘଟଣା ପରେ ଉକ୍ତ ଗାଡି ର ଡ୍ରାଇଭର, ହେଲ୍ପର ଫେରାର ଅଛନ୍ତି। ବସ୍ତା ପୋଲିସ ଘଟଣା ସ୍ଥଳ ରେ ପହଂଚି ତଦନ୍ତ କରୁଥିବା ବେଳେ, ଯୁବକଙ୍କ ପରିବାର ପକ୍ଷରୁ ଥାନା ରେ କୌଣସି ଅଭିଯୋଗ କରାଯାଇ ନାହିଁ।




# ବାରିପଦରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

ବାଲେଶ୍ୱର, ୧୦/୫ (ନି.ପ୍ର): ଜିଲ୍ଲା ଆଇନ ସେବା ପ୍ରାଧି୨କରଣ, ମୟୂରଭଞ୍ଜ ପକ୍ଷରୁ ବାରିପଦା ଠାରେ ଜିଲ୍ଲା ଓ ଦୌରାଜଜଙ୍କ କାର ?ୟାଳୟ ପରିସରରେ ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଲୋକ ଅଦାଲତରେ ମୋଟ ୯୩୫୪ ଟି ମାମଲା ମଧ୍ୟରୁ ୨୪୯୧ ଟି ମାମଲାର ଅପୋଷ ବିଚାର ହୋଇ ମୋଟ ୨,୧୩,୮୭,୦୨୦ ଟଙ୍କା ଅଦାୟ ପାଇଁ ସମାଧାନ ହୋଇଥିବା ଜଣାପଡିଛି । ଜିଲ୍ଲା ଓ ଦୌରାଜକ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧକ୍ଷ ଶ୍ରୀ ଅରବିନ୍ଦ ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଲୋକ ଅଦାଲତରେ ପ୍ରାକ ମକଦ୍ଦମା ସମ୍ପର୍କିତ ୪୭୨୪ ଗୋଟି ମାମଲା ମଧ୍ୟରୁ ୨୩୬ ଟି ଅଦାଲତରେ ଅପୋଷ ବିଚାର ହୋଇ ୯୯ ଲକ୍ଷ ୨୪ ହଜାର ୭୨ ଟଙ୍କା ଆଦାୟ ପାଇଁ ସମାଧାନ ହୋଇଥିଟବା ଜଣା ପଡ଼ିଛି । ସେହିପରି ବକେୟା ଥି ବା ବିଭିନ୍ନ ଶ୍ରେଣୀଭୁକ୍ତ ୪୬୩୦ ଗୋଟି ମାମଲା ମଧ୍ୟରୁ ଏନ. ଆଇ. ଆକ୍ଟ ଧାରା ୧୩୮ ଅନ୍ତର୍ଗତ ୧୪୭ ଟି ମାମଲା ମଧ୍ୟରୁ ୧୮ ଟି, ବ୍ୟାଙ୍କ ଋଣ ଅଦାୟ ସମ୍ବନ୍ଧିତ ୮୪ ଟିରୁ ୧୩ ଟି, ମୋଟର ଯାନ ଦୁର୍ଘଟଣା ମାମଲା ୨୨୪ ଟି ରୁ ୫ ଟି, ବୈବାହିକ (ଛାଜପତ୍ର ବ୍ୟତୀତ) ସମ୍ବନ୍ଧୀୟ ୪୩ ଟି ମାମଲା ମଧ୍ୟରୁ ୨୧ ଟି, ରାଜସ୍ୱ ମାମଲା ୨୯୮୨ ଟି ମଧ୍ୟରୁ ୧୭୩୯ ଟି, ଅନ୍ୟାନ୍ୟ ଦେୱାନୀ ମାମଲା ୨୧୪ ଟି ମଧ୍ୟରୁ ୫୬ ଟି, ଓ ଅନ୍ୟାନ୍ୟ ଫୌଜଦାରୀ ମାମଲା ୪୦୩ ଟି ମିଶାଇ ମୋଟ ୨୨୫୫ ଟି ମାମଲାର ଫଇସଲା କରାଯାଇ ମୋଟ ୧,୧୪,୬୨,୯୪୮ ଟଙ୍କା ଆଦାୟ ପାଇଁ ସମାଧାନ ହୋଇଥିବା ଜଣାଯାଇଛି । ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ଶ୍ରୀମତୀ ରାଜଶ୍ରୀ ପଟ୍ଟନାୟକ ଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଲୋକ ଅଦାଲତରେ ପରିବାର ଅଦାଲତ ଜଜ ଶ୍ରୀମତୀ ପ୍ରଜ୍ୟୋତି ରାଉତ , ପ୍ରଥମ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ଶ୍ରୀ ସତ୍ୟନାରାୟଣ ପାତ୍ର, ଦ୍ୱିତୀୟ ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ ଶ୍ରୀ ସୁମନ କୁମାର ମିଶ୍ର, ସିନିୟର ସିଭିଳ ଜଜ (ଏଲ୍.ଆର ଓ ଏଲ୍.ଡି.ଭି ) ଶ୍ରୀ ସୁଦାମ ଚରଣ ଦାଶ, ସିନିୟର ସିଭିଲ୍ ଜଜ ଡା. ନିଶାକର ସାହୁ, ଅତିରିକ୍ତ ସିନିୟର ସିଭିଲ ଜଜ ଶ୍ରୀ ସୂର୍ଯ୍ୟ ଦାସ, ଦ୍ୱିତୀୟ ଅତିରିକ୍ତ ସିନିୟର ସିଭିଲ ଜଜ ଶ୍ରୀ କୈଳାଶ ସାହୁ, ରେଜିଷ୍ଟ୍ରାର ଶ୍ରୀ ନୀହାର ରଞ୍ଜନ ସାହୁ, ଏସ. ଡି. ଯେ. ଏମ. ଶ୍ରୀମତୀ କୁଣ୍ଡେଲ ପଟ୍ଟନାୟକ, ଜେ. ଏମ. ଏଫ,ସି-୧ ଶ୍ରୀମତୀ ଲକ୍ଷ୍ମୀପ୍ରିୟା ସ୍ୱାଇଁ, ଜେ.ଏମ.ଏଫ.ସି ଦୀପାଲୀ ଦାସ ଜେ.ଏମ.ଏସ.ସି କୁମାରୀ ମଧୁଶ୍ରବା ମହାନ୍ତି, କୁମାରୀ ସୀମା ଅଗରୱାଲା, ଶ୍ରୀ ଶୁଭ୍ରାଂଶୁ ଠାକୁର ସମେତ ଅନ୍ୟାନ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଓ ମାମଲା ସମାଧାନ ନିମନ୍ତେ ଗଠନ ହୋଇଥିଧବା ବିଭିନ୍ନ ବେଞ୍ଚ ରେ ନିଯୁକ୍ତ ଥିସବା ସଦସ୍ୟ ତଥା ସରକାରୀ ଓକିଲ ହିମାଂଶୁ କୁମାର ପାଣିଗ୍ରାହୀ, ଆଇନଜୀବୀ ତାପସ କୁମାର ଦତ୍ତ, ପ୍ରଦୀପ କୁମାର ଜେନା, ପ୍ରଣତୀ ମୁର୍ମୁ ଓ ଜୟଶ୍ରୀ ଦାସ ତଥା ବାରିପଦା ଓକିଲ ସଂଘର ଅନ୍ୟ ଆଇନଜୀବୀ ତଥା ବିଭିନ୍ନ ରାଷ୍ଟ୍ରୀୟତ/ ଘରୋଇ ବ୍ୟାଙ୍କ ଅଧିକାରୀ ଓ ଅନ୍ୟାନ୍ୟ କର୍ମଚାରୀ ମାନେ ସହଯୋଗ କରିଥିଲେ ।

# ବୁର୍ଲା ସରକାରୀ ହାଇସ୍କୁଲର ପ୍ଲାଟିନମ୍ ଜୁବୁଲି ସମ୍ମିଳନୀ

ସମ୍ବଲପୁର, ୧୦/୫ (ନି.ପ୍ର): ଆଜି ବୁର୍ଲା ହାଇସ୍କୁଲ ପଲାଟିନମ୍ ଜୁବୁଲିର ଏକ ସମ୍ମିଳନୀ ବୁର୍ଲା ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସଂଘ ର ସଭାପତି ନିରଞ୍ଜନ ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ । ଏହି ବୈଠକ ରେ ଜୁବୁଲି କମିଟି ର ଅଧ୍ୟକ୍ଷ ରାଜ କିଶୋର ଜାଜୋଡିଆ ଆୟବ୍ୟୟ ର ବିଷଦ ବିବରଣୀ ଉପସ୍ଥାପନ କରିଥିଲେ । ଏହି ସମାବେଶରେ ଉପାଧ୍ୟକ୍ଷ ରମେଶ ଚନ୍ଦ୍ର ଆଚାର୍ଯ୍ୟ ଉପ ସଭାପତି ସୁରେଶ ପଣ୍ଡା, ସମ୍ପାଦକ ଦେବାଶିଷ ନନ୍ଦ, ଯୁଗ୍ମ ସମ୍ପାଦକ ରଶ୍ମିରଞ୍ଜନ ଶତପଥୀ କୋଷାଧ୍ୟକ୍ଷ ନୟନ କୁମାର ନାୟକ, କାର୍ଯ୍ୟାଳୟ ସମ୍ପାଦକ ଅନୁପ ପଣ୍ଡା, ଉପଦେଷ୍ଟା ଡ଼. ବିଜୟ କୃଷ୍ଣ ତ୍ରିପାଠି ଦେବେନ୍ଦ୍ର କପାନି, ପ୍ରଦ୍ୟୁମ୍ନ ମିଶ୍ର, ଲକ୍ଷ୍ମୀ ମହାନ୍ତି, ଦିପ୍ତୀକାନ୍ତ ଠାକୁର, ସୁଶାନ୍ତ ଗୁରୁ, ଦୀପେନ ପଟ୍ଟନାୟକ, ପ୍ରଭାତ ପଟ୍ଟନାୟକ, ରଜନି କାନ୍ତ ନାଗ, ସୁଧୀର ମହାରଣା, ପ୍ରମୋଦ ଦାଶ ଗୋବର୍ଦ୍ଧନ ଗୌଡ଼, ଡ଼ା ଦେବେନ୍ଦ୍ର ମହାଳିକ ଅଶ୍ୱିନୀ ଚୌଧୁରୀ ଶିବ ଦଳାଇ ପ୍ରମୁଖ ଅଶ୍ୱିନୀ ଚୌଧୁରୀ ପ୍ରମୁଖ ଉପସ୍ଥିତ ରହି ନିଜ ନିଜର ସୁଚିନ୍ତିତ ମତ ପ୍ରଦାନ କରିଥିଲେ । ଉକ୍ତ ବୈଠକ ରେ ପରବର୍ତ୍ତୀ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରାଯାଇଥିଲା । ଶେଷରେ ଉପଦେଷ୍ଟା ତଥା କାର୍ଯ୍ୟ ନିର୍ବାହୀ ସଭାପତି ସୁରିନ୍ଦର ସିଂହ କାବଲି ଧନ୍ୟବାଦ ଅର୍ପଣ କରି ଥିଲେ ।

❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Editor: Sairindhree Sahoo
❐ Managing & Executive Editor : Srustidhar Parida